

ଶ୍ରଦ୍ଧା ସ୍ମରଣିକାଙ୍କୁ ସ୍କୁଲ୍ ଚେସ୍ ଟାଇଟଲ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 43 ◆ISSUE-27 ◆MONDAY ◆21 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୭ ◆ସୋମବାର ◆୨୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସିରିଆରେ ସାମ୍ପ୍ରଦାୟିକ ଦଙ୍ଗା; ୧୦୦୦ ମୃତ



■ **ଦାମାସକସ୍, ୨୦।୭ (ଏଜେନ୍ସି):** ମଧ୍ୟପ୍ରାଚ୍ୟ ଦେଶ ସିରିଆର ଦ୍ରୁଜ ବହୁଳ କ୍ଷେତ୍ର ସ୍ୱେଦାରେ ସାମ୍ପ୍ରଦାୟିକ ଦଙ୍ଗା ଉଗ୍ରରୂପ ଧାରଣ କରିଛି। ଗତ ଏକ ସପ୍ତାହ ମଧ୍ୟରେ ହୋଇଥିବା ହିଂସା କାଣ୍ଡରେ ଏପର୍ଯ୍ୟନ୍ତ ୧୦୦୦ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ବ୍ରିଟେନ ସ୍ଥିତ ସିରିଆର ଆବଜରଭେଟରୀ ଫର ହ୍ୟୁମାନ ରାଇଟ୍ସ କହିଛି। ଏହି ଅଞ୍ଚଳରେ ମେସିନଗନ ଓ ମୋର୍ଟାର ଗୁଳିଗୋଳାର ଶବ୍ଦ ଶୁଣିବାକୁ ମିଳିଛି। ଏହି କ୍ଷେତ୍ରରେ ଅସ୍ତ୍ରବିରତି ଲାଗୁ କରିବାରେ ସରକାର ବିଫଳ ହୋଇଛନ୍ତି। ଦ୍ରୁଜ ସମ୍ପ୍ରଦାୟ ଓ ବେଦୁଇନ୍ ଜନଜାତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ସିରିଆର ଦକ୍ଷିଣ ଭାଗରେ ସୁରକ୍ଷାବାହିନୀ ନିୟୋଜିତ କରାଯାଇଥିଲେ ମଧ୍ୟ ହିଂସା ରୋକିବାରେ ସଫଳ ହୋଇନାହାନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସରକାର ସୈନ୍ୟ ପଠାଇଥିଲେ। ତେବେ ଦ୍ରୁଜ୍ ଯୋଦ୍ଧାମାନେଙ୍କ ସହିତ ସେନାର ସଂଘର୍ଷ ହୋଇଥିଲା। ଶନିବାର ଦ୍ରୁଜ୍ ଓ ବେଦୁଇନ୍ ପୁଣି ମୁହାଁମୁହିଁ ହୋଇଥିଲେ। ତେବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସିରିଆ ସରକାର କହିଛନ୍ତି।

## ବିଧାନସଭାରେ ଗେମ୍ ଖେଳିଲେ ମହାରାଷ୍ଟ୍ର କୃଷିମନ୍ତ୍ରୀ



### ଦିନକୁ ରାଜ୍ୟରେ ୮ ଚାଷୀ କରୁଛନ୍ତି ଆତ୍ମହତ୍ୟା: ବିରୋଧୀ

### ତିନି ମାସରେ ୭୫୦ ଚାଷୀଙ୍କ ଆତ୍ମହତ୍ୟା; ସରକାର ଶୋଇଛନ୍ତି

■ **ମୁମ୍ବାଇ, ୨୦।୭ (ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭାରେ ବସି କୃଷିମନ୍ତ୍ରୀ ମାଣିକରାଓ କୋକାଟେ ଗେମ୍ ଖେଳୁଥିବାର ଦେଖାଯାଉଛି। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ ମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାଜ୍ୟରେ ଦିନକୁ ୮ ଚାଷୀ ଆତ୍ମହତ୍ୟା କରୁଥିବାବେଳେ କୃଷିମନ୍ତ୍ରୀ ବେସ୍ ଗେମ୍ ଖେଳିବା ଲଜ୍ଜାଜନକ ବୋଲି କହିଛନ୍ତି। ବିରୋଧୀ କୃଷିମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ରବିବାର ସଂସଦ ଭବନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ଏନ୍‌ସିପି (ଏସ୍‌ପି) ସାଂସଦ ସୁପ୍ରିୟା ସୁଲେ କହିଥିଲେ ଯେ କୃଷିମନ୍ତ୍ରୀ ତୁରନ୍ତ ପଦରୁ ଇସ୍ତଫା ଦେବା ଉଚିତ। ସେ ଇସ୍ତଫା ନ ଦେଲେ ମୁଖ୍ୟମନ୍ତ୍ରୀ ତାଙ୍କୁ ବାହାର କରିବା ଆବଶ୍ୟକ। ରାଜ୍ୟରେ ଗତ ତିନି ମାସରେ ପ୍ରାୟ ୭୫୦ ଚାଷୀ ଆତ୍ମହତ୍ୟା କଲେଣି। ଏଭଳି ଜରୁରୀ ସମୟରେ ଚାଷୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ କୃଷିମନ୍ତ୍ରୀ ବିଧାନସଭାରେ ▶ପୃଷ୍ଠା-୭

# ମରଣ ସହ ଯୁଝୁଛନ୍ତି ବଳଙ୍ଗା ପୀଡ଼ିତା

### ୭୫% ଦଗ୍ଧ; ସ୍ଥିତି ସଙ୍କଟାପନ୍ନ: ଦିଲ୍ଲୀ ଏମ୍ସ

### ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ନିଆଗଲା

### ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ପୀଡ଼ିତା



■ **ଭୁବନେଶ୍ୱର, ୨୦।୭ (ସମିସ):** ଦୁର୍ବୃତ୍ତଙ୍କ ପାଶବିକ ଅତ୍ୟାଚାରର ଶିକାର ହୋଇ ଜଳି ଯାଇଥିବା ବଳଙ୍ଗା ଥାନା ଅଞ୍ଚଳର ୧୫ବର୍ଷୀୟା ପୀଡ଼ିତାଙ୍କୁ ଆଜି ଏୟାରଲିଫ୍ଟ କରାଯାଇଛି। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍‌ସରୁ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି।

ପୀଡ଼ିତାଙ୍କୁ ଗତକାଲି ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ହେଲେ ଉନ୍ନତ ଚିକିତ୍ସା ପାଇଁ ତାଙ୍କ ପରିବାର ସହ ଆଲୋଚନା ପରେ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ପୀଡ଼ିତାଙ୍କୁ ସ୍ଥାନାନ୍ତର ପାଇଁ କମିସନରେଟ ପୁଲିସ ପକ୍ଷରୁ ଭୁବନେଶ୍ୱର ଏମ୍‌ସରୁ ବିଜୁ ପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ଗ୍ରୀନ କରିଡର୍‌ର ବ୍ୟବସ୍ଥା କରିଥିଲା। ଗୋଟିଏ ପାଖ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏମ୍‌ସରୁ ଆମ୍ବୁଲାନ୍ସ ବାହାରିବା ପରେ ଖଣ୍ଡଗିରି, ଫାୟାରଷ୍ଟେସନ୍, ଓୟୁଏଟି, ଗଙ୍ଗନଗର, ସୁର୍ କମ୍ପାନୀ ଛକ ଦେଇ ଏୟାରପୋର୍ଟ ନିଆଯାଇଥିଲା। ଦିନ ପ୍ରାୟ ସାଢ଼େ ୧୨ଟାରେ ବାହାରିଥିବା ଏସ୍କର୍ଟ ୧୨ଟା ୪୧ରେ ଏୟାରପୋର୍ଟରେ ପହଞ୍ଚିଥିଲା। ପୀଡ଼ିତାଙ୍କୁ ମାତ୍ର ୧୧ ମିନିଟରେ ବିମାନବନ୍ଦରର ପହଞ୍ଚା ଯାଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରିଙ୍କ ସମେତ ଏକ ଡାକ୍ତରୀ ଟିମ୍ ପୀଡ଼ିତାଙ୍କ ସହ ଏମ୍‌ସରୁ ବିମାନବନ୍ଦର ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ ଆପୋଲୋର ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ପୀଡ଼ିତାଙ୍କ ସହ ତାଙ୍କ ପରିବାରର ସଦସ୍ୟ ମଧ୍ୟ ଦିଲ୍ଲୀ ଯାଇଛନ୍ତି।

ସୂଚନାଯୋଗ୍ୟ, ଗ୍ରୀନ କରିଡର ଓ ଟ୍ରାଫିକ ପରିଚାଳନା ପାଇଁ କମିସନରେଟ୍ ପୁଲିସ୍ ପକ୍ଷରୁ ୭୯ ଟ୍ରାଫିକ୍ କନେଷ୍ଟବଳ, ୨ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ଏସ୍କର୍ଟ ପାର୍ଟି ମୁତୟନ ହୋଇଥିଲେ।

ସେପଟେ, ପୀଡ଼ିତା ଦିଲ୍ଲୀ ଏମ୍‌ସରେ ପହଞ୍ଚିବା ପରେ ଡାକ୍ତରଖାନା ପକ୍ଷରୁ ଆଜି ସଂଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବୁଲେଟିନ୍ ଜାରି ହୋଇଛି। ରବିବାର ଅପରାହ୍ଣ ୪ଟା ୨୦ରେ ଦିଲ୍ଲୀ ଏମ୍‌ସରେ ପହଞ୍ଚିଛନ୍ତି। ତାଙ୍କୁ ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବ୍ଲକ୍‌ର ବର୍ଣ୍ଣ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ୭୫ପ୍ରତିଶତ ଜଳିଯାଇଥିବା ବେଳେ ସେ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ରହିଛନ୍ତି ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ପୀଡ଼ିତା ବିପିଏସ୍ ୫ ଆଇସିୟୁ ବେଡ୍ ନଂ-୧୨ରେ ଚିକିତ୍ସିତ ହେଉଥିବା ବେଳେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା ତଦାରଖ କରୁଛନ୍ତି।

### ଆଜିଠୁ ସଂସଦର ମୌସୁମୀ ଅଧିବେଶନ

## ଓଡ଼ିଶା, ବିହାର, ପହଲଗାମ ପ୍ରସଙ୍ଗରେ ତାତିବ ଗୃହ



### ଜଷ୍ଟିସ ବର୍ମାଙ୍କ ବିରୋଧରେ ଆସିବ ମହାଭିଯୋଗ ପ୍ରସ୍ତାବ

### ସମସ୍ତ ଆଲୋଚନା ପାଇଁ ପ୍ରସ୍ତୁତ: ମନ୍ତ୍ରୀ

■ **ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି):** ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ବିହାର, ପହଲଗାମ ଏବଂ ଅପରେସନ ସିନ୍ଦୂର ପ୍ରସଙ୍ଗରେ ସରଗରମ ହେବାର ସମ୍ଭାବନା ରହିଛି। ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ଆଭାସ ମିଳିଛି। ସରକାର ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି। ଏହି ଅଧିବେଶନରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ବର୍ମାଙ୍କୁ ବହିଷ୍କାର କରିବା ଲାଗି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ମଧ୍ୟ ଆଗତ କରାଯିବ।

ସଂସଦର ବର୍ଷାକାଳୀନ ଅଧିବେଶନ ଅବ୍ୟବହିତ ପୂର୍ବରୁ ଆଜି ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଡକାଯାଇଥିଲା। ବୈଠକରେ ବିରୋଧୀ ଦଳମାନେ ଅନ୍ୟାନ୍ୟ ପ୍ରସଙ୍ଗ ସମେତ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏଥିରେ ସରକାରୀ ଗୁଇନ୍ଦାର ବିଫଳତା, ଅପରେସନ ସିନ୍ଦୂର ବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରାଇଥିବା ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ତଥା ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ବିବାଦ କଥା ଉଠାଇଥିଲେ। ଓଡ଼ିଶାରେ ନାରୀ ନିର୍ଯ୍ୟାତନା କଥା ବି ଉଠିଥିଲା। ବିଜେଡି ସାଂସଦ ସସ୍ମିତ ପାତ୍ର କହିଥିଲେ ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟର ଏଭଳି ପରିସ୍ଥିତି ପାଇଁ କେନ୍ଦ୍ର ନିଜ ଉପରୁ ଦାୟିତ୍ୱ ଖସାଇପାରିବ ନାହିଁ। ▶ପୃଷ୍ଠା-୭

## ଡିଏଫ୍‌ଓ ନା ଜମିଦାର୍ !

### ପତ୍ନୀ, ପୁଅଝିଅ ଓ ନିଜ ନାମରେ ୧୧୫ ପ୍ଲଟ୍

### ତାରକା ହୋଟେଲ ପରି ବହୁତଳ କୋଠା ବି ରହିଛି

### ଜଙ୍ଗଲୀ ବାବୁଙ୍କ ଘରେ ମିନି ଅସ୍ତ୍ରାଗାର



■ **ଭୁବନେଶ୍ୱର/କେନ୍ଦୁଝର/ଓଡ଼ଗାଁ, ୨୦।୭ (ସମିସ):** ଜମିଦାର ଡିଏଫ୍‌ଓଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଭିଜିଲାନ୍ସ ଟିମ୍। ଏପରିକି ବାବୁଙ୍କ ସମ୍ପତ୍ତିକୁ ଆକଳନ କରିବା ଭିଜିଲାନ୍ସ ପକ୍ଷେ କଷ୍ଟକର ହୋଇପଡ଼ିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଆଜି ଭିଜିଲାନ୍ସ ଟିମ୍ ଚଢଉ କରିବା ପରେ ଏଭଳି ସମ୍ପତ୍ତି ଠାବ ହୋଇଛି। ବାବୁଙ୍କ ପରିବାର ଏବଂ ତାଙ୍କ ନାମରେ ୧୧୫ଟି ପ୍ଲଟ୍ ରହିଛି। ଯାହାକି ଭିଜିଲାନ୍ସ ଇତିହାସରେ ସରକାରୀ ବାବୁଙ୍କ ସର୍ବାଧିକ ପ୍ଲଟ୍। ଭିଜିଲାନ୍ସ ଜାଲରେ ପଡ଼ିଥିବା କୌଣସି ସରକାରୀ କର୍ମଚାରୀଙ୍କ ନାମରେ ଏତେ ସଂଖ୍ୟକ ପ୍ଲଟ କେବେ ଠାବ କରାଯାଇ ନାହିଁ ବୋଲି କୁହାଯାଉଛି।

ଆଜି ଡିଏଫ୍‌ଓ ନିତ୍ୟାନନ୍ଦଙ୍କ ପୈତୃକ ବାସଭବନ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇଥିଲା। ବନ୍ତଲ ଥାନା ମଦନମୋହନ ପାଟଣାରେ ଗାଁ ଘର, ଜଗନ୍ନାଥ ପୁରରେ ଶଶୁର ଘର, କେଉଁଝରେ ଡିଏଫ୍‌ଙ୍କ ଅଫିସ୍, କେଉଁଝର ସରକାରୀ କ୍ୱାର୍ଟର୍ସ, ନୟାଗଡ଼ରେ କୋମଣ୍ଡା ସ୍ଥିତ ତାଙ୍କ ପୁଅଙ୍କ ଆବାସିକ ଘର ଓ କୋମଣ୍ଡା ସ୍ଥିତ ପିଏଚସିରେ ଥିବା ତାଙ୍କ ପୁଅଙ୍କ ଚ୍ୟାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇଥିଲା। ଚଢଉରେ ୩ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ। ନିତ୍ୟାନନ୍ଦଙ୍କ ନାମରେ କଳାଧନ ଅର୍ଜନର ଅଭିଯୋଗ ଆସିବା ପରେ ▶ପୃଷ୍ଠା-୭

## ଆସୁଛି ବଡ଼ ବର୍ଷା

■ **ଭୁବନେଶ୍ୱର, ୨୦।୭ (ସମିସ):** ଆସନ୍ତା ୨୪ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପରବର୍ତ୍ତୀ ସମୟରେ ସଦୃଶ ଲଘୁଚାପ ଓ ପରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୨୩-୨୬ ପର୍ଯ୍ୟନ୍ତ ବର୍ଷା ହେବ। ଏହି ସମୟରେ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏମିତି କି ଉତ୍ତର ଓଡ଼ିଶାର କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ (୨୦ସେମି.ରୁ ଅଧିକ) ବର୍ଷା ହୋଇପାରେ।

ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ। ଏଥିପାଇଁ ରାଜ୍ୟରେ ଏବେ ମୁଖ୍ୟତଃ ଖରାଟିଆ ପାଗ ରହୁଛି। ବାୟୁମଣ୍ଡଳରେ ଜଳୀୟବାଷ୍ପ ଅଧିକ ରହୁଥିବାରୁ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ମଧ୍ୟ ହେଉଛି। ମାତ୍ର ୨୪ ତାରିଖରେ ଲଘୁଚାପ ଯୋଗୁଁ ୨୨ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୩ରୁ ବର୍ଷା ବଢ଼ିବ। ▶ପୃଷ୍ଠା-୭

### ପ୍ରଶ୍ନପତ୍ର ଲିକ୍: ରାତିଅଧିଆ ଓଟିଇଟି ପରୀକ୍ଷା ବାତିଲ୍

## ୭୫ହଜାର ପରୀକ୍ଷାର୍ଥୀ ହଟହଟା

### ୧୪୦୦ ଫି' ସତ୍ତ୍ୱେ ସୁରକ୍ଷିତ ପରୀକ୍ଷା କରିବାରେ ବିଫଳ

### ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଅଭିଯୋଗ

■ **ଭୁବନେଶ୍ୱର, ୨୦।୭ (ସମିସ):** ଭାଇରାଲ୍ ହେଲା ପ୍ରଶ୍ନପତ୍ର। ତେଣୁ, ରାତିଅଧିଆ ବାତିଲ୍ ହେଲା ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)। ପରୀକ୍ଷା ଦେବାକୁ କିଛି ପରୀକ୍ଷାର୍ଥୀ ପୂର୍ବଦିନ ଏବଂ ଆଉ କିଛି ଭୋର୍ ସକାଳୁ ବାହାରିଥିଲେ। କିନ୍ତୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ପରୀକ୍ଷା ବାତିଲ୍ ହୋଇଥିବା ଜାଣିବାକୁ ପାଇଲେ। ଫଳରେ ରାଜ୍ୟବ୍ୟାପୀ ପ୍ରାୟ ୭୫ ହଜାର ପରୀକ୍ଷାର୍ଥୀ ଆଜି ହଟହଟା ହୋଇଛନ୍ତି। କିଛି ପରୀକ୍ଷା କେନ୍ଦ୍ରରୁ ଫେରିଥିବା ବେଳେ ଆଉ କିଛି ଅଧା ବାଟରୁ ଫେରିଛନ୍ତି। ତେବେ, ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପରିଚାଳିତ ଏହି ପରୀକ୍ଷାର ପ୍ରଶ୍ନପତ୍ର କିପରି ଭାଇରାଲ୍ ହେଲା, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରବିବାର ସକାଳ ୯ରୁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆରମ୍ଭ ହେବାର ଥିଲା। ଏହାର ଘଣ୍ଟାଏ ପୂର୍ବରୁ ଅର୍ଥାତ୍ ୮ଟାରେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିଥା'ନ୍ତେ ପରୀକ୍ଷାର୍ଥୀ। ପରୀକ୍ଷା ଆରମ୍ଭର ୧୫ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ସିଲ୍ ଖୋଲିବା କଥା। ହେଲେ ଶନିବାର ଅପରାହ୍ଣରୁ ଭାଇରାଲ୍ ହେଉଛି ପ୍ରଶ୍ନପତ୍ର। ହ୍ୱାଟସ୍‌ଆପ୍‌ରେ ଭାଇରାଲ୍ ହେଉଥିବା ପ୍ରଶ୍ନପତ୍ର ଫେସ୍‌ବୁକ୍‌ରେ ଭାଇରାଲ୍ ହେବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଦ ହଜିଥିଲା। ମୂଳ ପ୍ରଶ୍ନପତ୍ର ସହ ଭାଇରାଲ୍ ହେଉଥିବା ପ୍ରଶ୍ନପତ୍ରର ସାମଞ୍ଜସ୍ୟ ଥିବାରୁ ରାତି ଅଧରେ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରାଯାଇଛି। ହେଲେ ପ୍ରଶ୍ନପତ୍ର ଭାଇରାଲ୍ କିପରି ହେଲା, ତାହା ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିଲ୍ ହୋଇଥିବା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ବେଳେ କେଉଁଠି ସିଲ୍ ଖୋଲାଯାଇଛି ନା ପ୍ରଶ୍ନପତ୍ର ପ୍ରସ୍ତୁତି ବେଳେ ଏହାର ନକଲ କରାଯାଇଛି? ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଖୋଲା ହୋଇନଥିବାରୁ ସେଠାରୁ ଭାଇରାଲ୍ ହେବାର ଆଶଙ୍କା ନାହିଁ। ଏପରି ସ୍ଥିତିରେ ବୋର୍ଡ ▶ପୃଷ୍ଠା-୭

## ଦୁଇ କାର୍ ମୁହାଁମୁହିଁ ଧକ୍କା, ୩ ମୃତ

■ **ସୁନାବେଡ଼ା, ୨୦।୭ (ସମିସ):** ଶନିବାର ବିଳମ୍ବିତ ରାତିରେ ୨୬ ନମ୍ବର ଜାତୀୟ ରାଜପଥର ସୁନାବେଡ଼ା ଟିଟିଏସ୍ ଫାଟକ ସମ୍ମୁଖରେ ଦୁଇଟି କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଦୁଇଜଣ ଗୁରୁତର ହୋଇ ବିଶାଖାପାଟଣାରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ, ସୁନାବେଡ଼ା ଏଇଏଫ୍ କଲୋନୀର ଆଶୁତୋଷ ରଣା (୨୪), ସୁନାବେଡ଼ା ଡିପି କ୍ୟାମ୍ପର ଦିବ୍ୟରଞ୍ଜନ ପାତ୍ର (୨୪) ଏବଂ ଗଞ୍ଜାମ କଲୋନୀର ବିକାଶ କୁମାର ପାତ୍ର (୨୫)।

ସୂଚନାନୁସାରେ, ଶନିବାର ରାତିରେ ଏକ ଧଳା ରଙ୍ଗର ଟାଟା ସଫାରୀ କାର୍ କୋରାପୁଟରୁ ଦାମନଯୋଡ଼ି ଯାଉଥିବା ବେଳେ ସୁନାବେଡ଼ା ଟିଟିଏସ ମୁଖ୍ୟଗେଟ୍ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ନୀଳ ରଙ୍ଗର କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଆଶୁତୋଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସୁନାବେଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତର



୫ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିବ୍ୟରଞ୍ଜନ ଓ ବିକାଶଙ୍କର ମୃତ୍ୟୁ ହୋଇଥିଲା। ଗୁରୁତର ଆହତ ଗଞ୍ଜାମ କଲୋନୀର ମୋହନ ହରିଜନଙ୍କ ପୁଅ କୈଳାସ ହରିଜନ (୩୦) ଏବଂ ଅନ୍ୟ ଜଣକୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଉଭୟେ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସବ୍-ଇନ୍ସପେକ୍ଟର୍ ଚରଣ ସିଂ ମାଝୀ ଘଟଣାର ତଦନ୍ତ କରୁଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହଗୁଡ଼ିକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର ସୂଚନା ଦେଇଛନ୍ତି।

## ୫ କିଲୋ ଚାଉଳ ପାଇଁ ଗାଡ଼ିଭଡ଼ା ୧୦୦

■ **ଲାଞ୍ଜିଗଡ଼, ୨୦।୭ (ସମିସ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି; ହେଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ଏଭଳି ୧୧ଟି ଗାଁ ଅଛି ଯେଉଁଠି ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ଗାଁ ଲୋକଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ସାତ ସପନ ହୋଇ ରହିଛି। ବର୍ଷ ବର୍ଷ ଧରି ଏହି ଆଦିବାସୀ ଗ୍ରାମଗୁଡ଼ିକର ୨୧୫ ପରିବାର ପାହାଡ଼ ଘେରା ଅପହଞ୍ଚ ଅଞ୍ଚଳରେ ବହୁ କଷ୍ଟରେ ଜୀବନ କାଟୁଛନ୍ତି। ଏମାନେ ନିଜର ବିଭିନ୍ନ ସମସ୍ୟା ନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ଗୁହାରୀ ଜଣାଇଥିଲେ ମଧ୍ୟ ପ୍ରତିଶ୍ରୁତି ଛଡ଼ା କୌଣସି ସୁଫଳ ମିଳି ନଥିବା କହିଛନ୍ତି। ସବୁଠୁ ସାଙ୍ଘାତିକ ବିଷୟ ହେଉଛି ମାଗଣା ଚାଉଳ



ଆଣିବା ପାଇଁ ଏମାନଙ୍କୁ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଗୁଣ୍ଡୁରୀ ପଞ୍ଚାୟତର ଏହି ୧୧ଟି ଗାଁ ହେଉଛି ହାତୀମୁଣ୍ଡା, କାରକଟା, କୋଟେଜୋର, ଅଦଲାଡ଼ୁ, ତରଙ୍ଗଲ, ମାଡ଼ିବନ୍ଧା, ଗମପେନୁ, ବିଜେପୁର, ସାଡାଙ୍ଗପଦର, ଡମେର ଓ ଦାରବେଙ୍ଗ। ବ୍ଲକ ମୁଖ୍ୟାଳୟଠାରୁ ଏସବୁ ଗାଁର ଦୂରତା ୬୦କିଲୋମିଟର। ଗୁଣ୍ଡୁରୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୩୦ରୁ ୩୫ କିଲୋମିଟର। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଏହି ଗାଁଗୁଡ଼ିକଠାରୁ ୧୦/୧୫ କିମି ପଡୁଥିଲା; ହେଲେ ରେଳ ପ୍ରକଳ୍ପ ଲାଗି ଏମାନେ ବିସ୍ଥାପିତ ହେବା ପରେ ଦୂରତା ବଢିଗଲା। ୧୯୮୪ରେ ରେଳ ପ୍ରକଳ୍ପ ପାଇଁ ସର୍ଭେ ହୋଇଥିଲା। ୧୯୯୪ରେ ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ମିଳିଲା। ୨୦୦୬ରେ କ୍ଷୟକ୍ଷତି ବାବଦକୁ ଟଙ୍କା ପ୍ରଦାନ କରାଯାଇଥିଲା। ଏହାପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଫଳରେ ଅଧିକାଂଶ ଗାଁକୁ ବିସ୍ଥାପିତ କରାଯାଇଥିଲା। ୨୦୧୭ ମସିହାରେ ପ୍ରକଳ୍ପ କାମ ଶେଷ ହୋଇଥିଲା; ହେଲେ ପ୍ରକଳ୍ପରେ ପାଣି ରହିବା ଫଳରେ ସମସ୍ୟା ବଢି ଯାଇଛି। ପାହାଡ଼, ନାଳ, ଝରଣା, ଘଞ୍ଚ ଜଙ୍ଗଲ ଓ ଘାଟିର ପାଦଚଲା ରାସ୍ତା ଦେଇ ଲୋକଙ୍କୁ ୩୦ରୁ ୩୫ କିଲୋମିଟର ଯିବାକୁ ପଡୁଛି। ଫଳରେ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଲୋକଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବା ସମ୍ଭବ ହୋଇ ନ ଥାଏ। ଏହି ଗାଁଗୁଡ଼ିକୁ ଆମ୍ବୁଲାନ୍ସ ଯିବା ପାଇଁ ମଧ୍ୟ ରାସ୍ତା ନାହିଁ। ଫଳରେ ଗର୍ଭବତୀ, ପ୍ରସୂତି ▶ପୃଷ୍ଠା-୭

## ପତ୍ନୀଙ୍କୁ ଭୁଲିଗଲେ ଶିବରାଜ



**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରକୃଷି ମନ୍ତ୍ରୀ ଶିବରାଜ ସିଂଙ୍କୁ ନେଇ ଏକ ମଜାଦାର ଘଟଣା ସାମ୍ନାକୁ ଆସିଛି। ବିମାନ ଧରିବାକୁ ଯାଇ ତରବରରେ ସେ ପତ୍ନୀ ସାଧନା ସିଂଙ୍କୁ ସାଥିରେ ନେବାକୁ ଭୁଲିଯାଇଥିଲେ। ସେ ସାଧନାଙ୍କୁ ଛାଡି ୨୨ଟି ଗାଡିର କାରକେଡ ସହ ଜୁନାଗଡରୁ ରାଜକୋଟ ଅଭିମୁଖେ ଚାଲିଯାଇଥିଲେ। ପିନଟ (ବାଦାମ) ରିସର୍ଚ୍ଚ ସେଣ୍ଟରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ରାଜକୋଟ୍ ବାହାରି ଥିଲେ। କିନ୍ତୁ ଏକ କିମି ଯିବା ପରେ ସାଧନାଙ୍କୁ ସାଥିରେ ଆଣି ନ ଥିବା କଥା ସେ ହୃଦୟଙ୍ଗମ କରିଥିଲେ। ଏହାପରେ ସେ ତୁରନ୍ତ ୟୁଟର୍ଣ୍ଣ ନେଇଥିଲେ ଓ ୱେଟିଂ ରୁମ୍‌ରେ ବସିଥିବା ପତ୍ନୀଙ୍କୁ ସାଥିରେ ଆଣି ପୁଣି ରାଜକୋଟ ଅଭିମୁଖେ ଯାତ୍ରା କରିଥିଲେ। ଶିବରାଜଙ୍କ ଏହି ଭୁଲାପଣକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।

## 'ଡନ୍'ର ନିର୍ଦ୍ଦେଶକ ଚନ୍ଦ୍ରବାରୋଟ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ବର୍ଷୀୟାନ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଚନ୍ଦ୍ର ବାରୋଟ ରବିବାର ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ମିଲେନିୟମ ଷ୍ଟାର ଅମିତାଭ ବଚନଙ୍କ ଅନ୍ୟତମ ସୁପର ହିଟ୍ ସିନେମା 'ଡନ୍' ସିନେମାର ନିର୍ଦ୍ଦେଶନା ଦେଇଥିଲେ। ଡନ୍ ୧୯୭୮ରେ ମୁକ୍ତିଲାଭ କରିଥିଲା ଓ ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିଲା। ମୃତ୍ୟୁବେଳକୁ ତାଙ୍କ ପାଖରେ ପତ୍ନୀ ଦୀପା ବାରୋଟ ଉପସ୍ଥିତ ଥିଲେ। ଜଣାଶୁଣା ନିର୍ଦ୍ଦେଶକ ଫରହାନ ଅଖତାର ଏହି ସିନେମାକୁ ଦ୍ୱିତୀୟଥର ପାଇଁ ଶାହରୁଖ ଖାନ୍‌ଙ୍କୁ ନେଇ ବନାଇଥିଲେ ଓ ଏହା ମଧ୍ୟ ହିଟ୍ ହୋଇଥିଲା। ସେ ବେଙ୍ଗଲି ସିନେମା ଆଶ୍ରିତ (୧୯୮୯), ପ୍ୟାର ଭରା ଦିଲ୍ (୧୯୯୧) ଭଳି ସିନେମାର ନିର୍ଦ୍ଦେଶନା ଦେଇଥିଲେ। ଫରାହାନ ଅଖତାର ଏବେ ଡନ୍ ସିନେମାର ତୃତୀୟ ସିକ୍ୱେଲ ବନାଇବାକୁ ଯାଉଛନ୍ତି। ଏଥିରେ ସେ ରଣବୀର ସିଂ ଓ କିର୍ତ୍ତୀ ସାନନଙ୍କୁ ମୁଖ୍ୟ ଚରିତ୍ରରେ ନେଇଛନ୍ତି।


## ସେନାକୁ ମିଳିବ ଆପାଚେ ହେଲିକପ୍ଟର



**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ପନ୍ଦର ମାସ ବିଳମ୍ବ ପରେ ଭାରତୀୟ ବାୟୁସେନାକୁ ମିଳିବାକୁ ଯାଉଛି ଏଏଚ୍-୬୪ଇ ଆଟାକ ଆପେଚେ ଚପ୍ପର ତଥା ହେଲିକପ୍ଟର। ଏହା ମଙ୍ଗଳବାର ଭାରତୀୟ ସେନାରେ ଆନୁଷ୍ଠାନିକ ଭାବେ ସାମିଲ ହେବ। ଅପରେସନ ସିନ୍ଦୂରକୁ ଦୃଷ୍ଟିରେ ରଖି ଭାରତୀୟ ସେନା ଏଥିସହ ପଶ୍ଚିମ ସୀମାରେ ନିଜର ସ୍ଥିତିକୁ ଆହୁରି ମଜଭୁତ କରିବ। ୨୦୨୦ରେ ଭାରତ ୬ଟି ଆପାଚେ ଆଟାକ ହେଲିକପ୍ଟର ପାଇଁ ୬୦୦ ମିଲିଅନ ଆମରେକୀୟ ଡଲାର ତଥା ୫, ୧୭୨ କୋଟି ଟଙ୍କାରେ ଆମେରିକା ସହ ଚୁକ୍ତି କରିଥିଲା। ୨୦୨୪ ଜୁନ୍‌ରେ ଏହି ହେଲିକପ୍ଟର ଭାରତକୁ ମିଳିବାର ଥିଲା। କିନ୍ତୁ ଯୋଗାଣ ଶୃଙ୍ଖଳାରେ ବାଧା ଓ କେତୋଟି ବୈଷୟିକ ତ୍ରୁଟି କାରଣରୁ ଏହା ମିଳିବାରେ ବିଳମ୍ବ ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ୩ଟି ଲେଖାଏ ହେଲିକପ୍ଟର ଭାରତ ଆସିବ। ଦ୍ୱିତୀୟ ପର୍ଯ୍ୟାୟରେ ବାକି ୩ଟି ହେଲିକପ୍ଟର ଚଳିତବର୍ଷ ଶେଷ ଆଡକୁ ଭାରତ ଆସିବ।

## ସାଉଦି ଆରବର ସ୍ଲିପିଙ୍ଗ ପ୍ରିନ୍ସଙ୍କ ପରଲୋକ

**ରିୟାଦ,୨୦।୭(ଏଜେନ୍ସି):** ସାଉଦି ଆରବ ରାଜକୁମାର ଅଲ ବଲିଦ୍ ବିନ ଖାଲିଦ୍ ବିନ ତଲାଲ ଅଲ ସାଉଦଙ୍କ ପରଲୋକ ହୋଇଛି। ଗତ ୨୦ ବର୍ଷ ହେବ ସେ କୋମାରେ ରହିଥିଲେ। ସେ ସ୍ଲିପିଙ୍ଗ ପ୍ରିନ୍ସ ଅର୍ଥାତ ଶୋଇଥିବା ରାଜକୁମାର ରୂପେ ଜଣାଶୁଣା ଥିଲେ। ସେ ସାଉଦି ଆରବ ରାଜ



**୨୦ ବର୍ଷ ହେବ କୋମାରେ ଥିଲେ**

ପରିବାରର ବରିଷ୍ଠ ସଦସ୍ୟ ପ୍ରିନ୍ସ ଖଲିଦ ବିନ ତଲାଲଙ୍କ ପୁଅ ଓ ଆରବପତି ପ୍ରିନ୍ସ ଅଲ ବଲିଦ ବିନ ତଲାଲଙ୍କ ଭଣଜା ଥିଲେ। ସେ ୧୯୯୦ରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ୨୦୦୫ରେ ଲଣ୍ଡନରେ ଏକ ମିଲିଟାରୀ ଟ୍ରେନିଂ ଅବସରରେ ସେ ଭୟଙ୍କର ସଡକ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲେ। ଏଥିରେ ସେ ମସ୍ତିଷ୍କ ଆଘାତର ସମ୍ମୁଖୀନ ହୋଇଥିଲେ ଓ ଇଣ୍ଟରନାଲ ବ୍ଲିଡିଂ ହେବାରୁ ସେ କୋମାକୁ ଚାଲିଯାଇଥିଲେ। କିନ୍ତୁ ତାଙ୍କ ପରିବାର ହାର ମାନି ନ ଥିଲେ ଓ ତାଙ୍କ ଚିକିତ୍ସା ଜାରି ରଖିଥିଲେ। ଆମେରିକା ଓ ସ୍ପେନର ଡାକ୍ତରମାନେ ତାଙ୍କୁ ଚିକିତ୍ସା କରୁଥିଲେ। ଶେଷରେ ତାଙ୍କୁ ଡାକ୍ତର ଅଚେତ ଘୋଷଣା କରିଥିଲେ।

## ଇଏମ୍‌ଆଇ ପାଇଁ ପରିବାରର ୫ ସଦସ୍ୟଙ୍କ ଆତ୍ମହତ୍ୟା

**ଅହମଦାବାଦ୍,୨୦।୭(ଏଜେନ୍ସି):** ଗୁଜରାଟ ଅହମଦାବାଦ୍ ଜିଲ୍ଲାର ବଗୋଦରା ଗାଁରୁ ଶନିବାର ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଋଣଭାର ଏବଂ ଇଏମଆଇ ନ ଦେଇ ପାରି ଗୋଟିଏ ପରିବାର ୫ ଜଣ ସଦସ୍ୟ ଆତ୍ମହତ୍ୟା କରିଛନ୍ତି। ପତି, ପତ୍ନୀଙ୍କ ସମେତ ୩ ଜଣ ପିଲା ବିଷ ପିଇ ଜୀବନ ହାରିଛନ୍ତି। ବିପୁଲ ବାଘେଲା (୩୨) ଓ ପତ୍ନୀ ସୋନଲ (୨୬)ଙ୍କ ସମେତ ବଡ଼ ଝିଅ ସିମରନ (୧୧), ପୁଅ ମୟୂର (୮) ଓ ସାନ ଝିଅ ପ୍ରିନ୍ସ (୫) ରାତିରେ ବିଷ ପିଇଥିଲେ। ସକାଳୁ କେହି ଘର ବାହାରକୁ ଆସି ନ ଥିଲେ। ଫଳରେ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ଯାଞ୍ଚ ପରେ ସମସ୍ତେ ମୃତ ବୋଲି ଜଣାପଡିଥିଲା। ବିପୁଲ ଅଟୋ ଚଳାଉଥିଲେ। ସୂଚନା ମିଳିବା ପରେ ଘଟଣାସ୍ଥଳକୁ ପୁଲିସ ଆସିଥିଲା।

## ଜାହାଜରେ ନିଆଁ; ସମୁଦ୍ରକୁ ଡେଇଁ ୫ ମୃତ, ୧୩୦ ନିଖୋଜ

**ଜାକାର୍ତ୍ତା,୨୦।୭(ଏଜେନ୍ସି):** ଇଣ୍ଡୋନେସିଆର ଉତ୍ତର ସୁଲାବେସୀ ପ୍ରାନ୍ତରେ ରବିବାର ଦ୍ୱିପହରରେ ଏକ ଯାତ୍ରୀବାହି ଜାହଜରେ ନିଆଁ ଲାଗି ଯାଇଛି। ଏହା ଦେଖିବା ପରେ ଜୀବନ ବିକଳରେ ସମୁଦ୍ରକୁ ଡେଇଁ ୫ ଜଣ ପ୍ରାମ ହରାଇଛନ୍ତି। ଜାହାଜରେ ୨୮୦ ଯାତ୍ରୀ ଥିଲେ। ୧୫୦ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହୋଇଛି। ଜୀବନ ବଞ୍ଚାଇବାକୁ ଯାତ୍ରୀ ଜାହାଜରୁ ସମୁଦ୍ରକୁ ଡେଇଁବାକୁ ପଛାଇ ନ ଥିଲେ। ଆହୁରି ୧୩୦ ଜଣ ଯାତ୍ରୀଙ୍କୁ ଖୋଜା ଚାଲିଛି। କେଏମ ବାର୍ସିଲୋନା ୫ ନାମକ ଏହି ଜାହାଜ ତାଲୋଦ ଦୀପରୁ ମନାଡୋ ବନ୍ଦରକୁ ଯାଉଥିଲା। କିନ୍ତୁ ଅପରାହ୍ନ ୧.୩୦ରେ ଜାହଜାର ନିଆଁ ଲାଗିଥିଲା ଓ ଚାହୁଁ ଚାହୁଁ ନିଆଁ ସାରା ଜାହଜକୁ ବ୍ୟାପୀ ଯାଇଥିଲା। ନିଆଁ ଲାଗିବାର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କିଛି ଜଣାପଡିନାହିଁ ଓ ଏ ନେଇ ଯାଞ୍ଚ ଆରମ୍ଭ କରାଯାଇଛି। ୫ଜଣଙ୍କ ମୃତଦେଡ ଉଦ୍ଧାର କରାଯାଇଛି। ଏଥିରେ ଜଣେ ଗର୍ଭବତୀ ମହିଳା ସାମିଲ ରହିଛନ୍ତି।

## ୨୦ ଟଙ୍କା ପାଇଁ ମା'କୁ ମାରିଦେଲା ପୁଅ

**ନୁହ,୨୦।୭(ଏଜେନ୍ସି):** ମାତ୍ର ୨୦ ଟଙ୍କା ପାଇଁ ଜଣେ ପୁଅ ତା'ର ମାଆକୁ ହତ୍ୟା କରିଛି। ହରିୟାଣା ନୂହରେ ଏଭଳି ଘଟଣା ଘଟିଛି। ଜଣେ ନିଶାଶକ୍ତ ଯୁବକ ଏହି କାଣ୍ଡ ଘଟାଇଛି। ଶନିବାର ରାତିରେ ସେ ମାଙ୍କୁ ୨୦ ଟଙ୍କା ମାଗିଥିଲା। କିନ୍ତୁ ସକାଳେ ଦେବେ ବୋଲି ମା କହିଥିଲେ। କିନ୍ତୁ ମହିଳା ଜଣକ ସକାଳେ ଟଙ୍କା ଦେଇ ନ ଦେଇ ପରେ ଦେବେ ବୋଲି କହିଥିଲେ। ଫଳରେ କ୍ରୋଧରେ ଜାମସେଦ ତାଙ୍କୁ ତଳେ ପକାଇ ଏକ କୁରାଢୀରେ ହାଣିବା ସହ ବେକ କାଟି ଦେଇଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ମୃତ ମହିଳା ହେଉଛନ୍ତି ଜୟସିଂହପୁରର ରେଜିଆ। ବଡ଼ ପୁଅ ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେଇଥିଲେ। ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଅଭିଯାନ ଆରମ୍ଭ କରିଛି। ଅଭିଯୁକ୍ତ ୩ ଭାଇଙ୍କ ମଧ୍ୟରୁ ସବୁଠାରୁ ସାନ। ଜାମସେଦ ବିବାହ କରିଥିଲା। ତା ପତ୍ନୀ ୫ ବର୍ଷ ହେବ ବାପଘରେ ରହୁଥିଲେ। ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଭଲ ନଥିବାରୁ ସେ ନିଶା ସେବନ କରୁଥିଲା।

# 'ହିଟ୍ ଆଣ୍ଡ ରନ୍'ର ଦେଶ ପାଲଟିଛି ଭାରତ

## ବର୍ଷକୁ ଯାଉଛି ୨୨ ହଜାରରୁ ଅଧିକ ଜୀବନ

**ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି):**

ସଡ଼କ ଦୁର୍ଘଟଣା ଭାରତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡକୁ ଭାଙ୍ଗି ଦେଉଛି। ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଉଛି। ପିଲାଙ୍କୁ ଅନାଥ ହେବାକୁ ଛାଡ଼ି ଦେଉଛି। ଦେଶରେ ସଡ଼କ ଦୁର୍ଘଟଣା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ି ଚାଲିଛି। ଏହି କ୍ଷେତ୍ରରେ ଭାରତ ବିଶ୍ୱରେ ଅପକୀର୍ତ୍ତି ଅର୍ଜନ କରିଛି। ସଡ଼କ ଦୁର୍ଘଟଣାରେ ଭାରତରେ ସର୍ବାଧିକ ଜୀବନ ଯାଉଛି। ଏହାକୁ ରୋକିବାକୁ ଆଇନ ଅଛି, କିନ୍ତୁ ଲାଭ ମିଳୁନି। ଯେଉଁ ଉଦ୍ଦେଶ୍ୟ ନେଇ ନୂଆ ଟ୍ରାଫିକ ନିୟମ ଅଣାଯାଇଥିଲା ତାହା ମଧ୍ୟ ଫଳବତୀ ହୋଇପାରିଲା ନାହିଁ। କିଛି ରାଜ୍ୟ ସରକାର ଏହାକୁ ଲାଗୁ ମଧ୍ୟ କରିନାହାନ୍ତି। ଆଉ ଯିଏ କାର୍ଯ୍ୟକାରୀ କରିଛନ୍ତି ସିଏ ଜୋରିମାନା ରାଶିକୁ କମାଇ ଆଇନକୁ ଦୁର୍ବଳ କରିଦେଇଛନ୍ତି। ଦେଶରେ ସଡ଼କ ଦୁର୍ଘଟଣାର ଅଧିକାଂଶ ମାମଲା ହିଟ୍ ଆଣ୍ଡ ରନ୍‌ର ରହିଛି। ଡ୍ରାଇଭର ଲୋକଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଉଛି। ପୀଡ଼ିତ ବଞ୍ଚିଛି କି ମରିଛି ତାହା ମଧ୍ୟ ଦେଖୁନାହାନ୍ତି। ଉଚିତ ସମୟରେ ଚିକିତ୍ସା ନ ପାଇ ଅନେକ ଲୋକଙ୍କ ଜୀବନ ଚାଲି ଯାଉଛି। ଯେତେ ଆଇନ ଆସିଲେ ବି ସବୁ ବିଫଳ ହେଇ ଯାଉଛି। ନୂଆ ଟ୍ରାଫିକ ନିୟମରେ ଡ୍ରାଇଭର ଦୁର୍ଘଟଣା ଘଟାଇ ଫେରିଗଲେ କଡ଼ା ଦଣ୍ଡର ବ୍ୟବସ୍ଥା ଥିବାବେଳେ ଏହାକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ। ବର୍ଷକୁ ଏଭଳି ଦୁର୍ଘଟଣାରେ ୨୨ ହଜାର ଜୀବନ ଯାଉଥିବାବେଳେ ସଡ଼କ ସୁରକ୍ଷାକୁ ନେଇ ସରକାର କେତେ ସମ୍ବେଦନଶୀଳ ତାହା ଏଥିରୁ ଜଣାପଡୁଛି।

**୨୦୨୨ରେ ଯାଇଥିଲା ୩୦,୪୦୦ ଜୀବନ**

**ଦୋଷୀଙ୍କୁ ମିଳୁନି ଦଣ୍ଡ; ପୁଲିସ ବେଫିକର୍**

**ନ୍ୟାୟରୁ ବଞ୍ଚିତ ହେଉଛନ୍ତି ପୀଡ଼ିତ ପରିବାର**



ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ଅନୁଯାୟୀ ୨୦୨୨ରେ ହିଟ୍ ଆଣ୍ଡ ରନ୍ ମାମଲାରେ ୩୦, ୪୦୦ ଲୋକ ଜୀବନ ହରାଇଛନ୍ତି। ଏହା ୨୦୨୧ ତୁଳନାରେ ୧୭ ପ୍ରତିଶତ ଅଧିକ। ୨୦୨୨ରେ ଦେଶରେ ସଡ଼କ ଦୁର୍ଘଟଣାରେ ୧.୬୮ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା। ତେବେ ଦୁଃଖର ବିଷୟ ଏହି କି ଯେ ହିଟ୍ ଆଣ୍ଡ ରନ୍ ମାମଲାର ତଦନ୍ତ ବି ଠିକ୍‌ରେ ହେଉନାହିଁ। ପୁଲିସ ଏହାକୁ ଗୁରୁତର ସହ ନେଉନାହିଁ। ଫଳରେ ହିଟ୍ ଆଣ୍ଡ ରନ୍ ମାମଲା ପଛରେ ଥିବା ଉଦ୍ଦେଶ୍ୟ ବି ଜଣାପଡୁ ନାହିଁ। ଅପରାଧି ଖସି ପୁଣି ଆଉ କୋଉଠି ଦୁର୍ଘଟଣା ଘଟାଇ ମୁକ୍ତ ହୋଇ ବୁଲୁଛି। ପୀଡ଼ିତଙ୍କୁ ନ୍ୟାୟ ମିଳୁନି। ସତେ ଯେମିତି ଏମାନଙ୍କୁ ନ୍ୟାୟ ଦେବାରେ ଆଇନ ଅନ୍ଧ ପାଲଟି ଯାଇଛି। କିଛି ଦିନ ତଳେ ବିଶ୍ୱର ସବୁଠୁ ବୟସ୍କ ମାରାଥନର ଫୌଜା ସିଂହ ମଧ୍ୟ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇ ଥିଲେ। କିନ୍ତୁ ଚାପ ଯୋଗୁଁ ପୁଲିସ ଏହି ହିଟ୍ ଆଣ୍ଡ ରନ୍ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା। ତେବେ ୨୦୦୯ ମେ' ୫ରେ ଏପରି ଏକ ଘଟଣା ଘଟିଥିଲା ଉତ୍ତର ପ୍ରଦେଶ ବିଜନୌରରେ। ବରଯାତ୍ରୀରେ ଯାଉଥିବା ଅକ୍ଷୟ କୁମାର ସିଂହଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ପଳାଇ ଥିଲା। ଏଥିରେ ତାଙ୍କର ଏବଂ ଅନ୍ୟ ଜଣେ ବରଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଡ୍ରାଇଭର କିଛି ନ ଦେଖି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଅକ୍ଷୟଙ୍କ ମୁହଁ ଚାପି ହୋଇ ଯାଇଥିଲା। ପୁଅ ପିନ୍ଧିଥିବା ସାର୍ଟରୁ ବାପା ରାକେଶ ସିଂହ ତାଙ୍କୁ ଚିହ୍ନଟ କରିଥିଲେ। ସବୁ ଘଟଣା ପରି ଏଥିରେ ମଧ୍ୟ ପୁଲିସ ଏତଲା ରୁଜୁ କରି ବସି ଯାଇଥିଲା। ନ୍ୟାୟ ପାଇଁ ସଂଘର୍ଷ କରିଥିଲେ ବି ନ୍ୟାୟ ମିଳି ନ ଥିଲା। ପୁଲିସର ନିଷ୍କ୍ରିୟତା ଦେଖିବା ପରେ ପିଏସ୍‌ୟୁରେ କାମ କରୁଥିବା ରାକେଶ ନିଜେ ଦୋଷୀକୁ ଧରିବା ପାଇଁ ବାହାରି ପଡ଼ିଲେ। ଏଥିରେ ସେ ସଫଳ ହୋଇଥିଲେ ମଧ୍ୟ ନ୍ୟାୟ ବ୍ୟବସ୍ଥା ତାଙ୍କୁ ବିଫଳ କରିଦେଲା। ସେ ପ୍ରଥମେ ଉକ୍ତ ଟ୍ରକରେ ବେଆଇନ ଭାବେ ଖଣି ଖନନ କରି ସାମଗ୍ରୀକୁ ଓଭରଲୋଡ କରି ନିଆଯାଉଥିବା ଜାଣିବାକୁ ପାଇଥିଲେ। ପରେ ୧୫ ଦିନ ଭିତରେ ଡ୍ରାଇଭରକୁ ଧରିଥିଲେ। ସେ ସେହି ଟ୍ରକର ମାଲିକ ଥିଲା। ରାକେଶ ସବୁ ପ୍ରମାଣ ପୁଲିସକୁ ଦେଇଥିଲେ। ମାତ୍ର ଅଭିଯୁକ୍ତ ଜାମିନ ପାଇ ଯାଇଥିଲା ଏବଂ ୨୦୧୨ରେ ସେହି ଡ୍ରାଇଭର ମଦି ପିଇ ମରିଯିବା ପରେ ମାମଲାକୁ ବନ୍ଦ କରିଦିଆଯାଇଥିଲା। ପରେ ଶ୍ରୀ ସିଂହ ନିଜ ଚାକିରି ଛାଡ଼ି ଜଣେ ସାମାଜିକ କର୍ମୀ ଭାବେ ସଡ଼କ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ଏବେ ତାଙ୍କୁ ୬୨ ବର୍ଷ।

■ ମହାରାଷ୍ଟ୍ର ରାଜନୀତି ସରଗରମ

## ଫଡ୍‌ନାଭୀସଙ୍କୁ ଭେଟିଲେ ଆଦିତ୍ୟ ଠାକରେ

**ମୁମ୍ବାଇ, ୨୦।୭ (ଏଜେନ୍ସି):** ଉଦ୍ଧବ ଗୋଷ୍ଠୀର ଶିବସେନାକୁ ନେଇ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି। ଏହି ଗୋଷ୍ଠୀ ପୁଣିଥରେ ବିଜେପି ମେଣ୍ଟରେ ସାମିଲ ହେବ ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଅଫର ପାଇବାର ଦିନକ ପରେ ଉଦ୍ଧବ ଠାକରେ ଏବଂ ତାଙ୍କ ପୁଅ ଆଦିତ୍ୟ ଠାକରେ ତାଙ୍କୁ ଭେଟିବାକୁ ଯାଇଥିଲେ। ବିଧାନ ପରିଷଦ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଉଭୟେ ୨୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏହାର ଦିନକ ପରେ ଶନିବାର ସନ୍ଧ୍ୟାରେ ଉଦ୍ଧବଙ୍କ ପୁଅ ଆଦିତ୍ୟ ପୁଣି ଫଡନାଭୀସଙ୍କୁ ଭେଟିଛନ୍ତି। ମୁମ୍ବାଇର ସୋଫିଟେଲ ହୋଟେଲରେ ଉଭୟେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା କରିଥିବା ରିପୋର୍ଟ ଆସିଛି। ଅଲଗା ଅଲଗା କାର୍ଯ୍ୟକ୍ରମ ପାଇଁ ଦୁହେଁ ଏହି ହୋଟେଲକୁ ଯାଇଥିଲେ ବୋଲି କୁହାଯାଉଛି। ମାତ୍ର ଏହି ସାକ୍ଷାତ ଆଲୋଚନା ବିଜେପି-ଶିବେସନା ମଧ୍ୟରେ ମେଣ୍ଟ ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଉଛି। ମରାଠୀକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଥିବାବେଳେ ଦୁଇ ପୁରୁଣା ବନ୍ଧୁ ଦଳ ଫାଟକୁ ଭୁଲି ପୁଣି ଏକାଠି ହେବେ ବୋଲି କୁହାଯାଉଛି। ତେବେ ଉଭୟ ନେତା କୌଣସି ବୈଠକ ହୋଇ ନ ଥିବା କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏକ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ହୋଟେଲରେ ଥିଲେ, କିନ୍ତୁ ଆଦିତ୍ୟଙ୍କୁ ସେ ଭେଟି ନ ଥିଲେ। ଏହି ସମୟରେ ଆଦିତ୍ୟ ତାଙ୍କ ବନ୍ଧୁମାନଙ୍କ ସହ ହୋଟେଲରେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ୧୬ ତାରିଖରେ ଫଡନାଭିସ ପୁରୁଣା



ସହଯୋଗୀ ଉଦ୍ଧବଙ୍କୁ ତାଙ୍କ ସାମିଲ ହେବା ପାଇଁ ଆମନ୍ତ୍ରଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜେପି ତାଙ୍କ ସହ ବିରୋଧୀ ଦଳରେ ସାମିଲ ହେବାର ସମ୍ଭାବନା ନାହିଁ, କିନ୍ତୁ ସେ କ୍ଷମତାସୀନ ପକ୍ଷକୁ ଆସିପାରିବେ। ସୂଚନାଯୋଗ୍ୟ ଯେ ଦିଶା ସାଲିଆନଙ୍କ ମୃତ୍ୟୁକୁ ନେଇ ତାଙ୍କ ପିତା ସିଧାସଳଖ ଆଦିତ୍ୟ ଠାକରେଙ୍କୁ ଦୋଷ ଦେଇଛନ୍ତି। ଝିଅକୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେ ହାଇକୋର୍ଟରେ ମାମଲା ଦାଏର କରିଥିବାବେଳେ କ୍ଷମତାସୀନ ମେଣ୍ଟ ସହ ଉଦ୍ଧବ ଗୋଷ୍ଠୀ ଶିବସେନାର ଘନିଷ୍ଠତା ବଢ଼ିବ ଭିନ୍ନ କିଛି ଦିଗକୁ ଇଙ୍ଗିତ କରୁଛି।

**ଆମେରିକାରେ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କ କଳା ସାମ୍ରାଜ୍ୟ**

## ଔଷଧ ବଦଳରେ ସେକ୍ସ!

**ୱାଶିଂଟନ, ୨୦।୭ (ଏଜେନ୍ସି):** ଆମେରିକା ନ୍ୟୁଜର୍ସିରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏହାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଜଣେ ଡାକ୍ତର ଚିକିତ୍ସା କରିବା ବାହାନାରେ କଳା ସାମ୍ରାଜ୍ୟ ଚଳାଇ ଥିଲେ। ଶକ୍ତିଶାଳୀ ପେନ୍‌କିଲର ବଦଳରେ ଶାରୀରିକ ସମ୍ପର୍କ ରଖୁଥିଲେ। କ୍ଲିନିକକୁ ଔଷଧ କେନ୍ଦ୍ର କରି ରଖିଥିଲେ। ଏହି ଡାକ୍ତରଙ୍କ ଠିକଣାରୁ ୩୧ ହଜାର ଜାଲ୍ ପ୍ରେସକ୍ରିପସନ୍ ଜବତ କରାଯାଇଛି। ଆମେରିକାର ଫେଡାରାଲ ପ୍ରୋସିକ୍ୟୁଟର ଏଭଳି ବେଆଇନ କାର୍ଯ୍ୟ କରୁଥିବା ଭାରତୀୟ ବଂଶୋଦ୍ଭବ ଡାକ୍ତର ରିତେଶ କାଲରାଙ୍କ ବିରୋଧରେ ମାମଲା ଚାଲିଛି। ସେ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଠକିଥିବା ଅଭିଯୋଗ ହୋଇଛି। ସିକାସସ୍ ସହରର ଏହି ଚିକିତ୍ସକ ଫେୟାର ଲନ୍‌ରେ ପ୍ରାକ୍ଟିସ କରୁଥିଲେ। ସେ ନିଜ ମେଡିକାଲ ଅଫିସକୁ ଔଷଧ କେନ୍ଦ୍ର ଭାବେ ପରିଣତ କରି ବିନା ଆବଶ୍ୟକତାରେ ହଜାର ହଜାର ହାଇ-ଡୋଜ୍ ଓପିଓଡିସ, ଅକ୍ସିକୋଡନ ଏବଂ ପ୍ରୋମେଥାଜାଇନ ଭଳି ଔଷଧ ଲେଖୁଥିଲେ। ଆମେରିକା ଆଟର୍ଣ୍ଣି ଏଲିନା ହବା କହିଛନ୍ତି ଯେ ଏହି ଡାକ୍ତର ନିଜ ପେଶାକୁ ବ୍ୟବହାର କରି ନ୍ୟୁଜର୍ସିର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଠକୁଥିଲେ। ନିଜ ପଦବୀକୁ ନିଶାସକ୍ତ କରିବାକୁ ଏବଂ ଦୁର୍ବଳ ରୋଗୀଙ୍କୁ ଯୌନ ସମ୍ପର୍କ ରଖିବା ପାଇଁ ଉତ୍ପୀଡ଼ନ ଦେଉଥିଲେ।



**୩୧ ହଜାର ଜାଲ୍ ପ୍ରେସକ୍ରିପ୍‌ସନ**

୨୦୧୯ ଜାନୁଆରୀରୁ ୨୦୨୫ ଫେବୃଆରୀ ମଧ୍ୟରେ ସେ ପ୍ରାୟ ୩୧ ହଜାର ଅକ୍ସିକୋଡନ ପ୍ରେସ୍‌କ୍ରିପ୍‌ସନ ଲେଖିଥିଲେ। ସେ ବେଳେବେଳେ ଦିନକୁ ୫୦ରୁ ଅଧିକ ଏଭଳି ପ୍ରେସ୍‌କ୍ରିପ୍‌ସନ ଲେଖିଥିଲେ। ବେଆଇନ ଔଷଧ ଲେଖିବା ସହିତ ସେ ପରାମର୍ଶ ଦେବା ଏବଂ କାଉନସେଲିଂ ପାଇଁ ଅଧିକ ଦେୟ ନେଉଥିଲେ। ଏହି ମାମଲାରେ କାଲରାଙ୍କୁ ଗିରଫ କରାଯାଇଥିଲା। ତେବେ ଲକ୍ଷେ ଡଲାରର ବଣ୍ଡରେ ନ୍ୟୁୱାର୍କ ମାଜିଷ୍ଟ୍ରେଟ ଜଜ୍ ତାଙ୍କୁ ମୁକ୍ତ କରିଛନ୍ତି। ତାଙ୍କୁ ମେଡିକାଲ ପ୍ରାକ୍ଟିସ ନ କରିବାକୁ କୁହାଯାଇଛି। ଅନ୍ୟପଟେ କାଲରାଙ୍କ ଓକିଲ ସମସ୍ତ ଅଭିଯୋଗକୁ ଖାରଜ କରିଦେଇଛନ୍ତି। ସରକାରଙ୍କ ପ୍ରେସ୍ ବିଜ୍ଞପ୍ତି 'ସୁପରମାର୍କେଟ ଟାବଲୋଏଡ' ଭଳି ବୋଲି କହିଛନ୍ତି।

# ନିଶା ର୍‍ୟାକେଟ ଚଳାଉଥିଲେ ଡାକ୍ତର, ଜିମ୍ ଟ୍ରେନର୍

**ଭୋପାଳ, ୨୦।୭ (ଏଜେନ୍ସି):**

ମଧ୍ୟପ୍ରଦେଶ ଭୋପାଳରୁ ଏକ ବଡ଼ ଡ୍ରଗ୍ ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି। ଏହି କାରବାର ଜିମ୍ କ୍ଲିନିକ ଏବଂ ମହାବିଦ୍ୟାଳୟ ପରିସରରେ ଚାଲିଥିଲା। ଏହି ମାମଲାରେ ଦୁଇ ପ୍ରମୁଖ ନିଶା ଚାଲାଣକାରୀ ସୈଫୁଦିନ ଏବଂ ଆସୁ ଓରଫ ଶାହରୁଖକୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଜଣେ ଡାକ୍ତର ଏବଂ ଜଣେ ଜିମ୍ ଟ୍ରେନର ଏହି କାରବାରର ମୁଖ୍ୟ କାର୍ପଟଦାର ଥିଲେ। ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା ପାଇଁ ଏହି ଡାକ୍ତର ମେଫାଡ୍ରୋନ (ଏମଡି) ଡ୍ରଗ ଲେଖୁଥିଲେ। ସେହିପରି ଜିମ୍ ଟ୍ରେନର ମେଦ ହ୍ରାସ ପାଇଁ ମେଫାଡ୍ରୋନ ନେବାକୁ କହୁଥିଲେ। ଏହି କାରବାରରେ ଯୁବତୀ ଏବଂ ମହିଳାଙ୍କୁ ଡାଲ କରାଯାଉଥିଲା। ସେମାନେ ଡ୍ରଗ ନେଇ ସ୍ଲିମ ହୋଇଥିବା ଏବଂ ମନୋବଳ ବୃଦ୍ଧି କରୁଥିବା କହୁଥିଲେ। ଦୁଇ ଅଭିଯୁକ୍ତ କେବଳ ଡ୍ରଗ୍ ବିକୁ ନ ଥିଲେ, ଏଥିପାଇଁ ଏକ ବ୍ୟବସ୍ଥା ମଧ୍ୟ ଗଢ଼ିଥିଲେ।

ପୁଲିସ ସୂଚନା ଅନୁଯାୟୀ ନିଶା କାରବାର ବୃଦ୍ଧି କରିବା ପାଇଁ ଉଭୟ ଅଭିଯୁକ୍ତ ଡାକ୍ତର, ଜିମ ଟ୍ରେନର ଏବଂ ପାର୍ଟି ପ୍ରମୋଟରଙ୍କ ସହାୟତା ନେଇ ଯୁବଗୋଷ୍ଠୀଙ୍କୁ ଏହି ଅନ୍ଧକାର ମଧ୍ୟକୁ ଠେଲି ଦେଉଥିଲେ। ଏଥିପାଇଁ ଫିଟ୍‌ନେସ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଦ୍ୱାହି ଦେଉଥିଲେ। ଆଉ ଏହି ଡ୍ରଗ ଥରେ ନେବା ପରେ ସେମାନେ ଏହି ଯନ୍ତାରୁ ବାହାରି ପାରୁ ନ ଥିଲେ। ଦୁଇ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୧୫.୧୪ ଗ୍ରାମ ଏମଡି ଗୁଣ୍ଡ, ଗୋଟିଏ ସ୍କୁଟି

**ଓଜନ ହ୍ରାସ, ମାନସିକ ଚିକିତ୍ସା ଆଳରେ ବିକୁଥିଲେ ଡ୍ରଗ୍ସ**

**ଗଢ଼ିଥିଲେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା**

ଏବଂ ଫୋନ ଜବତ କରିଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏପରି ଏକ ବ୍ୟବସ୍ଥା ତିଆରି କରାଯାଇଥିଲା ଯେଉଁଥିରେ ଓଜନ ହ୍ରାସ, ଶକ୍ତି ବୃଦ୍ଧି, ମାନସିକ ସ୍ଥିତିକୁ ଭଲ ରଖିବାକୁ ନିଶା ଦିଆଯାଉଥିଲା। ଏଥିପାଇଁ ପ୍ରେସକ୍ରିପସନ୍ ମଧ୍ୟ ଲେଖା ଯାଉଥିଲା। ନିଜ ଚେହେରାକୁ ନେଇ ଚିନ୍ତିତ ଥିବା ଯୁବ ଗୋଷ୍ଠୀଙ୍କୁ ଏହି ନିଶା କାରବାରୀ ନିଶାଣ କରୁଥିଲେ। ଜିମ୍ ମାଧ୍ୟମରେ ନିଶା ଦ୍ରବ୍ୟ ବିକୁଥିଲେ। ଠକ ଡାକ୍ତରଙ୍କୁ ଏହି ର୍‍ୟାକେଟରେ ସାମିଲ କରି ଅବସାଦଗ୍ରସ୍ତ ଏବଂ ଚିଡ଼ଚିଡ଼ା ରୋଗରେ ପୀଡ଼ିତଙ୍କ ପାଇଁ ପ୍ରେସକ୍ରିପସନ୍ ଲେଖାଉ ଥିଲେ। ପରେ ନିଶା ଦେଇ ଯୁବତୀଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଉଥିଲା ଏବଂ ଅପରାଧ ମଧ୍ୟକୁ ଠେଲି ଦିଆଯାଉଥିଲା ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି।

ଅଭିଯୁକ୍ତମାନେ ଭୋପାଳର ବଡ଼ ପାର୍ଟିକୁ ମଧ୍ୟ ଡ୍ରଗ୍ସ ଯୋଗାଉ ଥିଲେ। ଝିଅଙ୍କୁ ବ୍ୟବହାର କରି ହନିଟ୍ରାପ କରୁଥିଲେ। ଏଭଳି ଝିଅଙ୍କୁ ମାଗଣାରେ ଡ୍ରଗ୍ସ ଦେଇ ଅନ୍ୟମାନଙ୍କୁ ସାମିଲ କରାଇବାକୁ କହୁଥିଲେ। ନୂଆ ଝିଅ ସାମିଲ ହେବା ପରେ ମାଗଣାରେ ଡ୍ରଗ୍ସ ଦେଉଥିଲେ। ଚେନ୍ ମାର୍କେଟିଂ ମାଧ୍ୟମରେ ଯୁବ ପିଢିକୁ ସାମିଲ କରୁଥିଲେ। ଏହି ବ୍ୟବସ୍ଥାରେ ଜିମ୍, ଥେରାପି କ୍ଲିନିକ, ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ନାଇଟ କ୍ଲବ ଗୁଡିକୁ ସାମିଲ କରିଥିଲେ। ଏମାନେ ମଧ୍ୟବିତ୍ତ ପରିବାରର ପିଲା, କଲେଜ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଥିଲେ। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଗୋବିନ୍ଦପୁରାର ସବ୍‌ଜି ମଣ୍ଡି ଟିନ୍ ସିଡ ଅଞ୍ଚଳରୁ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ଟ୍ରେଲର-ବାଇକ୍ ଧକ୍କା; ୨ ମୃତ



ଡୁରୁମୁଙ୍ଗା/କରଞ୍ଜିଆ, ୨୦।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ସାହାରପଡ଼ା ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ପାଟଣା ଥାନା ଜଗାନାଳି ଗ୍ରାମର ଅଣ୍ଡ ମୁଣ୍ଡା ଓ ସରୋଜ ମହାନ୍ତ। ଏକ ବାଇକ୍‌କୁ ଟ୍ରେଲର୍ ମୁହାଁମୁହିଁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ସୂଚନାନୁଯାୟୀ, ଅଣ୍ଡ ଓ ସରୋଜ ଏକ ବାଇକ୍‌ରେ କୌଣସି କାମରେ ଯାଉଥିବା ବେଳେ ସାହାରାପଡ଼ା ପେଟ୍ରୋଲ ପମ୍ପ ନିକଟରେ ସେମାନଙ୍କୁ ଟ୍ରେଲର୍‌ଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅଣ୍ଡଙ୍କ ମୃତ୍ୟୁ ଘଟିଥିବା ବେଳେ ସରୋଜଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ କରଞ୍ଜିଆ ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାହାରପଡ଼ା ଫାଣ୍ଡି ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଅଟକ ରଖି ତଦନ୍ତ ଚଳାଇଛି।

## ଟୋଲ୍‌ଗେଟ୍ ଉପରକୁ ମାଡ଼ିଗଲା କାର୍

### ପ୍ରାକ୍ତନ ଅଧ୍ୟାପକଙ୍କ ମୃତ୍ୟୁ





ବୈଶିଙ୍ଗା/ବେତନଟୀ, ୨୦।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ୍‌ରେ ରବିବାର ଭୋର୍‌ରେ ଏକ ବଡ଼ ଅଘଟଣ ଘଟିଛି। ଏକ ଦ୍ରୁତଗାମୀ କାର୍ ଭାରସାମ୍ୟ ହରାଇ ଟୋଲ୍ ଗେଟ୍‌ର ୩ ନମ୍ବର ବୁଥ୍ ଉପରକୁ ମାଡ଼ିଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ବାରିପଦା ଶ୍ରୀମା' ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ରାଜଦୀପ ପଟ୍ଟନାୟକ। ସେ ବିଜେଡି ନେତ୍ରୀ ଛବି ମାହାଲିଙ୍କ ସ୍ୱାମୀ। ସେହିପରି, ଆହତ ଜଣଙ୍କ ହେଲେ ଅଜୟ ନାଏକ। ଉଭୟ ଏକ କାର୍ (ଓଡି -୧୧ଏମ -୬୭୧୬)ରେ ବାରିପଦା ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଦୁର୍ଘଟଣା ପରେ ଟୋଲଗେଟ୍ କର୍ମଚାରୀ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ସେଠାରୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାଜଦୀପଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ୍ ସହାୟତାରେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ମାମଲା ରୁଜୁ କରିଛି। ରାଜଦୀପଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପରେ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଆଉ କେତେ ଅଘଟଣ ପରେ ଚେତିବେ ସରକାର

- ବଢ଼ିଚାଲିଛି ଦୁଷ୍କର୍ମ, ହତ୍ୟା, ଲୁଟ୍‌ପାଟ୍
- ପୁଲିସ ଏବଂ ପ୍ରଶାସନକୁ ଅପରାଧୀଙ୍କ ଭୟନାହିଁ
- ପୁଲିସ ଉପରୁ ଲୋକଙ୍କ ଭରସା ବି ତୁଟିଗଲାଣି

ଭୁବନେଶ୍ୱର, ୨୦।୭ (ସମିସ): ରାଜ୍ୟରେ ଏବେ ମହିଳା ଅସୁରକ୍ଷିତ ହୋଇପଡ଼ିଛନ୍ତି। ଅପରାଧୀଙ୍କ ନା ପୁଲିସକୁ ଭୟ ଅଛି ନା ପ୍ରଶାସନକୁ। ମନଇଚ୍ଛା ଯାହା ଚାହୁଁଛନ୍ତି, ସେୟା କରୁଛନ୍ତି। କାହାକୁ ହତ୍ୟା କରୁଛନ୍ତି ତ ଆଉ କାହାକୁ ଜୀବନ୍ତ ପୋଡ଼ି ଦେଉଛନ୍ତି। ବିନା ଭୟରେ ଦୁଷ୍କର୍ମ କରିବାକୁ ବି ପଛାଉ ନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଭଳି ଜଘନ୍ୟ କାଣ୍ଡ ଘଟାଇବା ପରେ ସେମାନେ ଅତି ସହଜରେ ଚମ୍ପଟ ମାରୁଛନ୍ତି। ଅଧିକାଂଶ ମାମଲାରେ ନା ପୁଲିସ ସେମାନଙ୍କୁ ଗିରଫ କରିପାରୁଛି ନା ପୀଡ଼ିତଙ୍କୁ ନ୍ୟାୟ ଦେଇପାରୁଛି। ପ୍ରଶାସନ କେବଳ ମୃତବ୍ୟକ୍ତିଙ୍କୁ କ୍ଷତିପୂରଣ ଦେଇ ବସିପଡୁଛି। ଫଳରେ ରାଜ୍ୟରେ ପୁଣି ସମଧରଣର ଆଉ ଏକ ଘଟଣା ଘଟୁଛି। ଗତ କିଛି ମାସ ହେବ, ରାଜ୍ୟରେ ଘଟୁଥିବା କେତେକ ଅପରାଧ ଉପରେ ନଜର ପକାଇଲେ, ଏହା ସ୍ପଷ୍ଟ ହେଉଛି।

ଗୋପାଳପୁର ଗଣଦୁଷ୍କର୍ମ ଘଟଣାଠାରୁ ଆରମ୍ଭ କରି ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଏବଂ ଗତକାଲିର 'ବଳଙ୍ଗା' ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ନିଆଁ ଜଳୁଛି। ରାଜ୍ୟରେ ଘଟୁଥିବା ଏକାଧିକ ଘଟଣା ଜାତୀୟ ମାନବିକ ଅଧିକାର ଆୟୋଗ, ମହିଳା ଆୟୋଗଙ୍କୁ ବିବ୍ରତ କରିପକାଇଲାଣି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ବି କ୍ଷୁବ୍ଧ। ରାଜ୍ୟବାସୀ ବି ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ହେଲେ, ପ୍ରଶାସନ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆଉ ଏଭଳି କେତେ ଅଘଟଣ ଘଟିଲେ, ସରକାର ଚେତିବେ ବୋଲି ଏବେ ପ୍ରଶ୍ନ ଉଠିଲାଣି।

ଗତ ଜୁନ୍ ୧୬ ତାରିଖରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କ ଗଣଦୁଷ୍କର୍ମ କରାଯାଇଥିଲା। ଗଣଦୁଷ୍କର୍ମ ଘଟଣାରେ ପୁଲିସ ମୋଟ ୧୦ ଜଣଙ୍କୁ ଗିରଫ କରିଛି। ୧୦ଜଣଙ୍କ ମଧ୍ୟରେ ୬ଜଣ ନାବାଳକେ ଅଛନ୍ତି। ସେହିପରି ରାୟଗଡ଼ା ଜିଲ୍ଲାରେ ଜୁଲାଇ ୧୨ତାରିଖରେ ପ୍ରେମୀଯୁଗଳଙ୍କୁ ଲଙ୍ଗଳ ପକାଇ ହଳ ବୁଲାଇଥିଲେ। ଜୁଲାଇ ୧୩ ତାରିଖରେ କୋରାପୁଟରେ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିଥିଲା। ପ୍ରେମ କରିବାରୁ ଗାଁ ଦାଣ୍ଡରେ ବଳଦ କରି ହଳ ବୁଲାଇଲେ ଗ୍ରାମବାସୀ। ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ପଡ଼ିଥିବା ଦେଖିବାକୁ ମିଳିଥିଲା। ଜୁନ୍ ୨୩ରେ ଗଞ୍ଜାମ ଧରାକୋଟ ଖାରିଗୁମ୍ମା ଗାଁରେ ଗୋ-ତସ୍କରୀ ଅଭିଯୋଗ ଆଣି ଟଙ୍କା ଲୋଭରେ ଦୁଇ ଦଳିତଙ୍କୁ ପିଟିଲେ ଲୋକେ। ଗାଁ ଦାଣ୍ଡରେ ଲଣ୍ଡା କରି ପାଟିରେ ଘାସ ଦେଇ ଆଣ୍ଠେଇଲେ ଏପରିକି, ନର୍ଦ୍ଦମା ପାଣି ବି ପିଇବାକୁ ବାଧ କଲେ। ସେହିପରି, ଜୁନ୍ ୩୦ ତାରିଖରେ ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ବିଜେପି କର୍ପୋରେଟର୍ ଏବଂ ଅନ୍ୟ ସହଯୋଗୀମାନେ ଆକ୍ରମଣ କରିଥିଲେ। ଗତ ଶନିବାରରେ ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନପାଇବାରୁ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ। ଗତକାଲି ପୁଣି ବଳଙ୍ଗା ଥାନା ଅଞ୍ଚଳରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଦୁର୍ବୃତ୍ତ ଅପହରଣ କରିନେଇ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପୁଲିସ ପ୍ରତି ଅପରାଧୀଙ୍କ ଭୟ ନଥିବା ସ୍ପଷ୍ଟ ରୂପେ ବାରି ହୋଇପଡୁଛି।

### ପରକୀୟା ପ୍ରୀତି ସନ୍ଦେହ ନେଲା ଜୀବନ

## ସ୍ତ୍ରୀକୁ ହତ୍ୟା କରି ନଦୀରେ ଫିଙ୍ଗିଦେଲା



ବଣାଇଁ/ରାଉରକେଲା, ୨୦।୭ (ସମିସ): ବୁଲାଇବା ବାହାନାରେ ସ୍ତ୍ରୀକୁ ସାଥିରେ ନେଲା। ସେଠାରେ ହତ୍ୟା କରିବା ପରେ ଅଖାରେ ବାନ୍ଧି ଶବକୁ ନଦୀରେ ଫିଙ୍ଗିଦେଲା। ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ପଙ୍କଡିହି ତଥା ଜଡ଼ା ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ହତ୍ୟାର ଶିକାର ମହିଳାଜଣଙ୍କ ହେଲେ, ଜୟନ୍ତୀ କୁଜୁର। ଆଜି ସଂଧ୍ୟାରେ ରାଜଗାଙ୍ଗପୁର ନିକଟସ୍ଥ କାନ୍ସବାହାଲ ନିକଟରୁ ଏକ ଅଖାବସ୍ତା ଭିତରୁ ଜୟନ୍ତୀଙ୍କ ଶବକୁ ପୁଲିସ୍ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଜୟନ୍ତୀଙ୍କୁ ଗତକାଲି ହତ୍ୟା କରିବା ପରେ ସ୍ୱାମୀ ଲକ୍ଷ୍ମଣ ଓରାମ ଆଜି ଥାନାରେ ଆତ୍ମସମର୍ପଣ କରିଥିଲା। ପୁଲିସ୍ ତାକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପରପୁରୁଷ ସହ ସ୍ତ୍ରୀର ଅନୈତିକ ସଂପର୍କ ଥିବା ସନ୍ଦେହ କରି ଲକ୍ଷ୍ମଣ ଏପରି ନାରକୀୟ କାଣ୍ଡ ଘଟାଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଛି।

ସୂଚନାନୁଯାୟୀ, ଜୟନ୍ତୀ ଜଣେ ଅଙ୍ଗନବାଡ଼ି କର୍ମୀ। ସେ ପଙ୍କଡ଼ିହି ପଞ୍ଚାୟତ ଅଧୀନ ଜଡା ଅଙ୍ଗନବାଡ଼ିରେ କାର୍ଯ୍ୟରତ। ଗତକାଲି ଅଙ୍ଗନବାଡ଼ିରୁ ଜୟନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏହାକୁ ନେଇ ନାନା ଚର୍ଚ୍ଚା ହୋଇଥିଲା। ହେଲେ ଆଜି ଲକ୍ଷ୍ମଣ ଗୁରୁଣ୍ଡିଆ ଥାନାରେ ଆତ୍ମସମର୍ପଣ କରି ସତ ଓଗାଳିଥିଲା। ଜୟନ୍ତୀଙ୍କୁ ହତ୍ୟା କରି ବ୍ରାହ୍ମଣୀ ନଦୀରେ ଫୋପାଡ଼ି ଦେଇଥିବା ନେଇ ଥାନାରେ ସ୍ୱୀକାର କରିଥିଲା। ହେଲେ, କେଉଁଠାରେ ମୃତଦେହ ଫୋପାଡ଼ିଥିଲା; ସେନେଇ ଭିନ୍ନଭିନ୍ନ କଥା କହିବା ଯୋଗୁଁ ଆଜି ଦିନତମାମ ପୁଲିସ୍ ନାକେଦମ ହୋଇଥିଲା। ଶେଷରେ ଆଜି ସନ୍ଧ୍ୟାରେ ରାଜଗାଙ୍ଗପୁର ନିକଟସ୍ଥ କାନ୍ସବାହାଲ ନିକଟରୁ ଏକ ଅଖା ଭିତରୁ ଜୟନ୍ତୀଙ୍କ ଶବ ଜବତ କରିଥିଲା। ଅଭିଯୁକ୍ତ ଲକ୍ଷ୍ମଣ ବାରମ୍ବାର ବିଭ୍ରାନ୍ତିକର ତଥ୍ୟ ଦେବାରୁ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ହଇରାଣ ହୋଇଥିଲା।

୨୦୧୯ ମସିହାରେ ଜଡ଼ା ଗ୍ରାମର ଲକ୍ଷ୍ମଣଙ୍କୁ ସୁନ୍ଦରଗଡ଼ କିଞ୍ଜିରିକେଲା ଗ୍ରାମର ଜୟନ୍ତୀ ବିବାହ କରିଥିଲେ। ଜୟନ୍ତୀଙ୍କ ଅନ୍ୟ ଜଣେ ପୁରୁଷ ବନ୍ଧୁ ରହିଥିବା ଜାଣିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘ ଦିନ ଧରି କଳହ ଲାଗି ରହିଥିଲା। ଏପରିକି, ଉଭୟଙ୍କ ମଧ୍ୟରେ ଝଗଡ଼ା କାରଣରୁ ଜୟନ୍ତୀ ନିଜ ବାପା ଘରକୁ ମଧ୍ୟ ଚାଲିଯାଇଥିଲେ। ପରେ ଲକ୍ଷ୍ମଣ ବୁଝାସୁଝା କରି ପୁଣି ଜୟନ୍ତୀଙ୍କୁ ଡାକି ଆଣିବା ପରେ ହତ୍ୟା ଷଡ଼ଯନ୍ତ୍ର ରଚିଥିବା ପୁଲିସ ନିକଟରେ କହିଛି। ଗତକାଲି ସେ ଜୟନ୍ତୀଙ୍କୁ ବୁଲାଇବା ବାହାନାରେ ନେଇ ଯାଇଥିଲା। ସେଠାରେ ହତ୍ୟା କରିବା ପରେ ଏକ ଅଖାରେ ମୃତଦେହକୁ ପୂରାଇ ଏକ ସ୍କୁଟିରେ ନେଇ ବ୍ରାହ୍ମଣୀରେ ଫୋପାଡ଼ି ଦେଇ ଚାଲି ଆସିଥିଲା। ଅଭିଯୁକ୍ତକୁ ସାଥିରେ ନେଇ ପୁଲିସ ଏବେ ଶବ ଉଦ୍ଧାର କରିଥିଲା। ଆସନ୍ତାକାଲି ମୃତା ମହିଳାଙ୍କ ଶବ ପରିବାରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ହେବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

### ଅସହ୍ୟ ହେଲା ସ୍ୱାମୀଙ୍କ ପରକୀୟା ପ୍ରୀତି

## ଜୀବନ ହାରିଲେ ସ୍ତ୍ରୀ

### ସୁଇସାଇଡ୍ ନୋଟ୍‌ରେ ସ୍ୱାମୀ ଓ ପ୍ରେମିକାକୁ ଦାୟୀ କଲେ



ଭବାନୀପାଟଣା, ୨୦।୭ (ସମିସ): ବାହାଘର ବେଳେ ଖୋଲା ଆଖିରେ କେତେ କ'ଣ ଅସୁମାରି ସ୍ୱପ୍ନ ଦେଖିଥିଲେ। ଭଲରେ କେମିତି ସଂସାର ଗାଡ଼ି ଚାଲିବ, ସେଥିପାଇଁ ମନେମନେ ଠାକୁରଙ୍କୁ କୋଟି ଗୁହାରି କରିଥିଲେ। ନୂଆବୋହୂ ହୋଇ ପାଦ ଥାପିବା ପରେ ସ୍ୱାମୀ ଓ ଶ୍ୱଶୁରଘରର ଲୋକଙ୍କ ମନ ନେଇ ଚଳିବାକୁ ବି ଖୁବ୍ ଚେଷ୍ଟା କରିଥିଲେ। କିନ୍ତୁ ବାହାଘରର କିଛି ମାସ ପରେ ପରଯୁବତୀ ସହ ସ୍ୱାମୀର ସଂପର୍କ ଥିବା ଜାଣିବା ପରେ ତାଙ୍କର ସବୁ ସ୍ୱପ୍ନ ତାଙ୍କର ଚୂରମାର୍ ହୋଇଗଲା। ତଥାପି ସଂପର୍କ ସୁଧାରିବାକୁ ବହୁ ଚେଷ୍ଟା କଲେ, କିନ୍ତୁ ପାରିଲେନି। ସ୍ୱାମୀ ତ ଯାହା ନିର୍ଯାତନା ଦେଉଥିଲେ, ଶେଷରେ ତାଙ୍କ ପ୍ରେମିକା ବି ଛାଡ଼ିଲାନି। ନିର୍ଯାତନା ସହ ଗାଳିଗୁଲଜ ଦେଲା। ଏଥିରେ ଅତିଷ୍ଠ ହୋଇ ବେକରେ ଶାଢ଼ି ଲଗାଇ ଝୁଲିପଡ଼ିଲେ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନ୍ ଥାନା ଅଧୀନ ଧୋବାପଡ଼ାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ଓ ପ୍ରେମିକାଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ, ଭବାନୀପାଟଣା ଧୋବାପଡ଼ାର ଜିତେନ୍ଦ୍ର ସେଠୀଙ୍କ ଝିଅ ସ୍ନେହଲତା ସେଠୀ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ପୁଲିସ୍ ଶବ ପାଖରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସେଥିରେ ସେ ତାଙ୍କ ମୃତ୍ୟୁ ପାଇଁ ସ୍ୱାମୀ ଓ ପ୍ରେମିକାକୁ ଦାୟୀ କରିଛନ୍ତି।

ସୂଚନାନୁଯାୟୀ, ସ୍ନେହଲତା ୨୦୨୩ ମସିହାରେ କନ୍ଧମାଳ ବାଲିଗୁଡ଼ା ଥାନା ଅଞ୍ଚଳର ଶ୍ୟାମକୁମାର ବେହେରାଙ୍କୁ ବିବାହ କରିଥିଲେ। ତେବେ ଶ୍ୟାମକୁମାରଙ୍କ ଅନ୍ୟ ଝିଅ ସହ ସମ୍ପର୍କ ଥିବା ଜାଣିବା ପରେ ସ୍ନେହଲତା ବାପଘର ଭବାନୀପାଟଣାକୁ ପଳାଇ ଆସିଥିଲେ। ଶନିବାର ଶ୍ୟାମ କୁମାରଙ୍କ ପ୍ରେମିକା ମୋନାଲିସା ଆଚାର୍ଯ୍ୟ ଫୋନ୍‌ରେ ସ୍ନେହଲତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ସ୍ନେହଲତା ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ ହୋଇଛି।

### ■ ପ୍ରେମିକାକୁ ଖୁସି କରାଇବାକୁ ମହିଳାଙ୍କୁ ଚୂନ ମାରୁଥିଲା

## ଗିରଫ ହେଲା ଝାଡ଼ଖଣ୍ଡୀ ଧୂର୍ତ୍ତ

- ବିବାହିତ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଠକୁଥିଲା ଟଙ୍କା, ଅଳଙ୍କାର
- କାର୍, ବାଇକ୍, ମୋବାଇଲ ସହ ୧୦୭ ଗ୍ରାମ ସୁନା ଜବତ



ବାରିପଦା, ୨୦।୭ (ସମିସ): ପ୍ରେମିକାକୁ ଖୁସି କରିବା ପାଇଁ ବିବାହିତ ମହିଳାଙ୍କୁ ପ୍ରେମଜାଲରେ ଫସାଇ ଠକୁଥିବା ଝାଡ଼ଖଣ୍ଡର ଜଣେ ଧୂର୍ତ୍ତକୁ ଭଞ୍ଜପୁର ପୁଲିସ ଗିରଫ କରିଛି। ସେ ହେଲା, ଝାଡ଼ଖଣ୍ଡର ବାହଡ଼ାଗୋଡ଼ା ଥାନା ଅଧୀନ ମୌଦା ଗ୍ରାମର ଶମ୍ଭୁନାଥ ବେରା ଓରଫ ସିମରନ(୨୭)। ଭଞ୍ଜପୁର ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ସହ ସିମରନ ଇନଷ୍ଟାଗ୍ରାମରେ ବନ୍ଧୁତା ସୃଷ୍ଟି କରିଥିଲା। ପରେ ତାଙ୍କ ହ୍ୱାଟ୍ସଆପ ନମ୍ବର ନେଇ ଚାଟିଂ କରି ପ୍ରେମ ଜାଲରେ ଫସାଇଥିଲେ। କିଛି ଦିନର ସମ୍ପର୍କ ପରେ ବିଭିନ୍ନ ବାହାନାରେ ପର୍ଯ୍ୟାୟକ୍ରମେ ଟଙ୍କା ମାଗୁଥିଲା। ମହିଳାଜଣଙ୍କ ଟଙ୍କା ଦେଉଥିବାରୁ ସିମରନ୍‌ର ଲୋଭ ବଢ଼ିଥିଲା। ତେଣୁ ବଡ଼ ହାତ ମାରିବାକୁ ସେ ନୂଆ ଫନ୍ଦି ବାହାର କରିଥିଲା। ମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କହି ଚିକିତ୍ସା ପାଇଁ ୧୦ଲକ୍ଷ ଟଙ୍କା ମାଗିଥିଲା। କିନ୍ତୁ ମହିଳାଙ୍କ ପାଖରେ ଏତେ ଟଙ୍କା ନଥିବାରୁ ସେ ତାକୁ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନାଗହଣା ଦେଇ ଦେଇଥିଲେ। କିନ୍ତୁ ଏହା ପରଠାରୁ ସିମରନ୍ ଆଉ ଧରାଛୁଆଁ ଦେଇନଥିଲା। ମହିଳାଜଣଙ୍କ ବାରମ୍ବାର ଟଙ୍କା ମାଗିବାରୁ ସେ ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲା। ବାରମ୍ବାର ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଏନେଇ କାହାକୁ ଜଣାଇଲେ ପରିବାରଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ମହିଳାଜଣଙ୍କ ସାହସ ଜୁଟାଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ।

ପୁଲିସ୍ ସୂଚନାନୁଯାୟୀ, ମହିଳାଙ୍କ ପାଖରୁ ନେଇଥିବା ସମସ୍ତ ଗହଣାକୁ ସିମରନ୍ ନିଜ ପ୍ରେମିକା (ବାଙ୍ଗିରିପୋଷିର ଜଣେ ଯୁବତୀ)ଙ୍କୁ ଦେଇଥିଲା। ଉକ୍ତ ଯୁବତୀଙ୍କର ଏକ ବିୟୁଟିପାର୍ଲର୍ ଅଛି। କିଛି ଦିନ ପରେ ଦୁହେଁ ବିବାହ କରିଥା'ନ୍ତେ। ତେବେ, ଯୁବତୀଜଣଙ୍କ ଏହି ଗହଣାକୁ ବଦଳାଇବାକୁ ସୁନା ଦୋକାନକୁ ଯାଇଥିବା ବେଳେ ପୁଲିସ ଖବର ପାଇଥିଲା। ତଦନ୍ତ ପରେ ସବୁ ଘଟଣା ସାମ୍ନାକୁ ଆସିଥିଲା। ତାଙ୍କଠାରୁ ୧୦୭ ଗ୍ରାମ୍ ସୁନା, ୨ଟି ଦାମୀ ସ୍ମାର୍ଟଫୋନ୍, କାର୍, ବାଇକ୍ ଜବତ ହୋଇଛି। ଘଟଣାର ଭଞ୍ଜପୁର ଥାନା ଅଧିକାରୀ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅଧିକ ତଦନ୍ତ ଜାରି ରହିଛି।

## ବନ୍ୟାପାଣିରେ ଭାସି ବୋଲବମ୍ ଭକ୍ତ ମୃତ



ରାଜକନିକା, ୨୦।୭ (ସମିସ): ରାଜକନିକା ଥାନା ଅନ୍ତର୍ଗତ ବରାଡ଼ିଆ ପଞ୍ଚାୟତର ମଧୁପଡ଼ା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ମହାଦେବଙ୍କୁ ଜଳାଭିଷେକ ପାଇଁ ପାଣି ଉଠାଉଥିବା ବେଳେ ଜଣେ ବୋଲବମ୍ ଭକ୍ତ ବନ୍ୟାଜଳରେ ଭାସି ପ୍ରାଣ ହରାଇଛନ୍ତି। ସେ ହେଲେ, ମଧୁପଡ଼ା ଗ୍ରାମର ସୁଦର୍ଶନ ମଲିକଙ୍କ ପୁଅ ଆଲୋକ ମଲିକ (୧୬)। ରବିବାର ଗାଁ ପିଲାଙ୍କ ସହ ମିଶି ସେ ଆଖଣ୍ଡଳମଣିଙ୍କୁ ଜଳାଭିଷେକ କରିବାକୁ ବାହାରିଥିଲେ। ମଧ୍ୟାହ୍ନରେ ସେ ମନ୍ତପଡ଼ା ପୋଲ ନିକଟରେ ବିଧିପୂର୍ବକ ପୂଜାପାଠ କରି ପାଣି ଉଠାଇବାକୁ ବୈତରଣୀ କୂଳ ନାଳ ଭିତରକୁ ପଶିଥିଲେ। ନଦୀରେ ବନ୍ୟା କାରଣରୁ ପାଣିର ପ୍ରଖର ସୁଅରେ ଆଲୋକ ଭାସି ଯାଇଥିଲେ। ନିକଟରେ ଥିବା ଅନ୍ୟ ବୋଲବମ୍ ସାଥୀ ତାଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକନିକା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।






### 'ବଳଙ୍ଗା' ଘଟଣାକୁ ନେଇ ତେଜିଲା ରାଜନୀତି

## ଉପମୁଖ୍ୟମନ୍ତ୍ରୀଙ୍କୁ ବିଜେପି ମୁଖପାତ୍ରଙ୍କ ନିଶାଣ

### ଆମେ ଥିଲେ ଏପରି ଘଟଣା ଘଟି ନ ଥାନ୍ତା: ସମୀର

ପୁରୀ, ୨୦।୭ (ସମିସ): ରାଜ୍ୟରେ ଅରାଜକତାକୁ ନେଇ ଓଡ଼ିଶାବାସୀ ଅତିଷ୍ଠ। କେବଳ ରାଜ୍ୟବାସୀ ନୁହନ୍ତି, ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଲୋକଙ୍କ ସମାଲୋଚନା ଓ ଆକ୍ଷେପର ଶିକାର ବିଜେପି ନେତାମାନେ ମଧ୍ୟ ଅତିଷ୍ଠ । ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣାରେ ବିଜେପିର ଛାତ୍ର ସଂଗଠନ ଏବିଭିପି ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବାବେଳେ ଦଳର ମୁଖପାତ୍ର ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ଆମେ (?) କ୍ଷମତାରେ ଥିଲେ ଏପରି ଘଟଣା କେବେ ଘଟି ନ ଥା।ନ୍ତା ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ଦାଶ ଉଲ୍ଲେଖ କରି ଖୋଦ୍ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁକଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ନିଶାଣ କରିଛନ୍ତି । ଯାହାକୁ ନେଇ ସ୍ଥାନୀୟ ରାଜନୀତି ସରଗରମ ହୋଇଛି ଓ ରାଜ୍ୟ ବିଜେପିରେ କମ୍ପନ ସୃଷ୍ଟି କରିଛି ।

ନିମାପଡ଼ା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସ୍ପଷ୍ଟ ଦିବାଲୋକରେ ଜୀଅନ୍ତା ଜାଳିଦେବାକୁ ଉଦ୍ୟମ ହୋଇଛି। ୩ ଜଣ ଦୁର୍ବୃତ୍ତ ନାବାଳିକାଙ୍କ ଦେହରେ ନିଆଁ ଲଗାଇ ଦେଇଥିବାବେଳେ ସୌଭାଗ୍ୟବଶତଃ ସେ ଜୀବନ ବଞ୍ଚାଇ ପାରିଥିଲେ ହେଁ ଏବେ ବି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କ ଶରୀରର ୭୦ରୁ ୭୫ ପ୍ରତିଶତ ପୋଡ଼ି ଯାଇଛି। ଗଞ୍ଜାମ ଗୋପାଳପୁରରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ମାଗି ଶେଷରେ ଜୀବନ ହାରିବା ଘଟଣା ଥମି ନ ଥିବାବେଳେ ଏବେ ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି ଓ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଆଙ୍କିଛି। ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳରେ ଯଦି ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ଦୁର୍ବୃତ୍ତ ଭୟ କରୁନାହାନ୍ତି ତେବେ ଆଇନ ଶୃଙ୍ଖଳାର ସ୍ଥିତି କ'ଣ ତାହା ଜଳଜଳ ଦିଶୁଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ତେବେ ଏଭଳି ସ୍ଥିତିରେ ବିଜେପି ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ପୁଣି ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି ।

ସେ କହିଛନ୍ତି ଯେ ଆମ ଅଞ୍ଚଳରେ ଏମିତି ଅପରାଧ ହୁଏନି। ବଳଙ୍ଗାରେ ଯାହା ଘଟିଲା ସେଥିପାଇଁ ମୋ ମନ କାନ୍ଦୁଛି। ଆମେ ଥିଲେ ଏହିଭଳି ଘଟଣା ଘଟି ନ ଥାନ୍ତା, ଏହି କଥା ବାରମ୍ବାର ମୋ ମନକୁ ଆଘାତ କରୁଛି। ଏ ଅଞ୍ଚଳରେ ଏଭଳି ଘଟଣା କେହି କେବେ ଚିନ୍ତା କରି ନ ଥିବାବେଳେ ଆଜି ତାହା ଘଟିଗଲା। ମୁଁ ୨୦୦୯ ମସିହାରେ ବିଧାୟକ ହେଲି। ଏହା ପୂର୍ବରୁ ଏପରି କେବେ ଘଟଣା ଘଟି ନ ଥିଲା କି ମୋ ସମୟରେ ଏପରି ଘଟଣା ଘଟି ନାହିଁ ବୋଲି ସମୀର ବୁଲେଇବଙ୍କେଇ ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କୁ କଟାକ୍ଷ କରିଛନ୍ତି । ସମୀର କେବଳ ନିମାପଡ଼ାର ଟାଣୁଆ ନେତା ନୁହନ୍ତି, ରାଜ୍ୟ ବିଜେପିର ମୁଖପାତ୍ର ମଧ୍ୟ । ତେଣୁ ପ୍ରଭାତୀ ପରିଡ଼ାଙ୍କ ପାରିବା ପଣିଆ ଉପରେ ସେ ଉଠାଇଥିବା ପ୍ରଶ୍ନକୁ ସ୍ଥାନୀୟ ରାଜନୈତିକ ବିବାଦର ପରିଣତି ବୋଲି କୁହାଯାଇ ଏଡ଼ାଇ ଦିଆଯାଇ ପାରିବ ନାହିଁ । ପୂର୍ବରୁ ତାଙ୍କ ବିଧାୟକ ସମୟରେ ଦିଆଯାଇଥିବା ଅନୁଦାନରେ ନିର୍ମିତ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ସମୟରେ ସମୀରଙ୍କୁ ଡ଼କା ନ ଯିବା ବିବାଦ ସୃଷ୍ଟି କରିଥିଲା, ଏବେ ବଳଙ୍ଗା ଘଟଣା ଏହି ବିବାଦକୁ ପୂର୍ବତନ ମନ୍ତ୍ରୀଙ୍କର ଏଭଳି ବୟାନ ନିମାପଡ଼ା ଅଞ୍ଚଳରେ ପୁଣି ସମୀର-ପ୍ରଭାତୀ ବିବାଦକୁ ତାଜା କରିଛି।

ସକାଳ THE SAKALA



www.sakalaepaper.com

## ଭିଣୋଇର ଯୌନ ନିର୍ଯାତନା ଘଟଣା

# ନ୍ୟାୟ ଦେଲାନି ମହିଳା ଥାନା, ଗିରଫ କଲା ଟାଉନ ଥାନା

**ସମ୍ବଲପୁର, ୨୦।୭ (ସମିସ)**

ଭିଣୋଇ ହୋଇ ଶାଳୀଙ୍କୁ ଯୌନ ନିର୍ଯାତନା ଦେଉଥିବା ଘଟଣାରେ ଟାଉନ ପୁଲିସ ଅଭିଯୁକ୍ତ ଭିଣୋଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଇଁଠାପାଲି ଥାନା ଅଞ୍ଚଳର ଜଣେ ଯୁବତୀ ଯୌନ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ପରେ ଟାଉନ ପୁଲିସ ସାକ୍ଷୀପଡ଼ାର ଅଭିଯୁକ୍ତ ମାନସ ରଞ୍ଜନ ତ୍ରିପାଠୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।



ସୂଚନା ଅନୁସାରେ ଭିଣେଇ ଯୌନ ନିର୍ଯାତନ ଦେଉଥିଲେ। ଏ ନେଇ ପୀଡ଼ିତା ମହିଳା ଥାନାର ଦ୍ୱାରସ୍ଥ ହେଲେ। କିନ୍ତୁ ନ୍ୟାୟ ବଦଳରେ ଅପବ୍ୟବହାର ମିଳିଥିବା ନେଇ ଅଭିଯୋଗ ଆଣିଛନ୍ତି ଖୋଦ ପୀଡ଼ିତା। ଗତ ଡିସେମ୍ବରରୁ ମହିଳା ଥାନାରେ ହୋଇଥିବା ଅଭିଯୋଗକୁ ହାଲୁକା ଭାବେ ନେଲେ ଥାନା ଅଧିକାରୀ। ରଫାଦଫା କରିବା ପାଇଁ କହିଲେ। ନ୍ୟାୟ ମିଳିଲା ନାହିଁ, ତେଣୁ ବାଧ ହୋଇ ଗତ ୧୭ ତାରିଖରେ 'ଏକ୍ସ' ମାଧ୍ୟମରେ ନିଜର ଦୁଃଖ ପ୍ରକାଶ କଲେ। ଏତିକିରେ ମଧ୍ୟ ମହିଳା ଥାନା ପୁଲିସ ତତ୍ପରତା ଦେଖାଇଲା ନାହିଁ। ଓଲଟି ଅଧିକ ପ୍ରଶ୍ନ ପଚାରୁଛ କହି ଅପବ୍ୟବହାର କରାଗଲା। କିନ୍ତୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୁଲିସ, ଏସପିଙ୍କୁ ଏକ୍ସରେ ଟ୍ୟାଗ କରିଥିବା ନେଇ ପୁଲିସ ତତ୍ପରତା ଦେଖାଇଥିଲା। ବର୍ତ୍ତମାନ ଏହି ମାମଲା ଟାଉନ ଥାନାରେ ପହଞ୍ଚିଛି। ଖୋଦ ଅତିରିକ୍ତ ଏସପି ଏ ମାମଲାକୁ ନିଜେ ହାତକୁ ନେଇ ପୀଡ଼ିତାଙ୍କୁ ନ୍ୟାୟ ଦେବେ ବୋଲି କହିଛନ୍ତି। ନାବାଳିକା ସମୟରେ ପୀଡ଼ିତା ଯୌନ ନିର୍ଯାତନାର ଶିକାର ହୋଇଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

### 'ଏକ୍ସ'ରେ ପୋଷ୍ଟ ପରେ ସମ୍ବଲପୁର ପୁଲିସର ତତ୍ପରତା

### ମହିଳା ଥାନା ପୁଲିସ ଅପବ୍ୟବହାର କରିଛନ୍ତି: ପୀଡ଼ିତା

ପ୍ରକାଶ ଯେ ପୀଡ଼ିତାଙ୍କ ସମ୍ପର୍କୀୟ ଭଉଣୀଙ୍କ ସ୍ୱାମୀ ତାଙ୍କ ଘରକୁ ଯିବା ଆସିବା କରିଥାନ୍ତି। ମେସେଜ ମାଧ୍ୟମରେ ତାଙ୍କୁ ବିଭିନ୍ନ ଅପ୍ରିତିକର ଶବ୍ଦ ବ୍ୟବହାର କରନ୍ତି। ଏପରିକି ଶାରୀରିକ ସମ୍ପର୍କ ପାଇଁ ବାରମ୍ବାର ମେସେଜ କରୁଥିଲେ। ପୀଡ଼ିତା ଏହି ଘଟଣାକୁ ବାରମ୍ବାର ଏଡେଇ ଦେଉଥିଲେ। କିନ୍ତୁ ଭିଣୋଇଙ୍କ ନିର୍ଯାତନାରେ ଅସହ୍ୟ ହୋଇ ଗତ ବର୍ଷ ଅଭିଯୋଗ କରିଥିଲେ। ଆଇଆଇସି ପୀଡ଼ିତାଙ୍କୁ ଥାନାକୁ ଡାକି ଅପବ୍ୟବହାର କରିଥିବା ସେ ପୋଷ୍ଟରେ ଉଲ୍ଲେଖ କରିଥିଲେ।

### ମହିଳା ଥାନା କାହାପାଇଁ

ମହିଳାଙ୍କ ସୁରକ୍ଷା ପାଇଁ ସରକାର ମହିଳା ଥାନା ପ୍ରତି ଜିଲ୍ଲାରେ ଗଠନ କଲେ। ଜଣେ ମହିଳା କୌଣସି ବି ଅସୁବିଧାର ସମ୍ମୁଖୀନ ହେଲେ ବିନା ଭୟରେ ମହିଳା ଥାନାର ଦ୍ୱାରସ୍ଥ ହେବ। ମହିଳା ଥାନା ପୁଲିସ ମଧ୍ୟ ଅଭିଯୋଗକାରୀଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବ। ସେମାନଙ୍କ ସମସ୍ୟା ସମାଧାନ କରିବା ନେଇ ଜିଲ୍ଲାରେ ଗଠନ କରାଗଲା। କିନ୍ତୁ ସମ୍ବଲପୁର ମହିଳା ଥାନାରେ ଏହାର ଭ୍ରମ ଦେଖା ଦେଇଛି। ମହିଳାଙ୍କୁ ନ୍ୟାୟ ଦେବା ବଦଳରେ ସେମାନଙ୍କ ଅଭିଯୋଗ କର୍ଣ୍ଣପାତ କରାଯାଉନି। ଜଣେ ପୀଡିତା ନ୍ୟାୟ ପାଇବା ଆଶରେ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ତାଙ୍କୁ ନ୍ୟାୟ ନ ଦେଇ ଅପବ୍ୟବହାର କରାଗଲା। ପୀଡ଼ିତା ଯଦି କୌଣସ ପ୍ରଶ୍ନ ପଚାରିଲେ, ତାଙ୍କୁ ଅଧିକ କହୁଛି ବୋଲି ଉତ୍ତର ରଖାଗଲା। ଥାନାରୁ ଅପଦସ୍ଥ ହୋଇ ନିଜର ଗୁହାରୀ କହିଛନ୍ତି ପୀଡ଼ିତା। ଯଦି ମହିଳାଙ୍କ ଦୁଃଖ ଶୁଣିବାରେ ଅସାମର୍ଥ୍ୟ ହେଉଛି ମହିଳା ଥାନା, ତାହାଲେ ଜିଲ୍ଲାରେ କେଉଁ କାମ ପାଇଁ ରହିଛି ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି।

# ଫୁଲୁଛି ହୀରାକୁଦ, ୪ ଗେଟ୍‌ରେ ଜଳ ପ୍ରବାହିତ

**ସମ୍ବଲପୁର, ୨୦।୭ (ସମିସ) :** ଫୁଲୁଛି ହୀରାକୁଦ ଜଳଭଣ୍ଡାର। ଉପର ମୁଣ୍ଡରେ ବର୍ଷା ପ୍ରଭାବରେ ଜଳସ୍ତର ପୁଣି ବୃଦ୍ଧିପାଇ ଆଜି ୬୧୦.୭୭ ଫୁଟ୍‌ରେ



ପହଞ୍ଚିଥିବାବେଳେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୦.୭୭ ଫୁଟ ରହିଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ମୋଟ ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୯, ୧୮୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୫୯୭୧୬ ଘନଫୁଟ, ପାୱାର ଚେନାଲ ଦେଇ ୩୫୨୦୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪୦୨୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୧୯୦୦୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଲଠାରେ ୧୫୦୦୦୦ କ୍ୟୁସେକ୍, ବାରମୁଲଠାରେ ୧୨୧୭୫୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧୧୩୪୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ସଶସ୍ତ୍ର ଡକାୟତି

# ହାତଗୋଡ଼ ବାନ୍ଧି ଲୁଟିନେଲେ ୫୦ଲକ୍ଷ ଟଙ୍କାର ଗହଣା



**କୁଚିଣ୍ଡା, ୨୦।୭ (ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଗୋବିନ୍ଦପୁର ଥାନା ଅଧୀନରେ ଥିବା କେନ୍ଦୁପାଣି ଗାଁରେ ବିଳମ୍ବିତ ରାତିରେ ଏକ ସଶସ୍ତ୍ର ଡକାୟତି ହୋଇଛି। ମୁଖା ପିନ୍ଧା ପାଞ୍ଚଜଣ ସ୍ୱଶସ୍ତ୍ର ଡକାୟତ ଘରକୁ ପଶି ଘରମାଲିକ ରୁଦ୍ରାକ୍ଷ ସାହୁ ଓ ତାଙ୍କ ପରିବାର ସଦସ୍ୟଙ୍କ ହାତ ଓ ଗୋଡ଼ ବାନ୍ଧି ଲୁଟ୍ କରିଥିଲେ। ଡକାୟତମାନେ ପିସ୍ତଲ ଓ ଭୁଜାଲି ଦେଖାଇ ତେଜରାଜ ସାହୁ ଉପରେ ଆକ୍ରମଣ କରି ତାଙ୍କୁ ଆହତ କରିଛନ୍ତି। ଘରେଥିବା ଗହଣା ବାକ୍ସ ଓ ଆଲମାରୀ ଭାଙ୍ଗି ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷପତ୍ର ଲୁଟିନେଇ ଚାଲିଯାଇଛନ୍ତି। ଘଟଣା ପରେ ଥାନାରେ ଅଭିଯୋଗ ଦାଖଲ ହୋଇଥିବାବେଳେ, ଗୋବିନ୍ଦପୁର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳକୁ କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାସ ପହଞ୍ଚି ତଦନ୍ତ କରି ଡକାୟତମାନଙ୍କୁ ଶୀଘ୍ର ଧରିବା ଏବଂ ଲୁଟ୍ ସାମଗ୍ରୀ ଉଦ୍ଧାର କରିବା ପ୍ରୟାସ ଜାରି ରଖିଛନ୍ତି। ସାଇଣ୍ଟିଫିକ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହଜନକ ବସ୍ତୁ ଓ ଚିହ୍ନ ପରୀକ୍ଷା କରିଛନ୍ତି। ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଅଞ୍ଚଳରେ କଡ଼ା ଯାଞ୍ଚ ଆରମ୍ଭ କରିଛନ୍ତି।

## ଭିସୁଟକୁ ଜାତୀୟସ୍ତରରେ ସଫଳତା

# ଅମିତ ଚାଟାର୍ଜୀ ପାଇଲେ ଏନ୍‌ପିଟିଇଏଲ ଷ୍ଟାର୍ ପୁରସ୍କାର

**ସମ୍ବଲପୁର, ୨୦।୭ (ସମିସ):** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ର ଆର୍କିଟେକ୍ଚର ବିଭାଗର ଅଧ୍ୟାପକ ଅମିତ ଚାଟାର୍ଜୀଙ୍କୁ ଶିକ୍ଷାରେ ଉତ୍କୃଷ୍ଟତା ପ୍ରତି ପ୍ରତିବଦ୍ଧତା ପାଇଁ ତିନୋଟି ଶ୍ରେଣୀରେ 'ନ୍ୟାସନାଲ ପ୍ରୋଗ୍ରାମ ଅନ ଟେକନଲୋଜି ଏନହାନ୍‌ସଡ ଲର୍ଣ୍ଣିଂ' (ଏନପିଟିଇଏଲ) ଷ୍ଟାର୍ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାରଟି ଜାତୀୟ ପ୍ରଯୁକ୍ତି ଉନ୍ନତ ଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ପ୍ରଦାନ କରାଯାଇଥାଏ। ଏହା ଆଇଆଇଟି ଓ ଆଇଆଇଏସସି (ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ)ଙ୍କ ସଂଯୁକ୍ତ ପଦକ୍ଷେପ। ଏନ୍‌ପିଟିଇଏଲ ଦ୍ୱାରା ପରିଚାଳିତ ଅନଲାଇନ୍ କୋର୍ସରେ ଉତ୍କୃଷ୍ଟ ମାନ୍ୟତା ପ୍ରଦର୍ଶନ କରିଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ଦିଆଯାଏ। ଅମିତ ଚାଟାର୍ଜୀ ୨୦ଟି ଏନପିଟିଇଏଲ କୋର୍ସ ସଫଳତାର ସହିତ ପୂରଣ କରିଛନ୍ତି। ସବୁଗୁଡ଼ିକରେ 'ଇଲାଇଟ୍' ସର୍ଟିଫିକେସନ୍ ସହ ଗୋଲ୍ଡ ଓ ସିଲଭର ମେଡାଲ୍ ମଧ୍ୟ ଅର୍ଜନ କରିଛନ୍ତି। ସେ ଓଡ଼ିଶାରୁ ଏକମାତ୍ର ପ୍ରତିନିଧି ଯିଏ 'ଆର୍କିଟେକ୍ଚର ଓ ପ୍ଲାନିଂ' ବିଷୟରେ ଏହି ଜାତୀୟ ମାନ୍ୟତା ଲାଭ କରିଛନ୍ତି। ଆଇଆଇଟି ଖଡ଼ଗପୁର ରିସର୍ଚ୍ଚ ସେଣ୍ଟର, କୋଲକାତାରେ ଏହି ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ବର୍ଷ ଆରମ୍ଭରେ, ପ୍ରଫେସର ଚାଟାର୍ଜୀ 'ଡିଜାଇନ୍ ଏଡୁକେଟର୍ସ ଆୱାର୍ଡ' ଏବଂ 'ମଡର୍ନ କନଜରଭେସନ୍ ଆର୍କିଟେକ୍ଚର ଇନ୍ ଇଣ୍ଡିଆ' ପାଇଁ ଗେଟି ଫାଉଣ୍ଡେସନ୍ ଫେଲୋଶିପ୍ ମଧ୍ୟ ଲାଭକରିଛନ୍ତି। ଭିସୁଟ ପରିବାର ଶ୍ରୀ ଚାଟାର୍ଜୀଙ୍କୁ ଏହି ପୁରସ୍କାର ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏହା ଜାତୀୟ ସ୍ତରରେ ବିଶ୍ୱବିଦ୍ୟାଳୟର ସମ୍ମାନ ବୃଦ୍ଧି କରିଛି।



## ଫେଲ୍ ମାରିଛି ବସୁଧା ଯୋଜନା

# ପିଇବା ପାଣି ପାଇଁ ଡହଳବିକଳ ହୁମା ଗ୍ରାମବାସୀ

**ସମ୍ବଲପୁର, ୨୦।୭ (ସମିସ):** ମାନେଶ୍ୱର ବ୍ଲକ ଅଧୀନ ହୁମା ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଯୋଗାଣ ବନ୍ଦ ଥିବାରୁ ବାଧହୋଇ ମହାନଦୀର ଗୋଳିଆ ପାଣି ପିଇବା ପାଇଁ ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ ଯେ ଏଠାରେ ବସୁଧା ଯୋଜନାରେ ଟାଙ୍କି ନିର୍ମାଣ ହୋଇ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଥିଲା। ହେଲେ ଦୀର୍ଘ ଦୁଇମାସରୁ ଅଧିକ ହେବ ଏହା ଅଚଳହୋଇ ପାଣି ଯୋଗାଣ ବନ୍ଦଅଛି ଯାହାଦ୍ୱାରା ଲୋକେ ମହାନଦୀର ପାଣି, ପିଇବା ପାଇଁ ବାଧ୍ୟ ହେଉଛନ୍ତି। ପଞ୍ଚାୟତ ତଥା ବ୍ଲକ ଅଫିସରେ ଏହି ବିଷୟରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛି ଦିନ ପୂର୍ବେ ଓଡ଼ିଶାର ଏକାଧିକ ଜିଲ୍ଲାର ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ ତଥାପି ସରକାର କି ପ୍ରଶାସନ ର ନିଦ ଭାଙ୍ଗୁନାହିଁ। ଆଗକୁ ଯଦି ଏପରି ପରିସ୍ଥିତି ରୁହେ ତେବେ ଏଠାରେ ମଧ୍ୟ ଡାଇରିଆ ବ୍ୟାପିବାର ସମ୍ଭାବନା ଥିବା ଗ୍ରାମବାସୀ ଆଶଙ୍କା କରିଛନ୍ତି।



# ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ପକ୍ଷରୁ ବିଦାୟକାଳୀନ ସଭା



**ସମ୍ବଲପୁର, ୨୦।୭ (ସମିସ):** ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସମ୍ବଲପୁର ଶାଖାପକ୍ଷରୁ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଛି। ସଭାରେ ସ୍ୱାସ୍ଥ୍ୟ ପରିଦର୍ଶକ ତେଜରାଜ ପଣ୍ଡା ସଭାପତିତ୍ୱ କରିଥିଲେ। ବିଗତମାସରେ ଚାକିରିରୁ ଅବସର ଗ୍ରହଣ କରିଥିବା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଦୀପ କୁମାର ମହାପାତ୍ର ଓ ପ୍ରମୋଦ କୁମାଗ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମସ୍ତ କର୍ମକର୍ତ୍ତା ଏକଜୁଟ ହୋଇ ସଂଘର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ସଭାପତି ତେଜରାଜ ପଣ୍ଡା କହିଥିଲେ। ସମ୍ପାଦକ ସତ୍ୟନାରାୟଣ ସାହୁ କର୍ମଚାରୀମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ବୁଝିଥିଲେ। ସମରେନ୍ଦ୍ର ଦେଓ ଧନ୍ୟବାଦ ଦେଇଥିଲେ।

# ସାମାନ୍ୟ ବର୍ଷାହେଲେ ବାହ୍ୟଜଗତରୁ ବିଚ୍ଛିନ୍ନ ଚିରିଗେନଖୋଲ





**ଜମନକିରା, ୨୦।୭ (ସମିସ):** ଜମନକିରା ବ୍ଲକ ଅଧୀନ ସିରିଡ ପଞ୍ଚାୟତ ଚିରିଗେନଖୋଲ ଗ୍ରାମ ସାମାନ୍ୟ ବର୍ଷା ହେଲେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼େ। ବ୍ଲକ ପ୍ରଶାସନ ପକ୍ଷରୁ ଏକ ବ୍ରିଜ୍ ନିର୍ମାଣ ହୋଇଅଛି। ଗତବର୍ଷ ପ୍ରବଳ ବର୍ଷା ଫଳରେ ବ୍ରିଜ୍‌ର ଉଭୟ ପଟରେ ମାଟି ଧୋଇ ହୋଇଯିବା ଫଳରେ ଲୋକଙ୍କୁ ଯିବା ଆସିବା କରିବାକୁ ବହୁତ ଅସୁବିଧା ହେଉଛି। ଗ୍ରାମବାସୀ ଏକ ବାଉଁଶ ସିଡି କରି ବହୁ କଷ୍ଟ ରେ ଯିବା ଆସିବା କରୁଛନ୍ତି। ମାଟି ଧୋଇ ହୋଇ ଯିବା ପରେ ସରପଞ୍ଚ ଗଜିନ୍ଦ୍ର ନାଏକ ଏ ନେଇ ବିଡ଼ିଓ, ନେତା, ମନ୍ତ୍ରୀଙ୍କୁ ଅନେକ ଥର ଜଣାଇଛନ୍ତି। ଖରା ଦିନରେ ଯନ୍ତ୍ରୀ ବଦଳି ହୋଇଯିବା ପରେ ନୂଆ ଯନ୍ତ୍ରୀ ଯୋଗ ଦେବା ପରେ ବର୍ଷା ଲାଗି ରହିବା ଯୋଗୁଁ କାମ ହୋଇ ପାରି ନାହିଁ।

# ପାକ୍ସକୁ ଆର୍ଥିକ ଆତ୍ମନିର୍ଭରଶୀଳ ପାଇଁ କର୍ମଶାଳା



**ସମ୍ବଲପୁର, ୨୦।୭ (ସମିସ):** ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ବଲପୁରର ସଭାଗୃହ ଠାରେ ପାକ୍ସ /ଲ୍ୟାମ୍ପସ୍ ଗୁଡ଼ିକର ଆର୍ଥିକ ଉନ୍ନତି ସହିତ ସ୍ୱାବଲମ୍ବୀ କରିବାପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଏକ କର୍ମାଶାଳା ଆୟୋଜିତ ହୋଇଛି। କର୍ମଶାଳାରେ ପାକ୍ସ /ଲ୍ୟାମ୍ପସ୍‌ମାନଙ୍କର ସମ୍ପାଦକ, କର୍ମଚାରୀ ଓ ନିର୍ବାଚିତ ସଦସ୍ୟମାନଙ୍କୁ ଭାରତ ସରକାରଙ୍କ ସମବାୟ ସମିତି ମାଧ୍ୟମରେ ବିଭିନ୍ନ ଯୋଜନା ଜନଔଷଧି କେନ୍ଦ୍ର, ପେଟ୍ରୋଲପମ୍ପ ନିର୍ମାଣ, ଜାତୀୟସ୍ତରୀୟ ସମବାୟ ସଂସ୍ଥାର ସଦସ୍ୟତା, ଦୀର୍ଘ ମିୟାଦି କୃଷି ଋଣ, ଜନସେବା କେନ୍ଦ୍ର ଇତ୍ୟାଦି ଯୋଜନାର ଉପଯୋଗୀତା ଉପରେ ଆଲୋଚନା ହୋଇଥିଲା। କର୍ମଶାଳାରେ ଉପନିବନ୍ଧକ ସମବାୟ ସମିତି ସମୂହ ସମ୍ବଲପୁର ବିଭାଜନର ମଧୁସୁଦନ ମେହେର ସଭାପତିତ୍ୱ କରିଥିଲେ। ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ମୁଖ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି ଅଧିକାରୀ ସୁବୋଧ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସୁଶୀଲ କୁମାର ମିଶ୍ର, ଉମେଶ ଚନ୍ଦ୍ର ନାଏକ, ପୂର୍ଣ୍ଣଚନ୍ଦ୍ର ମରେଇ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ସହଯୋଗ କରିଥିଲେ।

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

# 'ଝିଅମାନେ ସାହସୀ ହୁଅ, ଶ୍ରମକୁ ମର୍ଯ୍ୟାଦା ଦିଅ'

**ସମ୍ବଲପୁର, ୨୦।୭ (ସମିସ):** ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ରାଷ୍ଟ୍ରନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ତ୍ରୟୋଦଶ ସପ୍ତାହର ଶିକ୍ଷାଦାନ ସମାପନ ହୋଇଛି। ପ୍ରଥମ ଅଧିବେଶନରେ ନୈତିକ ଶିକ୍ଷା ଆଧାରରେ ଲିଙ୍ଗଗତ ବୈଷମତା ଉପରେ ଆଲୋକପାତ କରି ସାମ୍ବାଦିକା ଗାର୍ଗୀ ଶତପଥୀ ପୁରୁଷ ପ୍ରଧାନ ସମାଜରେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପୁରାଣ ଯୁଗରୁ ରହିଥିବା ବୈଷମତା ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ଦ୍ୱିତୀୟ ଅଧିବେଶନରେ ସମାଜ ସେବୀ ତଥା ଶ୍ରମିକ ନେତା ସରୋଜ ମହାନ୍ତି ଘରେ ମାଆର ଶ୍ରମ ଠାରୁ ଆମ ଦୈନନ୍ଦିନ ଜୀବନରେ ବ୍ୟବହୃତ ଖାଦ୍ୟ ବସ୍ତ୍ର ଓ ବିଭିନ୍ନ ପଦାର୍ଥ, ଆମ ପାଖରେ ପହଞ୍ଚିବାରେ ପରୋକ୍ଷରେ ଶ୍ରମିକର ଶ୍ରମ ଓତଃପ୍ରୋତ ଭାବେ ଜଡ଼ିତ ଥିବା କହିଥିଲେ। ପିଲାଙ୍କୁ ପରିଶ୍ରମୀ ହେବାକୁ ଆହ୍ୱାନ ଦେଇ ଶ୍ରମିକ ଓ ଶାରୀରିକ ଶ୍ରମକୁ ମହତ୍ୱ ଓ ସମ୍ମାନ ଦେବାକୁ ବୁଝେଇଥିଲେ। ସଂଯୋଜକ ରାଜେନ୍ଦ୍ର ପଣ୍ଡା ପିଲାଙ୍କୁ ମୌଳିକ ଇଂରାଜୀ ଶିକ୍ଷାପ୍ରଦାନ ସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୋନାଲି, ସିଦ୍ଧାର୍ଥ, ଗୌରବ, ପୂଜାରଣୀ, ଆଶୁତୋଷ, ଫତିମା, ମୋନାଲିସା, ସାକ୍ଷୀ, ନିଳେନ୍ଦ୍ରୀ, ସୋନୁ, ସୌରଭ ଓ ଅଭିଜ୍ଞାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ବ୍ୟକ୍ତି ଭାବେ ଡ.ଗିରିଧାରୀ ହୋତା, ଅର୍ଜୁନ ପଣ୍ଡା, ଉଦିତ ପାଟଯୋଶୀ, ଓ ପୃଥ୍ୱୀରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ସାହୁ ବୈଷୟିକ ସହାୟତା ଦେଇଥିଲେ। କାର୍ଯ୍ୟକ୍ରମରେ ୧୮ ଟି ବିଦ୍ୟାଳୟରୁ ୪୮ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ସମ୍ବଲପୁର ନାଟ୍ୟକଳା ପରିଷଦର କର୍ମକର୍ତ୍ତା ନିର୍ବାଚିତ



**ସମ୍ବଲପୁର, ୨୦।୭ (ସମିସ):** ସମ୍ବଲପୁରର ପୁରାତନ ନାଟ୍ୟସଂସ୍ଥା ସମ୍ବଲପୁର ନାଟ୍ୟକଳା ପରିଷଦର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଛି। ପରିଷଦର ବରିଷ୍ଠ ସଦସ୍ୟ ନାଟ୍ୟବିତ ଭବାନୀଶଙ୍କର ଦାଶଙ୍କ ପରିଚାଳନା ଓ ସଦସ୍ୟ ଅଶୋକ କୁମାର ମିଶ୍ରଙ୍କ ସହଯୋଗରେ ନିର୍ବାଚନ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏଥିରେ ସଭାପତି ଭାବରେ ଡ. ସୁରୁବାବୁ ମେହେର, ଉପସଭାପତି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ନିର୍ବାଚିତ ହୋଇଥିବାବେଳେ ସମ୍ପାଦକ, ସହସମ୍ପାଦକ ଓ କୋଷାଧ୍ୟକ୍ଷ ଭାବରେ ଯଥାକ୍ରମେ ଡ. ସିଦ୍ଧାର୍ଥ ପଣ୍ଡା, ବିରୁପାକ୍ଷ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ଦାଶ ପୁଣି ମନୋନୀତ ହୋଇଛନ୍ତି। ଏତଦ୍‌ବ୍ୟତୀତ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଗୋରେଖଲାଲ ଦାସ, ପ୍ରଶାନ୍ତ ମହାରଣା, ଦୀନବନ୍ଧୁ ପଣ୍ଡା, ଶିରିଷ ପୂଜାରୀ, ଯୋଗେଶ କୁମାର ନନ୍ଦ, ତାପସ ରଞ୍ଜନ ସାହୁ ଓ ଗାୟତ୍ରୀ ବହିଦାର ନିର୍ବାଚିତ ହୋଇଛନ୍ତି। ପରବର୍ତ୍ତୀ କାର୍ଯ୍ୟକାରିଣୀ ବୈଠକରେ ପରିଷଦର ନୂତନ ଉପଦେଷ୍ଟା ସମିତି ଗଠନ କରିବା ନିମନ୍ତେ ସଭାରେ ନିଷ୍ପତ୍ତି ନିଆଯାଇଛି।

# ଘରୋଇ ଚିକିତ୍ସା ପାଇଁ ଡାକ୍ତରଙ୍କ ମଧ୍ୟରେ ପ୍ରତିଯୋଗିତା

**ବୁର୍ଲା, ୨୦।୭ (ସମିସ)**

ବୁର୍ଲା ସହରରେ ଦୁଇଜଣ କିଡ୍‌ନୀ ରୋଗୀ ଦେଖୁଥିବା ଡାକ୍ତରଙ୍କ ଶୀତଳ ଯୁଦ୍ଧ ଏବେ ଋଷିଆ ଓ ଆମେରିକା ପରି ହେଲାଣି। ବିଭିନ୍ନ ଜିଲ୍ଲାରୁ ଆସୁଥିବା କିଡ୍‌ନୀ ରୋଗୀଙ୍କୁ ନିଜ ସରକାରୀ କ୍ୱାର୍ଟର୍ସ, ପ୍ରାଇଭେଟ ଡାକ୍ତର ଚାମ୍ବରରେ ଦେଖିବା ସହ ନିଜ ଆଡ଼କୁ ଆକୃଷ୍ଟ କରିବା ସକାଶେ ଗୋହି ଖୋଳି ଚାଲିଛନ୍ତି। ଯାହା ରୋଗୀ ସ୍ୱାର୍ଥ ନୁହେଁ ବରଂ ନିଜ ପକେଟ ସ୍ୱାର୍ଥ ପାଇଁ ଏପରି ସ୍ଥିତି ସୃଷ୍ଟି ହୋଇଛି। ସ୍ଥିତିକୁ ନିଜେ ସୃଷ୍ଟି କରିଛନ୍ତି ହେଲେ ଏଥିରେ ରୋଗୀ ହଇରାଣ ହେଉଛନ୍ତି। ଗୋଟିଏ ରୋଗୀ ହାତଛଡ଼ା ହେଲେ ୫୦୦ ଟଙ୍କା କ୍ଷତି ହେଉଥିବାରୁ ପ୍ରାଣପଣେ ରୋଗୀ ଯୋଗାଡ଼ ପାଇଁ ଲାଗିପଡ଼ିଛନ୍ତି। ସାଧାରଣତଃ ପୂର୍ବରୁ ଉପଶମ ପାଇଥିବା ରୋଗୀ ସେହି ଡାକ୍ତରଙ୍କୁ ଖୋଜେ। ହେଲେ କଣ କଲେ ସେହି ଡାକ୍ତରଙ୍କ ପାଖକୁ ରୋଗୀ ଯିବେ ନାହିଁ ସେନେଇ ସରଳ ବାଟ ଖୋଜିଛନ୍ତି ଜଣେ ଡାକ୍ତର। ବିଭିନ୍ନ ଫୋରମରେ ଲୁଚି ଛପି ନିଜେ ସାମ୍ନାକୁ ନଆସି ଅନ୍ୟ ଡାକ୍ତରଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ପ୍ରଶ୍ନ କରି ଆସୁଛନ୍ତି। ତେବେ ଅନ୍ୟ ଜଣେ ଡାକ୍ତର ବି ଛାଡ଼ିବା ଲୋକ ନୁହନ୍ତି। ତାଙ୍କର ଶିକ୍ଷାଗତ ଯୋଗ୍ୟତା କ'ଣ ତାହା ଆମେ ଜାଣିନୁ ହେଲେ ବୁର୍ଲା ନେଫ୍ରୋଲୋଜି ବିଭାଗରେ ପୂର୍ବରୁ କାମ କରି ଆସିଛନ୍ତି। ଯାହା ଦ୍ୱାରା ସେ ବି ସହଜରେ ରୋଗୀ ଯୋଗାଡ କରି ପାରୁଛନ୍ତି। ହେଲେ ଅନ୍ୟ ଡାକ୍ତର ଜଣକ ଏଥିରେ ରାଗି ପାଚି ଲାଲ୍। କାହିଁକି ନା ତାଙ୍କ ରୋଗୀ ସଂଖ୍ୟା କମିଲା ବେଳକୁ ସେ କଣ କରିବେ ଭାବି ପାରୁନାହାନ୍ତି। ଭୀମସାରକୁ କେମିତି ରୋଗୀ ଯିବେ ? ଭୀମସାରକୁ ରୋଗୀଙ୍କ କେମିତି ଭରସା ପାଇବ ତାର ଚିନ୍ତା ଉଭୟଙ୍କର ନାହିଁ। କିଏ ଅଧିକା ବାହାରେ ରୋଜଗାର କରିବ ଓ ରୋଗୀଙ୍କୁ ବିଭିନ୍ନ ଟେଷ୍ଟ କରାଇ କମିଶନ ନେଇ ହେବ ତାହାର ଚିନ୍ତା ଉଭୟଙ୍କୁ ଘାରିଛି। ହେଲେ ଏଥିରେ ରୋଗୀ ହଇରାଣ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି।

### କିଡ୍‌ନୀ ରୋଗୀ ଚୁଲିକି ଯାଉ, ୫୦୦ ପକେଟକୁ ଆସୁ

## ପିଏଲ୍‌ଏଫ୍ କ୍ଷେତ୍ରରେ ଓପିଜିସି ଦେଶରେ ଦ୍ୱିତୀୟ

ଇବଥର୍ମାଲ,୨୦।୭ (ସମିସ): ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି) ୨୦୨୪-୨୫ ଆର୍ଥିକ ବର୍ଷରେ ୮୩.୮୦ ପ୍ରତିଶତ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର (ପିଏଲ୍‌ଏଫ୍) ହାସଲ କରିଛି। ଏହାଦ୍ୱାରା ଭାରତର ସମସ୍ତ ରାଜ୍ୟ ସରକାରଙ୍କ ଅଧୀନସ୍ଥ ବିଦ୍ୟୁତ୍ କେନ୍ଦ୍ର ଗୁଡିକ ମଧ୍ୟରେ ଦ୍ୱିତୀୟ ସ୍ଥାନ ହାସଲ ଏବଂ ସରକାରୀ ଓ ବେସରକାରୀ ସମସ୍ତ ବିଦ୍ୟୁତ୍ କେନ୍ଦ୍ର ମାନଙ୍କରେ ୧୯ତମ ସ୍ଥାନ ହାସଲ କରିଛି। ଓପିଜିସିର ଜାତୀୟ ହାରାହାରି ପିଏଲଏଫ୍ ଏହିବର୍ଷ ୬୯.୪୭ ପ୍ରତିଶତ ରହିଥିବା ଓପିଜିସି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓପିଜିସି ଅପରେସନ ସିନିୟର ଭାଇସ୍ ପ୍ରେସିଡେଣ୍ଟ ସୁକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଓପିଜିସି ମ୍ୟାନେଜିଂ ଡାଇରେକ୍ଟର କେଦାର ରଞ୍ଜନ ପାଣ୍ଡୁ, ଅପରେସନ ନିର୍ଦ୍ଦେଶକ ଏଆର ଦାଶ, ଶ୍ରୀ ମହାପାତ୍ର ତଥା ସିନିୟର ଜିଏମ୍ ଏଚ୍‌ଆର୍ ସୁବାଶିଷ ମୁଖାର୍ଜୀ ଉପସ୍ଥିତ ଥିଲେ। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଏମଡି ଶ୍ରୀ ପାଣ୍ଡୁ କହିଥିଲେ ଯେ, ଭବିଷ୍ୟତରେ ଓପିଜିସିର ସଂପ୍ରସାରଣ ହେବାକୁଥିବା ୫ ଏବଂ ୬ ୟୁନିଟ୍‌କୁ ଜୁନ ୨୦୩୧ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପୁନରୁଦ୍ଧାର କରାଯାଉଥିବା ପାଉଁଶ ପୋଖରୀ ଜମି ଉପରେ ୫୦ ମେଗାୱାଟ ସୌରଶକ୍ତି ପ୍ଲାଣ୍ଟ ନିର୍ମାଣ କରାଯିବ। ଏଥିପାଇଁ ଡିସେମ୍ବର ୨୦୨୫ ସୁଦ୍ଧା ଚୁକ୍ତିନାମା ସମ୍ପନ୍ନ ହେବାର ସେ ଆଶା ପୋଷଣ କରିଥିଲେ। ତାସହ ଇଣ୍ଟାକ ଚ୍ୟାନେଲ ସ୍ଲୋପ ଉପରେ ୨.୫ ମେଗାୱାଟ ସୌରଚାଳିତ ବିଦ୍ୟୁତ୍ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରାଯିବା ସହ ୨ ଜିଡବ୍ଲୁ ସୌର-ପବନ ହାଇବ୍ରିଡ ପ୍ରକଳ୍ପ ପାଇଁ ମଧ୍ୟ ଯୋଜନା ଥିବା କୁହାଯାଇଛି। ପୁରାତନ ୟୁନିଟ ୧ ଓ ୨ର ନବୀକରଣ ୭୫୭ କୋଟି ଟଙ୍କା ନିବେଶରେ କରାଯିବ। ଏହାସହ ସିଏସ୍‌ଆର୍ କାର୍ଯ୍ୟ ଅଧୀନରେ ନେଇ ସ୍ଥାନୀୟ ଅଞ୍ଚଳରେ ବିକାଶ ଏବଂ ସ୍ଥାନୀୟ ଯୁବକ ଯୁବତୀଙ୍କ ନିଯୁକ୍ତି ବହୁମାତ୍ରାରେ ବୃଦ୍ଧି ପାଇବା କଥା କୁହାଯାଇଛି।

ପରିବେଶ ପ୍ରଦୂଷଣ ପ୍ରଶ୍ନର ଉତରରେ ଶ୍ରୀ ପାଣ୍ଡୁ କହିଥିଲେ ଯେ, ପ୍ରଦୂଷଣ ନିୟନ୍ତ୍ରଣର ସମସ୍ତ ଅଧିନିୟମକୁ ପାଳନ କରିବାକୁ ଓପିଜିସି ବଦ୍ଧପରିକର। ଶେଷରେ ସିନିୟର ଜିଏମ୍ ଏଚ୍‌ଆର୍ ସୁବାଶିଷ ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଶାପ ପାଲଟିଛି ସାହାଜବାହାଲ ଜେଏସ୍‌ଡବ୍ଲ୍ୟୁ

ଇବଥର୍ମାଲ,୨୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ଘରୋଇ ପାୱାରପ୍ଲାଣ୍ଟ ଏବେ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। ଏଠାରେ ଇଣ୍ଡ ବରାଥ ଉତ୍କଳ ଏନର୍ଜି ସହିତ ଏଏମ୍‌ୟୁ ସ୍ୱାକ୍ଷରିତ ହୋଇ ଇଣ୍ଡ ବରାଥକୁ ଶାଗମାଛ ଦରରେ ଜମି ପ୍ରଦାନ କରାହୋଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ଲୋକଙ୍କୁ ପ୍ରତିଶ୍ରୁତିର ବଡ଼ବଡ଼ ସ୍ୱପ୍ନ ଦେଖାଇଥିଲେ। ହେଲେ ସବୁ ପାଣି ଫୋଟକାପରି ମିଳେଇଗଲା। ଇଣ୍ଡ ବରାଥ ଉତ୍କଳ ଏନର୍ଜି ଦେବାଳିଆ ଘୋଷିତ ହେଇ ବନ୍ଦ ହେଲା। ସମସ୍ତ ନିୟମ ଓ ପ୍ରତିଶ୍ରୁତି ପାଳନ କରିବାର ଚୁକ୍ତି ସରକାରଙ୍କ ଠାରେ କରି ଇଣ୍ଡ ବରାଥକୁ ଜେଏସଡବ୍ଲ୍ୟୁ ଅଧିଗ୍ରହଣ କରିଥିଲା। କିନ୍ତୁ ଏହାପରେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବା ପରିବର୍ତ୍ତେ

**● ପାଉଁଶର ବିଷ ବଳୟ ଲୋକଙ୍କ ପାଇଁ ହେଇଛି କାଳ**
**● ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ଚେତାବନୀ**



ସେମାନଙ୍କ ଦୁର୍ଦ୍ଦଶା ବଢ଼ିଲା। ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ଓ ବିକାଶ ଘର ଶୂନ ହୋଇଛି। ପ୍ଲାଣ୍ଟ ଚାଲିବା ଦିନଠାରୁ ଜେଏସ୍‌ଡବ୍ଲୁ ଅଞ୍ଚଳବାସୀଙ୍କୁ କେବଳ ପ୍ରଦୂଷଣ ଛଡ଼ା ଆଉ କିଛି ଦେଇନାହିଁ। ପ୍ଲାଣ୍ଟ ଚିମିନିରୁ ପାଉଁଶ ବର୍ଷା ହେବା, ବେଆଇନ ଭାବେ ପାଉଁଶ ପରିବହନ କରିବା, ସମସ୍ୟା ନେଇ ଅଭିଯୋଗ କଲେ ପୁଲିସ ସହାୟତାରେ ଲୋକଙ୍କୁ ନାଲିଆଖି ଦେଖାଇବା, ରାସ୍ତାଘାଟରେ ପାଉଁଶ ଗଦେଇବା ଆଦି ଜେଏସ୍‌ଡବ୍ଲୁର ନିତିଦିନିଆଁ କାମ ହୋଇଛି। ୟୁଏସ୍‌ପି ନଥାଇ ପ୍ଲାଣ୍ଟ ଚିମିନି ଚଳେଇବା କଥା ନୁହେଁ; ହେଲେ ଏଭଳି ଚାଲିଥିବା ପରୋକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ ସ୍ୱୀକାର କରିଥିବା ନଜିର ରହିଛି। ସେହିପରି ପ୍ରଦୂଷଣ ନିୟନ୍ତ୍ରଣର ବୋର୍ଡ ନିୟମ ଅନୁସାରେ ପାଉଁଶର ସୁପରିଚାଳନା ସକାଶେ ନିଜସ୍ୱ ଆସ୍‌ପଣ୍ଡ ହେବା ନିତାନ୍ତ ଆବଶ୍ୟକ, ଯାହାକୁ ଜେଏସଡବ୍ଲ୍ୟୁ ନକରି ଭାରିଯାନ ଯୋଗେ ଅହରହ ବେଆଇନ ପାଉଁଶ ପରିବହନ କରୁଛି। ଏହାଦ୍ୱାରା ରାସ୍ତାରେ ପାଉଁଶ ପଡିବା ଯୋଗୁ ପ୍ରଦୂଷଣ ବଢ଼ିବଢ଼ି ଚାଲିଛି। ଏହି ପାଉଁଶ ପ୍ରଦୂଷଣ ଯୋଗୁ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ ଓ ପିପିଲିକାନି ପଞ୍ଚାୟତ ଲୋକେ ବିଶେଷ ଭାବେ ପ୍ରଭାବିତ ହେବାସହ ଚର୍ମରୋଗ, କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ଲାଣ୍ଟର ପ୍ରଦୂଷିତ ଜଳକୁ ରିସାଇକ୍ଲିଂ ନ କରି ସିଧାସଳଖ ଛାଡିଦେବା ଫଳରେ ତାହା ଯାଇ ହୀରାକୁଦ ନଦୀବନ୍ଧରେ ମିଶୁଛି। ରାସ୍ତାଘାଟରେ ଗଦା ହୋଇଥିବା ପାଉଁଶ ବର୍ଷାଜଳରେ ଭାସି ଚାଷ ଜମି ନଷ୍ଟ କରିବା ସହ ଇବ ନଦୀରେ ମଧ୍ୟ ସିଧାସଳଖ ମିଶୁଛି। ଏହିପରି ପ୍ଲାଣ୍ଟ ଦ୍ୱାରା ବାୟୁ, ଜଳ, ଜମି ଜଙ୍ଗଲ ବିଷ ବଳୟରେ ପରିଣତ ହୋଇଛି। ମଣିଷ ସହିତ ଜଳଚର ଓ ସ୍ଥଳଚର ଅନ୍ୟ ଜୀବ ମଧ୍ୟ ଏହାର କୁପରିଣାମ ଭୋଗୁଛନ୍ତି। ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ତଥା ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଝାରସୁଗୁଡା ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଜେଏସଡବ୍ଲ୍ୟୁ ସାହାଜବାହାଲର ମେରିରାୟ ପଲିସି ଯୋଗୁ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ନଦେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ● ସେମାନେ ଯାହା କୁହନ୍ତି



ଜେଏସଡବ୍ଲୁ ସାହାଜବାହାଲ ପାୱାର୍‌ପ୍ଲାଣ୍ଟ ସବୁକ୍ଷେତ୍ରରେ ବେଆଇନ କାର୍ଯ୍ୟ କରିଚାଲିଛି। ରାସ୍ତାକଡରେ ବେଆଇନ ଆସ୍ ଡମ୍ପିଂ କରିବା ଫଳରେ ଆଜି ସମଗ୍ର ଅଞ୍ଚଳ ପ୍ରଦୂଷିତ। ଚାଷଜମି, ନଦୀଜଳ ସମେତ ହୀରାକୁଦ ଜଳଭଣ୍ଡାର ପ୍ରଦୂଷିତ। ଏସମ୍ପର୍କରେ ଅନେକ ଆଗରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଲୋକେ ସୁଫଳରୁ ବଞ୍ଚିତ।

**ଭୋନାଥ ବଡ଼େଇ**
**ସାଧାରଣ ସମ୍ପାଦକ ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି**



ଜେଏସଡବ୍ଲୁ ପାୱାର୍‌ପ୍ଲାଣ୍ଟ ହେଲା ଦିନଠୁ ଧୂଆଁ ଛାଡୁଥିବା ଫଳରେ ବାୟୁକୁ ପ୍ରଦୂଷଣ କରୁଛି, ପାଉଁଶ ପାଣି ଯୋଗୁ ଚାଷୀ ଓ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ପ୍ଲାଣ୍ଟ ସକାଶେ ସମ୍ବଲପୁର ରେଙ୍ଗାଲି ପଟୁ କୋଇଲା ପରିବହନ ଓ ପାଉଁଶ ପରିବହନ ଯୋଗୁ ମୁଖ୍ୟରାସ୍ତା ଏବେ ମରଣଯନ୍ତା ହୋଇଛି। ବର୍ଷାହେଲେ ଗାତରେ ପାଣି ପଶି ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି ଏବଂ ଶୁଖିଲା ପାଗରେ ପ୍ରଦୂଷଣ ଯୋଗୁ ଦିନବେଳା ବି ଲାଇଟ ଜଳେଇ ଆସିବାକୁ ପଡୁଛି। ହେଲେ ପ୍ରଶାସନ ପକ୍ଷରୁ ପ୍ରତିକାର ଶୂନ୍ୟ ରହିଛି।

**ପୁଷ୍ପାଞ୍ଜଳି ପ୍ରଧାନ, ତିଲିଆ ସରପଞ୍ଚ**



ଜେଏସଡବ୍ଲୁ ସାହାଜବାହାଲ ପୂର୍ବ ଚୁକ୍ତିର ସମ୍ପୂର୍ଣ୍ଣ ଖିଲାପ କରି ଚାଲିଛି। ଏକଛତ୍ରବାଦ ଶାସନ ଭଳି କାମକରି ଅଞ୍ଚଳର ବିକାଶ ଭୁଲିଯାଇ ସମଗ୍ର ଅଞ୍ଚଳକୁ ବିନାଶ ମୁଖକୁ ଠେଲି ଦେଲାଣି। ପ୍ରଦୂଷଣ ତ ଜଳଜଳ ଦେଖାଯାଉଛି, ସ୍ଥାନୀୟ ନିଯୁକ୍ତି ଶୂନ୍ୟ। ଅଞ୍ଚଳ ପାଇଁ ଜେଏସଡବ୍ଲୁ ଅଭିଶାପ ପାଲଟିଛି।

**ସୁରେନ୍ଦ୍ର ପାଢ଼ୀ ପୂର୍ବତନ ସମିତି ସଭ୍ୟ**



ଜେଏସଡବ୍ଲୁ ସାହାଜବାହାଲର ମନମୁଖୀ କାରବାର ଯୋଗୁ ଲୋକେ ଅତିଷ୍ଠ। ବାୟୁ, ଜଳ, ଜମି, ଜଙ୍ଗଲ ସବୁକିଛି ବ୍ୟାପକ ମାତ୍ରାରେ ପ୍ରଦୂଷିତ ହେଉଛି। କୋଇଲା ଓ ପାଉଁଶ ପରିବହନ ସକାଶେ ଶହଶହ ଭାରିଯାନ ଚଳାଚଳ ଯୋଗୁ ଲୋକେ ଭୟଙ୍କର ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେବାସହ ବହୁ ଧନଜୀବନ ହାନି ଘଟୁଛି।

**ସଞ୍ଜୁ ସେଠ୍ ସମାଜସେବୀ**

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି



ଝାରସୁଗୁଡ଼ା,୨୦।୭ (ସମିସ): ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଅଧ୍ୟକ୍ଷତାରେ କରିଥିଲେ।

ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜେମ୍ସ ସମାଦଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ୱାଧୀନତା ଦିବସରେ ଜିଲ୍ଲାର ସହରାଞ୍ଚଳରେ ପ୍ରତ୍ୟୁଷ ୪ଟାରୁ ୫ଟା ମଧ୍ୟରେ ରାମଧୁନ ପରିବେଷଣ, ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ସାଢ଼େ ସାତଟା ସୁଦ୍ଧା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଇତ୍ୟାଦିରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୯ଟା ୧୫ରେ ମନମୋହନ ସ୍କୁଲ ପ୍ରାଙ୍ଗଣରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପ୍ୟାରେଡ଼ ଅନୁଷ୍ଠିତ ହେବା ସକାଶେ ବୈଠକରେ ସ୍ଥିର କରାଯାଇଛି। ସେହିପରି ରକ୍ତଦାନ ଶିବିର ଆୟୋଜନ, ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନକାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ଜିଲ୍ଲାର ମାଟ୍ରିକ, ଯୁକ୍ତ ଦୁଇ ଓ ଯୁକ୍ତ ତିନି ପରୀକ୍ଷାରେ ସର୍ବୋଚ୍ଚ ନମ୍ବରଧାରୀ ଛାତ୍ରଛାତ୍ରୀ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ହାସଲକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ଆଲୋଚନା କରାଯାଇଥିଲା।

ଏହାସହ ପ୍ୟାରେଡ଼ ପ୍ରସ୍ତୁତି, ବିଭିନ୍ନ ସ୍ଥାନରେ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ପାଇଁ ଆଲୋଚନା ହୋଇ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମ ଗୁଡ଼ିକର ସଫଳରୂପାୟନ ସକାଶେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଗଲା। ବିଭିନ୍ନ ଶିକ୍ଷାନୁଷ୍ଠାନ, ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରସ୍ତୁତି ବୈଠକରେ ଅଂଶଗ୍ରହଣ କରିଥିଲେ।

## ଅଗ୍ରୀଆ ସମାଜର ମଣ୍ଡଳସ୍ତରୀୟ ସାଧାରଣ ସଭା



ଝାରସୁଗୁଡ଼ା,୨୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ କଟାପାଲି ମଣ୍ଡଳର ଝାରସୁଗୁଡ଼ା ଟାଉନ ଗୁଡି ଅଧୀନ ପୂର୍ଣ୍ଣା (କୁମୁଡାପାଲି) ଠାରେ ଆନନ୍ଦ ପାଣ୍ଡେଙ୍କ ବାସଭବନରେ ଅଗ୍ରୀଆ ସମାଜର ମଣ୍ଡଳ ସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମଣ୍ଡଳ ସଭାପତି ଗୋକୁଳ ମୋହନ ପଟେଲ, ସମ୍ପାଦକ ରୂପାନନ୍ଦ ଚୌଧୁରୀ, ଅଶୋକ ପଟେଲ, ପୂର୍ବତନ ଆଞ୍ଚଳିକ ସଭାପତି ପ୍ରଜ୍ୱଳ ପଟେଲ, ଆଞ୍ଚଳିକ ସମ୍ପାଦକ ଯୋଗେନ୍ଦ୍ର ପାଣ୍ଡେ, ମଣ୍ଡଳ କାର୍ଯ୍ୟକାରୀ ସଭାପତି ହରିଶ ପାଣ୍ଡେ, ପୂର୍ବତନ ମଣ୍ଡଳ ସଭାପତି ଗୌତମ ପାଣ୍ଡେ, ଟାଉନ ଗୁଡି ସଭାପତି ରାଜବିହାରୀ ପାଣ୍ଡେ ମଞ୍ଚରେ ମଞ୍ଚାସୀନ ଥିଲେ। ପ୍ରଜ୍ୱଳ ପଟେଲ ସଭାକୁ ପରିଚାଳନା କରିଥିଲେ। ସଭାରେ ମଣ୍ଡଳ କୋଷାଧ୍ୟକ୍ଷ ଦିଲ୍ଲୀପ ନାଏକ, ଟାଙ୍ଗରପାଲି ଗୁଡି ସଭାପତି ସୁଶୀଲ ପଟେଲ, ସମ୍ପାଦକ ରାଧେଶ୍ୟାମ ପଟେଲ, ପଞ୍ଚପଡା ଗୁଡି ସଭାପତି ରତ୍ନପୂର୍ଣ୍ଣ ପଟେଲ, ବନ୍ଦବାହାଲ ଗୁଡି ସଭାପତି ସଞ୍ଜୟ ପଟେଲ, ଆଞ୍ଚଳିକ କୋଷାଧ୍ୟକ୍ଷ ଦେବେନ୍ଦ୍ର ପଟେଲ, ଆଞ୍ଚଳିକ ଉପସମ୍ପାଦକ ଅହଲ୍ୟା ନାଏକ, ତିଳେଇମାଲ ଗୁଡି ସମ୍ପାଦକ ଦିଲ୍ଲୀପ ନାଏକ, କିଶୋର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ହରିଶ ପାଣ୍ଡେ ଧନ୍ୟବାଦ ଦେଇଥିଲେ।

## ଭେଡେନ ନଦୀରେ ବୁଡ଼ି ଯୁବକ ମୃତ

### ୩ ଦିନ ପରେ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା,୨୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ସୋଡାମାଳ ପଞ୍ଚାୟତ ଅଧୀନସ୍ଥ ଭେଡେନ ନଦୀର ମହାଦେବପାଲି ଘାଟରେ ଗୁରୁବାର ଭାସି ଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ଯୁବକ ଜଣକ ବ୍ରଜରାଜନଗର ଅଞ୍ଚଳର ବିକାଶ ସାହୁ ବୋଲି ଜଣାପଡିଛି। ବିକାଶ ଗୁରୁବାର ସାଙ୍ଗଙ୍କ ସହିତ ଝାରସୁଗୁଡ଼ା ସହର ନିକଟ ମହାଦେବ ପାଲି ଶିବ ମନ୍ଦିରକୁ ବୁଲି ଯାଇଥିଲେ। ସେଲ୍ଫି ନେଲା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଖବରପାଇ ଘଟଣାସ୍ଥଳରେ କୋଲାବିରା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସର୍ଚ୍ଚ ଅପରେସନ କରିଥିଲେ। ୩ ଦିନ ଧରି ଖୋଜାଖୋଜି କରିବା ପରେ ସାଲେପାଲିର କେନ୍ଦମାଲ ଭେଡେନ ନଦୀ କୂଳରୁ ବିକାଶଙ୍କ ମୃତଦେହ ଆଜି ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଏମ୍‌ପିଏଫ୍ ପକ୍ଷରୁ ଚାରାରୋପଣ



ଝାରସୁଗୁଡ଼ା,୨୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟ୍‌ନେସ୍ (ଏମ୍‌ପିଏଫ୍) ଦ୍ୱାରା ପ୍ରତ୍ୟେକ ରବିବାର ଚାରାରୋପଣ କାର୍ଯ୍ୟକ୍ରମ କରାଯାଉଛି। ଏମ୍‌ପିଏଫ୍‌ର ହମିଦ ମହାପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡାନିଏଲ୍ସ ଗ୍ରୁପର ମୁଖ୍ୟ ଡ.ବିଜୟ ପଟ୍ଟନାୟକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ନାଟ୍ୟଶ୍ରୀ ଉପନ ଚରଣ ସାହୁ, ଶିକ୍ଷାବିତ ଶୁସିଲ ପୁରାହିତ, ବି.ଆର ହାଇସ୍କୁଲର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ। ଏମପିଏଫର ସଭାପତି ଆଶିଷ ଦାସ, ସଦସ୍ୟ କିଶୋର ପଣ୍ଡା, ମିନତୀ ମହାପାତ୍ର, ସୁବ୍ରତ ମହାପାତ୍ର, ପଞ୍ଚାନନ ପାଣିଗ୍ରାହୀ, ରାମ ସେନ୍ଦ୍ରିୟା, ରମଣୀ ମାଝୀ, ଅଭିଶେକ ସିଂଙ୍ଗାନିଆ, ପ୍ରବୀର ଆଇଚ, ବୁଲୁ ବାରିକ, ଦିଲୀପ ସାହୁ, ସୁବୋଧ ଭଇଁସାଲ, ଆଦିତ୍ୟ ରାୟ, ସୁମନ୍ତ ଭଇଁସାଲ, ଓମ ପ୍ରଧାନ, ସୌରଭ ସାଗର ଭିତରିଆ, ଆକାଶ କିସାନ, ସୁବାସ ମହାରଣା ପ୍ରମୁଖ ଚାରାରୋପଣ କରିଥିଲେ। ବେଲପାହାଡ ପୌରପାଳିକାର ମିର୍ଦ୍ଧାଡେରା ଠାରୁ ଶନି ମନ୍ଦିରକୁ ଯାଇଥିବା ରାସ୍ତା କଡରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କରଞ୍ଜ, ଛତିଆନା, ଆମ୍ବ, ଲିମ୍ବ, ପଣସ, ଜାମୁକୋଳି ଇତ୍ୟାଦି ଚାରାରୋପଣ କରାଯାଇଥିଲା।

# ‘ଭଏସ୍ ଜିନିୟସ୍ ସିଜନ-୧୨’ ପାଇଁ ପ୍ରସ୍ତୁତି



ଦେବଗଡ଼,୨୦।୭ (ସମିସ): ଦେବଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକା ସଙ୍ଗମ ଆଣ୍ଡ ସଙ୍ଗମ କ୍ଲବ୍ ତରଫରୁ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ସଂସ୍କୃତି ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ବିକାଶ ପ୍ରଧାନ ବୈଠକର ସଭାପତିତ୍ୱ କରିଥିଲେ। ସ୍ୱାଧୀନତା ଦିବସରରେ ବିଦ୍ୟାଳୟ ସ୍ତରୀୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଭଏସ୍ ଜିନିୟସ ସିଜନ-୧୨ ପ୍ରତିଯୋଗିତା ପାଇଁ ନିଷ୍ପତ୍ତି ହୋଇଥିଲା। ଅଗଷ୍ଟ ୧୪ରୁ ୧୫ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରିବାକୁ କ୍ଲବ୍‌ର ସଦସ୍ୟ ସହମତ ହୋଇଥିଲେ। ଅଡିସନ ମାଧ୍ୟମରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ପାଇଁ ଚୟନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଚଳିତବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବିକାଶ ପ୍ରଧାନ, ଉପସଭାପତି ବାସୁଦେବ ମିଶ୍ର, ସମ୍ପାଦକ ଅନୁଜ ପ୍ରଧାନ, ସହସମ୍ପାଦକ ଯୁଗଳ କିଶୋର ରାଉତ, କୋଷାଧ୍ୟକ୍ଷ ବିକାଶ ଖଡ଼ିରତ୍ନ, ନୃତ୍ୟ ସଂଯୋଜକ ପମି ନାୟକ, ଆଇନ ପରାମର୍ଶଦାତା ପ୍ରତାପ ପାତ୍ର, ଉପଦେଷ୍ଟା ମଣ୍ଡଳୀରେ ଉମାଶଙ୍କର ସାହୁ, ଶଶାଙ୍କ ଶେଖର ଝାଙ୍କର, ରାଧା ମାଧବ ମିଶ୍ର, ଆଶିଷ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

# ଗଛକଟାକୁ ବିରୋଧ କରି ଧାରଣା ଦେଲେ ଗ୍ରାମବାସୀ



ଝାରସୁଗୁଡ଼ା,୨୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ପଣ୍ଡରିପଥର ଠାରେ ଥିବା ଗ୍ରାମ୍ୟ ଜଙ୍ଗଲରେ ଓପିଟିସିଏଲ୍ ପକ୍ଷରୁ ଗଛକଟା ଆରମ୍ଭ ହୋଇଛି। ଏହାକୁ ନେଇ ଗ୍ରାମବାସୀ ବିରୋଧ କରିବା ସହ ଧାରଣା ଦେଇଛନ୍ତି। ବିନା କାଗଜପତ୍ରରେ ଗଛ କଟାଯାଉଥିବା ଅଭିଯୋଗ କରି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଗୋଟିଏ ପଟେ ବୃକ୍ଷରୋପଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ ଝାରସୁଗୁଡ଼ା ଜିଲ୍ଲାରେ ଖଣି ଓ ଶିଳ୍ପାୟନ ପାଇଁ ଜୋରସୋରରେ ଗଛକଟା ଚାଲିଛି। ଏହାକୁ ବିରୋଧ କରି ବର୍ଷ ବର୍ଷ ଧରି ଥିବା ଜଙ୍ଗଲକୁ କେଉଁ ପରିସ୍ଥିତିରେ କଟା ଯାଇଛି ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଥିଲେ।

ଘଟଣାସ୍ଥଳରେ ଉପସ୍ଥିତ ଥିବା ଓପିଟିସିଏଲ କର୍ମଚାରୀଙ୍କୁ କାର୍ଯ୍ୟ ବନ୍ଦ କରିବା ପାଇଁ କହିବା ସହିତ ଡିଏଫଓଙ୍କ କାର୍ଯ୍ୟାଳୟକୁ ଯାଇ ଗଛକଟା ବନ୍ଦ କରିବା ପାଇଁ ଜଣାଇଥିଲେ। ଖବରପାଇ ବିଭାଗ କର୍ମଚାରୀ ବିରୋଧ ସ୍ଥଳକୁ ପହଞ୍ଚିଥିଲେ। ଗଛକଟା ପାଇଁ ଓପିଟିସିଏଲ ବନ ବିଭାଗ ପକ୍ଷରୁ ସ୍ୱୀକୃତି ନେଇଛି କି ନାହିଁ ତାହା ତଦନ୍ତ କରାଯିବ ଏବଂ ବେଆଇନ ଭାବେ ଗଛ କାଟିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ଅଧିକାରୀ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ।



# ‘ଲିଗ୍ କମ୍ ନକ୍ ଆଉଟ୍’ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



ଝାରସୁଗୁଡ଼ା,୨୦।୭ (ସମିସ)

ଝାରସୁଗୁଡ଼ା ଜିଲ୍ଲା ମନମୋହନ ସ୍କୁଲ ପଡ଼ିଆ ଠାରେ ଜୟହିନ୍ଦ କ୍ଲବ୍ ଆନୁକୂଲ୍ୟରେ ଲିଗ କମ ନକ ଆଉଟ ପଦ୍ଧତିରେ ୧୨ତମ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାରେ ଝାରସୁଗଡ଼ା, ସମ୍ବଲପୁର ଅଞ୍ଚଳର ୧୨ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ଅଗଷ୍ଟ ୧୫ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜିର ପ୍ରଥମ ମ୍ୟାଚ୍ ସ୍ପୋର୍ଟର୍ସ କ୍ଲବ୍ ବାଲିଝରୀ ଓ ଜୟବଜରଙ୍ଗ କ୍ଲବ୍ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରବିବାର ଝାରସୁଗୁଡ଼ା କ୍ରୀଡ଼ା ସଂଘର ସମ୍ପାଦକ ତାପସ ରାୟ ଚଉଧୁରୀ ଅତିଥି ଭାବରେ ଯୋଗ ଦେଇଥିଲେ।

ଆଜି ଖେଳ ବେଳେ ପ୍ରବଳ ବର୍ଷାରେ ଉଭୟ ଦଳର ଖେଳାଳି କାଦୁଅରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶେଷରେ ବାଲିଝରୀ ସ୍ପୋର୍ଟର୍ସ କ୍ଲବ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ବାଲିଝରୀ ସ୍ପୋର୍ଟର୍ସ କ୍ଲବ୍‌ର ସାହିଲ ବାଗ ମ୍ୟାନ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଖେଳକୁ ପି ରାଜେଶ୍ୱର ରାଓ, ରମଣୀ ମାଝି, ଅଗସ୍ତି ହାତିପତା ଓ କୀର୍ତ୍ତନ ଦାସ ପରିଚାଳନା କରିଥିଲେ। କେ.ଜଗନ୍ନାଥ ରାଓ ମ୍ୟାଚ୍ କମିଶନର ରହିଥିଲେ।

# ସମ୍ପାଦକୀୟ



ଈଶ୍ୱର ଆରାଧନା ଅପେକ୍ଷା ସ୍ୱଧର୍ମ ନିୟମ ଅନୁପାଳନ କରିବା ଶ୍ରେୟସ୍କର।
-ଗୌତମ ବୁଦ୍ଧ

ସକାଳ
THE SAKALA

## ନାରକୀୟ ଧାରା

ବାଲେଶ୍ୱର ଏଫ୍‌ଏମ୍ କଲେଜ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଓ ମୃତ୍ୟୁ ନିଆଁ ପ୍ରଶମିତ ହୋଇ ନଥିବା ବେଳେ ବଲଙ୍ଗାରେ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରିଛନ୍ତି। ପୀଡ଼ିତା ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। କେତେ ଦିନ ପରେ ଅଭିଯୁକ୍ତ ଧରାପଡ଼ିବେ, କେବେ ଦୋଷୀ ସାବ୍ୟସ୍ତ ହେବେ, କି ଦଣ୍ଡବିଧାନ ହେବ, ରାଜ୍ୟ ରାଜନୀତି କେଉଁ ମୋଡ଼ ନେବ, ତାହା ଭିନ୍ନ କଥା। କିନ୍ତୁ ଲଗାତାର ନିଆଁ ଓ ଜୀବନ-ମୃତ୍ୟୁ ଭିତରେ ଆରମ୍ଭ ହୋଇଥିବା ଏହି ଅଭୂତପୂର୍ବ ନାରକୀୟ ଖେଳ ଶାନ୍ତିପ୍ରିୟ ଓଡ଼ିଶାକୁ ଯେ ଜାତୀୟସ୍ତରରେ ନିନ୍ଦିତ କରିଛି ଏହା ଲଜ୍ଜାର ସହିତ ସ୍ୱୀକାର କରିବାକୁ ପଡ଼ିବ। ଦୁର୍ଯୋଗବଶତଃ ଦୁଇଟିଯାକ ଘଟଣା ଶନିବାର ଦିନ ହିଁ ଘଟିଛି।

ଉପରୋକ୍ତ ଘଟଣାକୁ ରାଜନୀତି ବିଶାରଦମାନେ କେଉଁ ଦୃଷ୍ଟିରୁ ବିଶ୍ଳେଷଣ କରିବେ, କେଉଁ ନିଷ୍କର୍ଷରେ ପହଞ୍ଚିବେ ତାହା ଅନ୍ବେବହୁତ ବୁଝାପଡୁଛି। କିନ୍ତୁ ସମାଜବିଜ୍ଞାନୀଙ୍କ ମତରେ ଗୋପାଳପୁର ଗଣଦୁଷ୍କର୍ମ ଅଘଟଣରୁ ସଦ୍ୟତମ ବଲଙ୍ଗା ପର୍ଯ୍ୟନ୍ତ ଗତ ପ୍ରାୟ ଏକମାସର ଘଟଣାବଳୀକୁ ତର୍ଜମା କଲେ ରାଜ୍ୟରେ ସାମାଜିକ ମୂଲ୍ୟବୋଧର ଗୁରୁତର ଅବକ୍ଷୟ ଘଟିଚାଲିଛି। ଏହିସବୁ ଘଟଣାବଳୀକୁ ତର୍ଜମା କଲେ ଲାଗୁଛି ମଣିଷ ମାନବିକତା ହରାଇଛି ଏବଂ ଆଇନ, ବିଚାର, ଦଣ୍ଡବିଧାନ ପ୍ରତି ଭୟ ତା' ମନରୁ ଦୂରେଇ ଯାଇଛି। ଯଦି ଏହି ନାରକୀୟ ଧାରା ଜାରି ରହେ ତେବେ ଓଡ଼ିଶା ଖୁବ୍ ଶୀଘ୍ର ବିହାରର ଜଙ୍ଗଲୀରାଜ କିମ୍ବା ମଣିପୁର ହେବାକୁ ବେଶୀ ବିଳମ୍ବ ହେବ ନାହିଁ। ଯେତେବେଳେ ଜନତାଙ୍କ ମନରୁ ଆଇନ ଶୃଙ୍ଖଳାର ଭୟ ଦୂରେଇ ଯାଏ ସେତେବେଳେ ରାଜ୍ୟ କିମ୍ବା ଦେଶ ଅରାଜକତା ଦିଗକୁ ଯାଉଛି ବୋଲି ବୁଝାଯାଏ। ଓଡ଼ିଶା ପରିପ୍ରେକ୍ଷୀରେ ଏତେଶୀଘ୍ର କୌଣସି ନିଷ୍କର୍ଷରେ ପହଞ୍ଚିବା ଉଚିତ ନ ହେଲେ ମଧ୍ୟ ଅବଚେତନ ମନରେ ଏହି ଧାରଣାଟିଏ କ୍ରମଶଃ ଦୃଢ଼ୀଭୂତ ହେଉଛି।

ଅପରାଧର ଆୟୁଧ ଛୁରୀ, ଭୁଜାଲି, ଖଣ୍ଡା ଆଦିରୁ ବିଗତ ଶତାବ୍ଦୀର ଶେଷ ଦଶକରେ ଗୁଳିଗୋଳାର ରୂପ ନେଇ ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ଏସିଡ୍ ଆକ୍ରମଣରେ ପହଞ୍ଚିଥିଲା। ଏବେ କିନ୍ତୁ ବାଲେଶ୍ୱରରୁ ବଲଙ୍ଗା ପର୍ଯ୍ୟନ୍ତ ଘଟଣାକ୍ରମକୁ ଅନୁଶୀଳନ କଲେ ପେଟ୍ରୋଲ୍, କିରାସିନି ଆଦି ଦହନଶୀଳ ପଦାର୍ଥ ଅପରାଧର ନୂଆ ଆୟୁଧ ହୋଇଛି। ବୋଧହୁଏ ଅପରାଧୀ ଚାହୁଁଛି ତା' ଆଖିରେ ଶତ୍ରୁ ସାଜିଥିବା ବ୍ୟକ୍ତିଟିକୁ ସେ କେବଳ ହତ୍ୟା କରିବ ନାହିଁ, ବରଂ କଲବଲ କରି ହତ୍ୟା କରିବ। ହଠାତ୍ ଏ ପୈଶାଚିକ ମାନସିକତା ଜନ୍ମ ନେଲା କେଉଁଠୁ ଏବଂ କିପରି? ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହାର ନିରାକରଣ ହେବ କେମିତି ଏବଂ କରିବ କିଏ? କେତେକ ମହଲର ମତ ଯେ ଏଭଳି ମାନସିକତାଧାରୀ ଦୁର୍ବୃତ୍ତଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଅପେକ୍ଷା ଏନ୍‌କାଉଣ୍ଟର ହତ୍ୟା ବା ଯେସାକୁ ତେସା ଭଳି ଦଣ୍ଡବିଧାନ ସର୍ବାଦୌ ଉଚିତ ବିକଳ୍ପ। ପୀଡ଼ିତ/ପୀଡ଼ିତାଙ୍କ ମଧ୍ୟ ସ୍ୱଚ୍ଛନ୍ଦରେ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ଅଛି। ସେହି ଅଧିକାରର ଯିଏ ଯେଉଁଭଳି ହନନ କରୁଛି ତା'କୁ ସେଭଳି ଦଣ୍ଡିତ ନ କରିବା ପର୍ଯ୍ୟନ୍ତ ସମାଜର କଳୁଷିତ ମାନସିକତାରେ ସୁଧାର ଆସିବ ନାହିଁ। କିନ୍ତୁ ଏ ଦିଗରେ ପ୍ରତିବନ୍ଧକ ସାଜିଥିବା ବିଭିନ୍ନ ତଥାକଥିତ ସଂସ୍ଥାମାନେ ଏହା ହୃଦୟଙ୍ଗମ କରିବା ଦରକାର।

ବସ୍ତୁତଃ ଆଜି ଝିଅଟିଏ କିମ୍ବା ଯୁବତୀଟିଏ ଘରେ, ବାହାରେ, କାର୍ଯ୍ୟାଳୟରେ କେଉଁଠାରେ ମଧ୍ୟ ସୁରକ୍ଷିତ ନୁହେଁ। ଘରେ ପାରିବାରିକ ହିଂସା ବଢ଼ି ଚାଲୁଥିବା ବେଳେ କର୍ମକ୍ଷେତ୍ରରେ ଯୌନ ଓ ମାନସିକ ନିର୍ଯାତନା ଆଜିକାଲି ଏକ ସାଧାରଣ କଥା ହୋଇଗଲାଣି। ସବୁଠାରୁ ଉଦ୍‌ବେଗଜନକ ହୋଇଛି ମଣିଷ ଜୀବନରେ ଶିକ୍ଷା ଓ ଚାରିତ୍ରିକ ସଂସ୍କାରର ଭିତ୍ତି ଗଢୁଥିବା ପବିତ୍ର ଶିକ୍ଷାନୁଷ୍ଠାନମାନଙ୍କୁ ମଧ୍ୟ ଯୌନପିପାସା ସଂଚରି ଚାଲିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜରେ ବିଭାଗୀୟ ମୁଖ୍ୟଙ୍କ ପରେ ସମ୍ବଲପୁର ଜିଏମ୍ କଲେଜ୍‌ର ଆଉ ଜଣେ ଅଧ୍ୟାପକଙ୍କ କଳାକାରନାମା ସାମ୍ନାକୁ ଆସିଛି। ସନ୍ଧ୍ୟା ୫.୩୦ ପରେ ଶିକ୍ଷାନୁଷ୍ଠାନ ପରିସରରେ କୌଣସି ମହିଳା ଅଧ୍ୟାପକ, ମହିଳା କର୍ମଚାରୀ କିମ୍ବା ଛାତ୍ରୀ ରହିପାରିବେ ନାହିଁ ବୋଲି ରାଜ୍ୟର ସ୍ୱନାମଧନ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି(ବିରୋଧ ପରେ ପ୍ରତ୍ୟାହୃତ ହୋଇଛି) ପରେ ଶିକ୍ଷାନୁଷ୍ଠାନମାନଙ୍କରେ ଯେ ମହିଳା କିମ୍ବା ଛାତ୍ରୀ ସୁରକ୍ଷିତ ନୁହନ୍ତି ତାହା ଉପରେ ମୋହର ଲାଗିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣାମାନ ନିୟମିତ ଘଟିଚାଲିଛି, ଯାହା ଭିତରୁ କାଁ ଭାଁ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏପରିକି ଅଧ୍ୟାପକ/ପ୍ରାଧ୍ୟାପକମାନଙ୍କ ମାନସିକ ନିର୍ଯାତନାକୁ ସହି ନ ପାରି ଏବଂ ସେମାନଙ୍କ ଯୌନଲାଳସାକୁ ଚରିତାର୍ଥ ନ କରିପାରି ଅନେକ ମେଧାବୀ ଛାତ୍ରୀ ଅଧାରୁ ପାଠ ପଢ଼ା ଓ ଗବେଷଣାରୁ ଓହରି ଯିବାକୁ ବାଧ୍ୟ ହୋଇଥିବାର ଉଦାହରଣ ମଧ୍ୟ ବହୁଳ। ଚାରିକାନ୍ଥ ଭିତରେ ଯେଉଁଠି ଝିଅଟିଏ ସୁରକ୍ଷିତ ନୁହେଁ, ରାସ୍ତାଘାଟରେ ସୁରକ୍ଷା ବିଷୟ ଉଠୁଛି କେଉଁଠୁ? ତେବେ କ'ଣ ସମାଜ ପୁଣି ସେହି ମଧ୍ୟଯୁଗୀୟ ସମୟକୁ ଫେରିଯିବାକୁ ବାଧ୍ୟ ହେବ ଯେଉଁଠାରେ ମହିଳାମାନଙ୍କୁ ଲୌହପରଦା ଆଢୁଆଳରେ ରହିବାକୁ ପଡୁଥିଲା?

ଏଫ୍‌ଏମ୍ କଲେଜ୍ ଓ ଜିଏମ୍ କଲେଜରେ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ଯାଇ ବୋଧହୁଏ ସରକାର ଚେତିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଛାତ୍ରୀଙ୍କ ନିରାପତ୍ତା ଲାଗି 'ଶକ୍ତିଶ୍ରୀ' ନାମରେ ଏକ ଯୋଜନା ଘୋଷଣା କରିଛି। ଏହି ଯୋଜନା କେବଳ ଦନ୍ତହୀନ ବ୍ୟାଘ୍ର ହୋଇ ରହିଯିବ କି ପ୍ରଭାବଶାଳୀ ହେବ ତାହା ରୂପାୟନ ଓ ଅଭିଯୋଗ ପରବର୍ତ୍ତୀ ତତ୍କାଳ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରୁଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ସରକାରଙ୍କ ନିଷ୍ଠାର ଅଭାବ ଯୋଗୁଁ କର୍ଗିଂ ଭଳି ଅମାନୁଷିକ କଳୁଷିତ ପରମ୍ପରା ଅନେକ କଠୋର କଟକଣା ସତ୍ତ୍ୱେ ପ୍ରାୟ ସବୁ ଶିକ୍ଷାନୁଷ୍ଠାନରେ ଜାରିରହିଛି। ତେଣୁ ଯୋଜନା ଅପେକ୍ଷା ରୂପାୟନ ହିଁ ଅଧିକ ଗୁରୁତ୍ୱ ରଖେ। ଆଶା ସରକାର ଏ ଦିଗଟିକୁ ଅଧିକ ଗୁରୁତ୍ୱ ଦେବେ।

ଯେତେବେଳେ ପ୍ରତିପତ୍ତି, ବାହୁବଳ ଓ ଅର୍ଥବଳ ଆଗରେ ସରକାରୀ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ବିବଶ ହୋଇପଡ଼େ ସେତେବେଳେ ଜନଆକ୍ରୋଶ ଅତିକ୍ରିୟାର ରୂପ ନିଏ ଏବଂ 'ଗଙ୍ଗାଜଲ୍' ଭଳି ଚଳଚ୍ଚିତ୍ର କାହାଣୀର ଆଧାର ପାଲଟିଯାଏ। ଚଳଚ୍ଚିତ୍ରର କାହାଣୀ ଓ ବାସ୍ତବ ଜୀବନ ଭିତରେ ଆକାଶ ପାତାଳ ଫରକ୍ ଅଛି। କିନ୍ତୁ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ପରିସ୍ଥିତି ଚାପରେ ଆକାଶ-ପାତାଳର ଦୂରତ୍ୱ ହ୍ରାସ ଘଟିବାରେ ବିଳମ୍ବ ହେବ ନାହିଁ ଏବଂ ଚଳଚ୍ଚିତ୍ରର କାହାଣୀ ବାସ୍ତବତାରେ ରୂପାୟନ ହେବ ନାହିଁ। ●

## ଏକ କରୁଣ ଆତ୍ମାହୁତିର ଆହ୍ୱାନ

**ସସ୍ମିତା କର**

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କର ଦୁଃଖଦ ମୃତ୍ୟୁ ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଆନ୍ଦୋଳିତ କରିଛି ଓଡ଼ିଶା ବାହାରେ ସଭ୍ୟ ମାନବସମାଜକୁ। ତିନିଦିନ ନ ପୂରୁଣୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏକ ଛାତ୍ରୀଙ୍କ ଅଭିଯୋଗକ୍ରମେ ଶିକ୍ଷକଙ୍କର ଗିରଫଦାରୀ ଲଜ୍ଜିତ କରିଛି ସମାଜର ପଥପ୍ରଦର୍ଶକ, ପିଲାର ଭାଗ୍ୟନିର୍ମାତା ଗୁରୁସମ ଶିକ୍ଷକ ଗୋଷ୍ଠୀକୁ। ଏକ ଅନୁଧ୍ୟାନ କମିଟି ବସିବ, ଦୋଷୀକୁ କଠୋରରୁ କଠୋରତମ ଶାସ୍ତି ଦିଆଯିବାର ଧାରଣା ଜନମାନସରେ ସୃଷ୍ଟି କରାଯିବ। ଅବଶ୍ୟ ବର୍ତ୍ତମାନ ସୁଦ୍ଧା ଛାତ୍ରୀଙ୍କ ଅଭିଯୋଗ ଭିତ୍ତିରେ ତାଙ୍କୁ ଯୌନ ନିର୍ଯାତନା ଦେଉଥିବା ବିଭାଗୀୟ ମୁଖ୍ୟ ଏବଂ ସବୁ ଜାଣି ନୀରବ ରହିଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇଛି। ତେବେ ଏକ କୋମଳମତି ଛାତ୍ରୀର ଜୀବନ ପ୍ରଦୀପ ଲିଭିଯିବା ପରେ ଏଇସବୁ ଶାସ୍ତି କ'ଣ ଯଥେଷ୍ଟ ?

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଂଶ ଶତାବ୍ଦୀର ଷାଠିଏ ଦଶକରେ ଗଠିତ କୋଠାରୀ ଆୟୋଗ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ- ଭାରତର ଭାଗ୍ୟ ତା'ର ଶ୍ରେଣୀଗୃହରେ ନିର୍ମିତ ହୋଇଥାଏ (ଦି ଡେଷ୍ଟିନି ଅଫ ଇଣ୍ଡିଆ ଇଜ୍ ଶେପ୍‌ଡ୍ ଇନ୍ ଇଟ୍‌ସ କ୍ଲାସରୁମ୍। ଅର୍ଥାତ, ଶ୍ରେଣୀରେ ବସିଥିବା ଆଜିର ବିଦ୍ୟାର୍ଥୀ ଭବିଷ୍ୟତରେ ଦେଶର ଶାସନଡୋରି ହାତକୁ ନିଏ, ରାଷ୍ଟ୍ରର ଭାଗ୍ୟ ଲେଖେ। ସେହି ବିଦ୍ୟାର୍ଥୀଙ୍କୁ ସମସ୍ତ ମାନବୀୟ ମୂଲ୍ୟବୋଧରେ ପରିପୂର୍ଣ୍ଣ କରିବାର ଦାୟିତ୍ୱ ହେଉଛି ଶିକ୍ଷକଙ୍କର। ଅତଃ ପ୍ରକୃତ ଅର୍ଥରେ ଶିକ୍ଷକ ହେଉଛନ୍ତି ରାଷ୍ଟ୍ରର ତ୍ରାଣକର୍ତ୍ତା, ଭାଗ୍ୟବିଧାତା। କିନ୍ତୁ ଯଦି ପଥପ୍ରଦର୍ଶକ ସ୍ୱୟଂ ହୁଏ ପଥଭ୍ରଷ୍ଟ, ଯଦି ଭାଗ୍ୟବିଧାତା ନିଜେ କରେ ଦୁର୍ଭାଗ୍ୟପୂର୍ଣ୍ଣ ଆଚରଣ, ତେବେ କ'ଣ ହେବ ଏ ଦେଶର ଭାଗ୍ୟ !

ବି.ଏଡ଼.କରି ହୁଏତ ଗୌରବମୟ ଶିକ୍ଷକ ବୃତ୍ତି ଆପଣେଇବାକୁ ସ୍ୱପ୍ନ ଦେଖୁଥିବା ସୌମ୍ୟାଶ୍ରୀ ନାମକ କଢ଼ିଟିଏ ସେଇ ଶିକ୍ଷକଙ୍କର ଯୌନଲାଳସାରୁ ବର୍ତ୍ତିବାର ସମସ୍ତ ଆଶା ହରାଇବା ପରେ ଜାଳିଦେଲା ନିଜକୁ। ଝଡ଼ିଗଲା ଅର୍ଦ୍ଧପ୍ରସ୍ଫୁଟିତ ଫୁଲଟିଏ ଅକାଳରେ। ସୌମ୍ୟାଶ୍ରୀଙ୍କର ଏହି ବଳିଦାନ ଆମକୁ ଖାଲି ସାମୟିକ ଭାବେ ବ୍ୟଥିତ କଲେ ହେବ ନାହିଁ। ଏମିତି ଅନେକ ସ୍ଥାନରେ ଅନେକ ସୌମ୍ୟାଶ୍ରୀ ଅଛନ୍ତି, ଯେଉଁମାନେ ଭୟ କିମ୍ବା ଲୋକଲଜ୍ଜା କାରଣରୁ ମୁଁହ ଖୋଲି ପାରୁନାହାନ୍ତି। ଯେମିତି ୨୦୦୬ରେ ଆରମ୍ଭ ହୋଇ ୨୦୧୭ରୁ ବିଶେଷଭାବେ ଆଦୃତି ଲା ଭକରିଥିବା 'ମି ଠୁ ମୁଭମେଣ୍ଟ' ଯେଉଁଠି ଜଣେ ମୁଁହ ଖୋଲିବା ପରେ ଅଗଣିତ ମହିଳା ତାଙ୍କ ଉପରେ ହୋଇଥିବା ଯୌନ ଉତ୍ପୀଡ଼ନର କାହାଣୀକୁ ଲୋକଲୋଚନକୁ ଆଣିଥିଲେ। ତେବେ ସେଇ ୨୦୧୭ରେ ଏବିସି ନିଉଜ୍ ଏବଂ ଦି ୱାସିଂଟନ ପୋଷ୍ଟ ଦ୍ୱାରା କରାଯାଇଥିବା ସର୍ଭେ ୫୪ ପ୍ରତିଶତ ଆମେରିକୀୟ ମହିଳା ଅସ୍ୱାଭାବିକ ବା ଅନିଚ୍ଛାକୃତ ଯୌନ ଲାଳସାର ଶିକାର ହେଉଥିବା ବେଳେ ପ୍ରାୟ ୯୫ ପ୍ରତିଶତ ଦୋଷୀକୁ କୌଣସି ଦଣ୍ଡ ଦିଆଯାଉନଥିବାର ରିପୋର୍ଟ କରିଥିଲେ।

ଏହି ମାମଲାରେ ମଧ୍ୟ ସାହସ ଯୁଟାଇ ଛାତ୍ରୀଜଣକ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଥିଲେ ଯାହାକୁ ଅଣଦେଖା କରାଯାଇଛି। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ରିପୋର୍ଟ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶିକ୍ଷାର ପବିତ୍ର ସ୍ଥଳରେ ସେ ଅଧ୍ୟାପକ କାହିଁକି ଏମିତି ବିବେକଶୂନ୍ୟ କାମ କଲେ? କାହା ଚାପରେ ବା କେଉଁ ପରିସ୍ଥିତିରେ ପଡ଼ି ଅଧ୍ୟକ୍ଷ ଏମିତି ସ୍ପର୍ଶକାତର ଘଟଣାକୁ ଏଡ଼ାଇଗଲେ, ଯେଉଁଥିପାଇଁ ଅସହାୟ ଝିଅଟିଏ ବାପା ମା'ଙ୍କ କୋଳ ଖାଲି କରି ଚାଲିଗଲା ? ସେ କାଲିକୁ ହୁଏତ ଶହଶହ ପିଲାଙ୍କୁ ପାଠପଢ଼ାଇ ମଣିଷ କରିଥା'ନ୍ତା। ଘରସଂସାର ସମ୍ଭାଳିଥା'ନ୍ତା। କାହିଁ କେତେ ଯୁବାଙ୍କୁ ଦେଉଥା'ନ୍ତା ଆତ୍ମରକ୍ଷାର ତାଲିମ୍। କିନ୍ତୁ, ହାୟ ! ଆତ୍ମରକ୍ଷା ପ୍ରଶିକ୍ଷିକା ଜଣକ ଅକଥନୀୟ ନିର୍ଯାତନା ସହିନପାରି ଆତ୍ମାହୁତି ଦେଲା। ତା' ପରିବାରର ତଥା ସମାଜର ଏହି ଅପୂରଣୀୟ କ୍ଷତି କିଏ ଭରଣା କରିପାରିବ ?

ଆତ୍ମାହୁତି ଏକ ସହଜ କଥା ନୁହେଁ। ମନୋବିଜ୍ଞାନ କୁହେ ଅସହନୀୟ ମାନସିକ ଯନ୍ତ୍ରଣା ବହୁ ସମୟରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରିଥାଏ। ଅନ୍ୟକୁ ଆମେ ଯେତେ ସହଜରେ ବାଡ଼ାଉ ବା ଚିମୁଟିପାରୁ ନିଜକୁ ସେତେ ସହଜରେ କରିପାରୁନା। ବଞ୍ଚିବାର ସମସ୍ତ ବିକଳ୍ପ ବନ୍ଦ ହେବାପରେ ହିଁ ଜଣେ ଆତ୍ମହତ୍ୟା କଥା ଚିନ୍ତା କରେ। ତେଣୁ ଛାତ୍ରୀ ସୌମ୍ୟାଶ୍ରୀ କ୍ଷେତ୍ରରେ ମଧ୍ୟ ସେଇୟା ଘଟିଥିବା ଅନୁମାନ କରାଯାଏ। ନିଜ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଅତ୍ୟାଚାରିତ ହେଲା ପରେ ସେ ଜଣାଇଛନ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ, ଗୁହାରି କରିଛନ୍ତି ଅନେକ ପଦାଧିକାରୀଙ୍କୁ। କେଉଁଠୁ କିଛି ସାହାଯ୍ୟ ସହଯୋଗ ନ ପାଇ ଆତ୍ମାହୁତି ପରି ଚରମ ନିଷ୍ପତ୍ତି ତାଙ୍କୁ ନେବାକୁ ପଡ଼ିଛି। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ଏମ୍ସ ପରିସରରେ ତାଙ୍କର ମୃତ୍ୟୁ ଘଟିଛି। ସେ ଚିର ବିଦାୟ ନେଇଛନ୍ତି ତାଙ୍କୁ ଘେରି ରହିଥିବା ଏକ କୁତ୍ସିତ ପରିବେଶରୁ। ଅନ୍ୟାୟ ବିରୁଦ୍ଧରେ ସାହସର ସହ ଲଢ଼ି ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି ମେଧାବୀ ଛାତ୍ରୀ ସୌମ୍ୟାଶ୍ରୀ।

ତାଙ୍କର ମୃତ୍ୟୁ ପରେ ସରକାରଙ୍କର ଚେତା ପଶିଚି। ଦୋଷୀକୁ ସାଲିସବିହୀନ ଦଣ୍ଡ ଦିଆଯିବ ବୋଲି ଘୋଷଣା କରାଯାଇଛି। ମୃତ୍ୟୁ ପୂର୍ବରୁ କାହିଁକି ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଗଲା ନାହିଁ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ କମିଟି (ଇଂଟରନାଲ କମ୍ପ୍ଲେଟ ସେଲ, ଆଇସିସି) ଏଚ୍‌ଓଡିଙ୍କୁ ପଦରୁ ହଟାଇବା ପାଇଁ ସୁପାରିସ କରିଥିବା ବେଳେ ତାଙ୍କୁ ହଟାଇବାକୁ ତୁରନ୍ତ ପଦକ୍ଷେପ ନିଆଗଲା ନାହିଁ କାହିଁକି ?

ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ପରେ ରାତାରାତି ଉଚ୍ଚଶିକ୍ଷା ବିଭାଗ ଆଇସିସିର କାର୍ଯ୍ୟକାରିତା ସମ୍ବନ୍ଧରେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କଠାରୁ ଚବିଶଘଣ୍ଟା ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁ.ଜି.ସି.) ୨୦୧୫ରେ ଆଇସିସି ଉପରେ ଦେଇଥିବା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିସି ସଦସ୍ୟଙ୍କ ନାମ, ଫୋନ୍ ନମ୍ବର ଆଦି ତଥ୍ୟକୁ କ୍ୟାମ୍ପସର ପ୍ରମୁଖ ସ୍ଥାନମାନଙ୍କରେ ପ୍ରଦର୍ଶିତ କରାଯିବା ସହ ସମ୍ବନ୍ଧିତ ତଥ୍ୟ ହାୟର ଏଜୁକେସନ୍ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ(ଏଚଇଏମଏସ୍) ପୋର୍ଟାଲରେ ଜିଓଟ୍ୟାଗ୍‌ଡ୍ ଫଟୋ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଆଇନ ୨୦୧୩ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରିବାକୁ ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଫ୍ୟାକ୍ଟ ଫାଇଣ୍ଡିଙ୍ଗ କମିଟି ଗଢ଼ି ସାତଦିନ ଭିତରେ ରିପୋର୍ଟ ଦେବାକୁ ୟୁଜିସି ଆଗ୍ରହ ପ୍ରକାଶ କରିଛି। ଛାତ୍ରୀଙ୍କ ପରିବାରକୁ ସରକାର ସହାୟତା ରାଶି ଘୋଷଣା କରିଛନ୍ତି। ଏ ସବୁ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଏ ସମସ୍ତ କ୍ରିୟାନୁଷ୍ଠାନ ମୁଖ୍ୟତଃ ଆରମ୍ଭ ହୋଇଛି ଛାତ୍ରୀଙ୍କର ମୃତ୍ୟୁ ପରେ। ଏଭଳି ତତ୍ପରତା ଆଗରୁ ପ୍ରକାଶ ପାଇଥିଲେ ହୁଏତ ଏ ଅଘଟଣକୁ ରୋକାଯାଇ ପାରିଥା'ନ୍ତା। ନିଜ କଲେଜ କ୍ୟାମ୍ପସରେ ଜଳିଯିବା ଆମ ସମଗ୍ର ଶିକ୍ଷା ବ୍ୟବସ୍ଥାପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁ ନାହିଁକି ?

ପୁନଶ୍ଚ, ନିଆଁ ଲାଗି ଜୀବନ ବିକଳରେ ଦୌଡୁଥିବା ବେଳେ ଏତେ ବଡ଼ ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ମଚାରୀଗଣ ଯଦି ନିଜର ସାର୍ଟ, ଓଢ଼ଣୀ ଆଦି ଘୋଡ଼ାଇ ଦେଇଥା'ନ୍ତେ ବା ବାଲି ମୁଠାଏ ମୁଠାଏ ଫିଙ୍ଗି ଦେଇଥା'ନ୍ତେ ତା'ହେଲେ ହୁଏତ ପରିସ୍ଥିତି ଆଜି ଭିନ୍ନ ହୋଇଥା'ନ୍ତା। କେବଳ ଜ୍ୟୋତିପ୍ରକାଶ କାହିଁକି? କେଉଁଠି ହଜିଗଲା ଆମ ସମସ୍ତଙ୍କର ନୈତିକତା? ଜଳିଯାଉଥିବା ଝିଅଟିକୁ ଅସହାୟ ଭାବେ ଦେଖିବା, ମାନବିକତାର ସମସ୍ତ ସୀମା ଉଲଂଘନ କରି ତା'ର ଭିଡିଓ ଉତ୍ତୋଳନ କରିବା, ଏଇୟା କ'ଣ ଗୋଟେ ପ୍ରଖ୍ୟାତ ଶିକ୍ଷାନୁଷ୍ଠାନର ମୂଲ୍ୟବୋଧ ?

ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଖାଲି ଏକ ଦୁର୍ଘଟଣା ବା ଦୁଃଖଦ ମୃତ୍ୟୁ ନୁହେଁ। ଅନ୍ୟାୟ ବିରୁଦ୍ଧରେ ଲଢ଼ିବାର ସାହସ ରଖୁଥିବା ଏକ ଛାତ୍ରୀର ବଳିଦାନ, ଯାହାର ଦୁଇ ତିନିଦିନ ନ ପୂରୁଣୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସେମିତି ଏକ ଘଟଣା ସାମ୍ନାକୁ ଆସିଛି। ସମ୍ପୃକ୍ତ ଅଧ୍ୟାପକ ଗିରଫ ହୋଇଛନ୍ତି। ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ହୁଏତ ଏହିପରି ଶୋଷିତ ଛାତ୍ରୀଙ୍କୁ ନିର୍ଭୀକ ହୋଇ ଆଗକୁ ଆସିବାକୁ ସାହସ ଯୋଗାଇବ।

ଶିକ୍ଷା ଅନୁଷ୍ଠାନ ହେଉଛି ଜୀବନ ନିର୍ମାଣର ପବିତ୍ର ଦେବାଳୟ। ସମସ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷ, ଶିକ୍ଷକ, ବିଦ୍ୟାର୍ଥୀ ସମସ୍ତେ ଆତ୍ମସମୀକ୍ଷା କରି ନିଜକୁ ଦେଖନ୍ତୁ। କୌଣସି ସମସ୍ୟାରେ ଥିଲେ ବିଦ୍ୟାର୍ଥୀମାନେ ବିଚଳିତ ନ ହୋଇ ସେ ବିଷୟରେ ଅନ୍ୟଙ୍କୁ ଅବଗତ କରାନ୍ତୁ। ପିତାମାତା, ଶିକ୍ଷକ, ସାଙ୍ଗସାଥିର କିଏ ନା କିଏ ତ ସାହାଯ୍ୟ କରିବାକୁ ଆଗେଇ ଆସିବ। ସହଯୋଗର ହାତ ବଢ଼ାଇବ। ସୌମ୍ୟାଶ୍ରୀଙ୍କ ବଳିଦାନ ବ୍ୟର୍ଥ ନ ଯାଉ। ଆଉ କେଉଁ ଅମୂଲ୍ୟ ଜୀବନ ଅକାଳରେ ଝଡ଼ି ନ ଯାଉ। ●

ଭୁବନେଶ୍ୱର, ମୋ-୬୩୭୦୧୯୮୫୦୮

## ବାସ୍ତବତାର ଦର୍ପଣ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ସେହି ମୁହୂର୍ତ୍ତ ଗର୍ବିତ ଥିଲା ଯେତେବେଳେ ଚାନ୍ଦ୍ରାୟଣ-୩ ଚନ୍ଦ୍ରପୃଷ୍ଠରେ ଭାରତର ପତାକା ଉଡ଼ାଇ ବିଜ୍ଞାନର ନୂତନ ଶୀର୍ଷ ଛୁଇଁଥିଲା। ଠିକ୍ ସେହି ସମୟରେ ଭାରତର ଏକ ଗାଁରେ କିଛି ଲୋକ ଗୋଟିଏ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କୁ ଡାହାଣୀ ଅଭିଯାଗରେ ଜୀବନ୍ତ ଜାଳି ଦେଇଥିଲେ। ଏହି ଦୁଇଟି ଘଟଣା କୌଣସି କଳ୍ପନାର ନୁହେଁ ବରଂ ଆମ ସମୟ ଏବଂ ସମାଜର ଦୁଇଟି ପରସ୍ପର ବିରୋଧୀ ବାସ୍ତବତାର ଦର୍ପଣ। ଗୋଟିଏ ପଟେ ମହାକାଶରେ ବିଜୟ ଏବଂ ଅନ୍ୟପଟେ ଅନ୍ଧବିଶ୍ୱାସର ଚୁଲିରେ ଜଳୁଥିବା ମାନବତା। ବିହାରର ପୂର୍ଣ୍ଣିଆ ଜିଲ୍ଲାର ତେଟଗାମା ଗାଁରେ ତିନି ଜଣ ମହିଳା ଏବଂ ଦୁଇ ଜଣ ପୁରୁଷଙ୍କୁ ଡାହାଣୀ ସନ୍ଦେହରେ ପିଟି ପିଟି ସେମାନଙ୍କ ଉପରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳି ଦିଆଯାଇଥିଲା। ପ୍ରାୟ ୧୫୦ ଜଣ ଏହି ଅମାନବୀୟ କାର୍ଯ୍ୟରେ ସାମିଲ ଥିଲେ। ଏହା କେବଳ ହତ୍ୟା ନଥିଲା ବରଂ ଆମର ସଂସ୍କୃତି ଏବଂ ସମ୍ବିଧାନ ଉଭୟରେ ଥିବା ସେହି ତାର୍କିକ ଚେତନାର ପରାଜୟ।

ଏହା କେବଳ ଗୋଟିଏ ଗାଁ କିମ୍ବା ରାଜ୍ୟର ସମସ୍ୟା ନୁହେଁ। ଓଡ଼ିଶାରେ ମଧ୍ୟ ଏଭଳି ଘଟଣା କମ୍ ନୁହେଁ। ଏହା ସେହି ଚିନ୍ତାଧାରାର ପ୍ରତିଫଳନ, ଯେଉଁଠାରେ ଆମେ ବିଜ୍ଞାନର ଦୀପ ନ ଜାଳି ଆଧୁନିକ ହେବାର ଭ୍ରମ ରଖିଥାଉ। ପ୍ରଯୁକ୍ତିବିଦ୍ୟା ପ୍ରଗତିରୁ ଲାଭ କେବଳ କିଛି ମହାନଗର ଏବଂ ଉଚ୍ଚବର୍ଗ ପର୍ଯ୍ୟନ୍ତ ସୀମିତ ରହିବ କି? ବୈଜ୍ଞାନିକ ଚିନ୍ତାଧାରା, ସମ୍ବେଦନଶୀଳତା ଏବଂ ମାନବାଧିକାର ପ୍ରତି ଚେତନା କ'ଣ ଗାଁ ପର୍ଯ୍ୟନ୍ତ ପହଞ୍ଚିଛି? ନା ଆଧୁନିକତା କେବଳ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସୁବିଧା ପର୍ଯ୍ୟନ୍ତ ସୀମିତ? ଏଭଳି ଘଟଣା କେବଳ ମାନବାଧିକାରର ଉଲ୍ଲଂଘନ ନୁହେଁ, ବରଂ ସମ୍ବିଧାନ ଏବଂ ଆଇନର ବିଫଳତା ମଧ୍ୟ। ଯେତେବେଳେ ସମଗ୍ର ଗାଁ ଏକ ଅମାନବୀୟ କାର୍ଯ୍ୟରେ ଜଡ଼ିତ ରହେ ଏବଂ ପୁଲିସ-ପ୍ରଶାସନ ନିଷ୍କ୍ରିୟ ହୁଏ, ସେତେବେଳେ ପ୍ରଶ୍ନ ଉଠେ ଗଣତନ୍ତ୍ରର ସ୍ତମ୍ଭ କେବଳ ନିର୍ବାଚନ ଏବଂ ଭାଷଣରେ ସୀମିତ କି? ପୁଲିସର ନିଷ୍କ୍ରିୟତା ଏବଂ ପ୍ରଶାସନର ଉଦାସୀନତା ଏହି ସମଗ୍ର ବ୍ୟବସ୍ଥା ପାଇଁ ଏକ ଗଭୀର ଆଘାତ। ଏହା ଦର୍ଶାଏ ଯେ ସାମ୍ବିଧାନିକ ଢାଞ୍ଚା ମଧ୍ୟରେ ଅନେକ ଫାଟ ଅଛି, ଯାହାକୁ ପୂରଣ କରିବାର ଦାୟିତ୍ୱ କେବଳ ସରକାରଙ୍କର ନୁହେଁ ବରଂ ସମଗ୍ର ସମାଜର।

ତର୍କ, ବିଜ୍ଞାନ ଏବଂ ଜ୍ଞାନ ଆମ ପୂର୍ବପୁରୁଷଙ୍କ ପରମ୍ପରାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ଆର୍ଯ୍ୟଭଟ୍ଟ, ବରାହମିହିର, ଚରକ, ସୁଶ୍ରୁତ ଭଳି ନାମ କେବଳ ଐତିହାସିକ ନୁହେଁ, ବରଂ ଭାରତୀୟ ବୌଦ୍ଧିକ ପରମ୍ପରାର ମୂଳଦୁଆ। କିନ୍ତୁ ଆଜି କ'ଣ ସେମାନଙ୍କ ଚିନ୍ତାଧାରାର ଛାଇ ଆମ ଗାଁ ଏବଂ ସହର ପର୍ଯ୍ୟନ୍ତ ପହଞ୍ଚିଛି? ଯଦି ଜଣେ ମହିଳା ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ପରିବର୍ତ୍ତେ ତାଙ୍କୁ ଡାହାଣୀ କହି ପୋଡ଼ି ଦିଆଯାଏ ତେବେ ଏହାର ଅର୍ଥ ହେଉଛି ଆମ ସମାଜ ଅତୀତର କୌଣସି ଏକ ଅନ୍ଧାର କୂଅରେ ପଡ଼ିରହିଛି। ଏହି ସମ୍ପୂର୍ଣ୍ଣ ଆଲୋଚନାରେ ଗଣମାଧ୍ୟମର ଭୂମିକା ମଧ୍ୟ ପରିସରକୁ ଆସେ। ଆଜିର ଗଣମାଧ୍ୟମ କେବଳ ଚାଞ୍ଚଲ୍ୟକର ସମ୍ବାଦ ପରିବେଷଣ ଉପରେ କେନ୍ଦ୍ରିତ। ଘଟଣାର ସମ୍ବେଦନଶୀଳତାକୁ ବୁଝିବା ପରିବର୍ତ୍ତେ ସେମାନେ ତାହାକୁ ଟିଆରପି ଦୌଡ଼ରେ ପରିଣତ କରନ୍ତି। ଅନ୍ଧବିଶ୍ୱାସ, ଅଜ୍ଞତା ଓ କପଟତାର ସମ୍ପୂର୍ଣ୍ଣ ବିନାଶ କରିବା ପାଇଁ ସେମାନେ କେବେ ଚେଷ୍ଟା କରିଛନ୍ତି କି? ସେମାନେ କେବଳ ଘଟଣାର କ୍ଲିପ୍ (ଭିଡିଓ) ତିଆରି କରନ୍ତି। ଭାବପ୍ରବଣତାକୁ ଉତ୍ତେଜିତ କରନ୍ତି। କିନ୍ତୁ କୌଣସି ଆଦର୍ଶଗତ ଆନ୍ଦୋଳନ ଆରମ୍ଭ କରନ୍ତି ନାହିଁ।

ଏପରି ଘଟଣାରେ ଉପସ୍ଥିତ ଜନତାଙ୍କ ସହିତ ଆହୁରି ଅଧିକ ଦାୟୀ ସେହି ଅନୁଷ୍ଠାନଗୁଡ଼ିକ, ଯେଉଁମାନେ ସମାଜକୁ ଦିଗଦର୍ଶନ ଦେବା ପାଇଁ ଉଦ୍ଦିଷ୍ଟ। ସେଗୁଡ଼ିକ ହେଲେ ଶିକ୍ଷାନୁଷ୍ଠାନ, ଧାର୍ମିକ ସଂଗଠନ, ପଞ୍ଚାୟତ ଓ ପ୍ରଶାସନିକ ବ୍ୟବସ୍ଥା। ଟିଭି ଚ୍ୟାନେଲଗୁଡ଼ିକ କେବଳ ଶାଶୂ-ବୋହୂ ନାଟକ ଦେଖାଇବା ପରିବର୍ତ୍ତେ 'ଯାଦୁମନ୍ତ୍ରବିଦ୍ୟା ବନ୍ଦ କର' ଭଳି ଅଭିଯାନକୁ ପ୍ରାଥମିକତା ଦେବା ଉଚିତ। ପ୍ରତି ମାସରେ ପଞ୍ଚାୟତରେ ତର୍କଭିତ୍ତିକ ଆଲୋଚନା ହେବା ଉଚିତ। ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ଚେତନାର ପାଠ ମଧ୍ୟ ପଢ଼ାଯିବା ଉଚିତ।

ସନାତନ ପରମ୍ପରାର ମୌଳିକ ଉପାଦାନଗୁଡ଼ିକ ହେଉଛି କରୁଣା ଓ ଜ୍ଞାନ। ସମାଜରେ ସନାତନର ସେହି ମୂଲ୍ୟବୋଧଗୁଡ଼ିକୁ ପୁନଃସ୍ଥାପିତ କରିବାକୁ ପଡ଼ିବ, ଯାହା ପ୍ରତ୍ୟେକ ଜୀବରେ ଆତ୍ମାକୁ ଦେଖାଏ। ଭାରତ ବୈଷୟିକ ଦକ୍ଷତାର ପ୍ରତୀକ ଚନ୍ଦ୍ରାୟଣ-୩ ଯେତେବେଳେ ଚନ୍ଦ୍ରରେ ଅବତରଣ କରେ ସେତେବେଳେ ଭାରତର ଆତ୍ମା ମଧ୍ୟ ଆକାଶକୁ ସ୍ପର୍ଶ କରିବାକୁ ଆକାଂକ୍ଷା ରଖେ। କିନ୍ତୁ ଯେତେବେଳେ ଜଣେ ମହିଳାଙ୍କୁ ଡାହାଣୀ ଅଭିଯୋଗରେ ଜୀବନ୍ତ ଜଳାଇ ଦିଆଯାଏ ସେହି ଆତ୍ମା ଚିତ୍କାର କରେ। ଏହା ଆମ ସମୟର ବିରୋଧାଭାସ। ଗୋଟିଏ ପଟେ ବିଜ୍ଞାନ ଅନ୍ୟପଟେ ଅନ୍ଧବିଶ୍ୱାସ। ଗୋଟିଏ ପଟେ ମହାକାଶରେ ସଫଳତା ଅନ୍ୟପଟେ ସାମାଜିକ ଅବକ୍ଷୟ। ଭାରତର ଭବିଷ୍ୟତ ସେତେବେଳେ ସୁରକ୍ଷିତ ହେବ, ଯେତେବେଳେ ବିଜ୍ଞାନ ଓ ଜ୍ଞାନର ଆଲୋକ ପ୍ରତ୍ୟେକ ଗାଁ, ଘର ଏବଂ ମନରେ ପହଞ୍ଚିବ। 'ତମସୋ ମା ଜ୍ୟୋତିର୍ଗମୟ' କେବଳ ଏକ ଶ୍ଳୋକ ହେବା ଉଚିତ୍ ନୁହେଁ। ଏହା ଏକ ସାମାଜିକ ଅଭିଯାନ ହେବା ଉଚିତ୍। ଅଜ୍ଞତାରୁ ଜ୍ଞାନ, ଅନ୍ଧାରରୁ ଆଲୋକ, ହିଂସାରୁ କରୁଣା। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

### ଦକ୍ଷିଣ କବାଟ

ଦକ୍ଷିଣ କବାଟ ଏକ ବଡ଼ ପର୍ଣ୍ଣମୋଚୀ ଗଛ, ଯାହା ଭାରତ ଓ ଶ୍ରୀଲଙ୍କାରେ ପ୍ରାୟ ସବୁଠାରେ ଦେଖାଯାଏ। ଏହା ଏକ ବହୁମୁଖୀ ବୃକ୍ଷ। ତେଣୁ ସାଧାରଣତଃ ସ୍ୱର୍ଗର ଉଦ୍ଭିଦ ଭାବରେ ଲୋକକଥା ରହିଛି। କିନ୍ତୁ ତାମିଲରେ ଏହାର ଅପ୍ରୀତିକର ଗନ୍ଧ ଯୋଗୁଁ ଏହାକୁ 'ପାଇ-ନାରି ମାରାମ' ବୋଲି କୁହାଯାଏ। ଏହା ସେହି ଅଞ୍ଚଳରେ ଭଲ ବଢ଼ିଥାଏ, ଯେଉଁଠାରେ ବାର୍ଷିକ ଦିନର ତାପମାତ୍ରା ୨୦ - ୪୦ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ଥାଏ, ତା'ଠାରୁ କମ୍ ବା ଅଧିକ ଉତ୍ତାପ ସହ୍ୟ କରିପାରେ ନାହିଁ। ସୀମା ଚିହ୍ନିତ କରିବା ଏବଂ ମୃତ୍ତିକା କ୍ଷୟକୁ ରୋକିବା ପାଇଁ 'ଦକ୍ଷିଣ କବାଟ' ଜମି ହିଡ଼ ଏବଂ ନଦୀର ଧାରରେ ଲଗାଯାଏ।

'ଦକ୍ଷିଣ କବାଟ' ପ୍ରାୟ ୧୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଛାଲି ହାଲୁକା ଧୂସର-ବାଦାମୀ, ତନ୍ତୁମୟ କିମ୍ବା ଗ୍ରନ୍ଥିଯୁକ୍ତ, ରୁକ୍ଷ, ଡାଳଗୁଡ଼ିକ ସ୍ଥାୟୀ ପତ୍ର ଦାଗ ସହିତ ଥାଏ। ଗଣ୍ଠିରୁ ଗୋଟିଏ ଲେଖା ପତ୍ର ବିକଳ୍ପ ଦିଗରେ ଉତ୍ପତ୍ତି ହୋଇଥାଏ। ୨୦-୮୦ ସେମି ଲମ୍ବ ବିଶିଷ୍ଟ ପତ୍ରଗୁଡ଼ିକର ଅଂଶର ଧାର ଅନିୟମିତ ଭାବରେ ଦନ୍ତଯୁକ୍ତ। ସବୁଜ-ହଳଦିଆ ରଙ୍ଗର ଫୁଲଗୁଡ଼ିକ ଏକଲିଙ୍ଗୀ, ଆୟତନରେ ଛୋଟ, ଅନେକ ଅକ୍ଷିରୀ କିମ୍ବା ଶେଷ ପ୍ୟାନିକେଲରେ ସଜ୍ଜିତ ଥାଏ, ଦୁର୍ଗନ୍ଧ ନିର୍ଗତ କରେ; ଫୁଲର ବାହ୍ୟ ଆବରଣ ବା ସେପାଲ୍ ୫ଟି ଏବଂ ପାଖୁଡ଼ା ୫ଟି ଲେଖା ଥାଏ। ଜାନୁଆରୀ-ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଫୁଲ ଫୁଟିଥାଏ ଏବଂ ଜୁଲାଇ ପର୍ଯ୍ୟନ୍ତ ଫଳ ଦେଇଥାଏ। ଫଳ ଏକବୀଜ ବିଶିଷ୍ଟ ସମାରା, ଚେପଟା, ୫ ସେମି ଲମ୍ବ।

### ପ୍ରକୃତି-ପରିବେଶ

ଆୟୁର୍ବେଦ, ଲୋକାଚାର ଏବଂ ସିଦ୍ଧ ପ୍ରଣାଳୀରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ। ଗଛର ଅଠା ଓ ପତ୍ରରେ ପ୍ରାଥମିକତା ଭାବରେ ଆରୋଗ୍ୟ ଗୁଣ ଅଛି। ଗଛର ଛାଲ ତିକ୍ତ, ଆଣ୍ଟିସ୍ପାସ୍ମୋଡିକ୍, ଆଣ୍ଟିହେଲମିନ୍ଥକ, ଆଣ୍ଟିଆମୋଏବିକ୍, ଆଣ୍ଟିପ୍ଲାଜମୋଡିଆଲ୍, ଆଣ୍ଟି-ଇନ୍‌ଫ୍ଲାମେଟରୀ, ଆଣ୍ଟିଡାଇରିଆଲ୍, ଆଣ୍ଟିଫର୍ଟିଲିଟି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିସେପ୍ଟୋରାଣ୍ଟ ଗୁଣରେ ଭରପୂର। ଛାଲି ଏକ ଜ୍ୱରକ ଭାବରେ କାର୍ଯ୍ୟ କରେ। ବୃକ୍ଷର ବିଭିନ୍ନ ଅଂଶକୁ ଶ୍ୱାସରୋଗ, ପତଳା ଝାଡ଼ା, ପ୍ରସବ ପରବର୍ତ୍ତୀ ଟନିକ୍ ଏବଂ ପରବର୍ତ୍ତୀ ଯନ୍ତ୍ରଣା ଉପଶମ, ମଳକଣ୍ଟକ, ଲ୍ୟୁକୋରିଆ ଆଦିର ଉପଚାରରେ ଫଳପ୍ରଦ ବ୍ୟବହାର କରାଯାଏ। ଏହା ଏକ ଲାର୍ଗାକ୍ଟିର, ଯାହା ସ୍କିଜୋଫ୍ରେନିଆ, ପାରାନୋଇଆ (ଭ୍ରମ ଏବଂ ଅତ୍ୟନ୍ତ ଚିନ୍ତିତ କିମ୍ବା ନର୍ଭସ ଅନୁଭବ କରିବା), ମାନିଆ (ଅତି ସକ୍ରିୟ ଆଚରଣ), ଚିନ୍ତା, ଉତ୍ତେଜନା ଏବଂ ବିପଜ୍ଜନକ ଭାବରେ ଆବେଗପୂର୍ଣ୍ଣ ଆଚରଣ ଆଦି ମାନସିକ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହି ଗଛରେ ପ୍ରୋଟିନ୍, ଫ୍ୟାଟି ଏସିଡ୍ ଓ କାର୍ବୋହାଇଡ୍ରେଟ୍ ବ୍ୟତୀତ ଆଲକାଲଏଡ୍ ଓ ଫ୍ଲାଭୋନଏଡ୍ ଭଳି ଅନେକ ଫାଇଟୋକେମିକାଲ୍ ଥିବା ଜଣାଯାଏ। ଆଇଲାନ୍‌ଠଥଓନ୍, ଗ୍ଲୁକାରୁବିନୋନ୍ ଓ ଗ୍ଲୁକାରୁବୋଲ୍ ୧୫-ଆଇସୋଭାଲେରେଟ୍ ଏବଂ ଡିହାଇଡ୍ରୋଗ୍ଲୁକାରୁବୋଲ୍, ଆଇସୋଭାଲେରେଟ୍‌ର ମିଶ୍ରଣରେ ଭରପୂର ମୂଳ ଛାଲର ନିର୍ଯାସ ଟ୍ୟୁମର ଓ ସାଇଟୋଟକ୍ସିକ କାର୍ଯ୍ୟକଳାପ ପାଇଁ ଦାୟୀ ଯୌଗିକ ଭାବରେ ଦେଖାଯାଏ।

ବାୟୁମଣ୍ଡଳରେ ଝୁଲି ରହୁଥିବା ହାନିକାରକ ପିଏମ୍ କଣିକାକୁ ଧରି ରଖିବାରେ ଦକ୍ଷିଣ କବାଟ ସର୍ବୋତ୍ତମ ଦକ୍ଷ ବୃକ୍ଷ। ତେଣୁ ପ୍ରଦୂଷିତ ଅଞ୍ଚଳମାନଙ୍କରେ ଏହାକୁ ଲଗାଇବା ପାଇଁ ସୁପାରିସ କରାଯାଏ। ଫଳଟି ଖାଦ୍ୟ ଉପଯୋଗୀ ନୁହଁ। ତେଣୁ ଗୋରୁଗାଈ ଏହାକୁ ଖାଆନ୍ତି ନାହିଁ। କିନ୍ତୁ ସବୁଜ ସାର ପାଇଁ ଭଲ। ତେବେ ଏହାର ପତ୍ରଗୁଡ଼ିକ ଗାଈ, ଛେଳି, ମେଣ୍ଢା ଏବଂ ଓଟଙ୍କ ପାଇଁ ବିକଳ୍ପ ଖାଦ୍ୟ ଭାବରେ ବ୍ୟବହୃତ ହୁଏ। ଏହାର କାଠ ନରମ, ଦିଆସିଲି କାଠି ଏବଂ କାଠ ପ୍ୟାକେଜିଂ ବାକ୍ସ ଶିଳ୍ପ, ରାଜସ୍ଥାନୀ କଠଉ ଶିଳ୍ପ ଏବଂ କାଟାମାରାନ୍ (ଡଙ୍ଗା ଏବଂ ଜାହାଜରେ ବ୍ୟବହାର ଉପକରଣ) ନିର୍ମାଣ ପାଇଁ ବ୍ୟବହୃତ ହୁଏ। ଏହାକୁ ସୁରକ୍ଷିତ କୀଟନାଶକ ଭାବରେ ବିବେଚନା କରାଯାଇପାରିବ। ଏହାର ପରାଗରେ ଆଲର୍ଜେନିକ୍ ପ୍ରୋଟିନ୍ ମଧ୍ୟ ଥାଏ ଯାହା ବିଭିନ୍ନ ଶ୍ୱାସକ୍ରିୟା ରୋଗର କାରଣ ହୁଏ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପଲ୍ଲୀସଭାରେ ପୁଲିସର ଆକ୍ରମଣକୁ ନିନ୍ଦା

## ଆଦିବାସୀଙ୍କୁ ଦମନ ପାଇଁ ନୂତନ ପୁଲିସ ଜିଲ୍ଲା ଗଠନ: ମାସା



ବାରିପଦା/ରାଇରଙ୍ଗପୁର,୨୦।୭(ସମିସ): ରାଇରଙ୍ଗପୁର ବ୍ଲକ ଅଧୀନ ପୁରୁଣାପାଣି ପଞ୍ଚାୟତ କଣ୍ଟାବଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଇଡକୋ ନିମନ୍ତେ ଜମି ଅଧିଗ୍ରହଣ ଓ ରୁଙ୍ଗଟା କମ୍ପାନୀର ପ୍ରସ୍ତାବିତ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ନେଇ ଜନମତ ସଂଗ୍ରହ ପାଇଁ ଅନୁଷ୍ଠିତ ଗ୍ରାମସଭାରେ ଆଦିବାସୀଙ୍କୁ ପୁଲିସର ଆକ୍ରମଣକୁ ସବୁ ମହଲରେ ନିନ୍ଦା କରାଯାଇଛି। ଏଥିସହ ରାଇରଙ୍ଗପୁରକୁ ନୂତନ ପୁଲିସ ଜିଲ୍ଲା ଘୋଷଣା ଡବଲ ଇଞ୍ଜିନ ସରକାରଙ୍କ ଆଦିବାସୀଙ୍କୁ ଦମନ ଉଦ୍ଦେଶ୍ୟ ବୋଲି 'ମାସା'ର ରାଜ୍ୟ ଅଧ୍ୟକ୍ଷ ସୁକୁଲାଲ ମାରାଣ୍ଡି ଅଭିଯୋଗ କରିଛନ୍ତି। ଶ୍ରୀ ମାରାଣ୍ଡି ରବିବାର ସନ୍ଧ୍ୟାରେ ଆକ୍ରମଣ ଘଟଣାରେ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ତତ୍‌ସହିତ ଜନମତରେ ଶିଳ୍ପକୁ ବିରୋଧ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସରକାର ଜମି ଅଧିଗ୍ରହଣରୁ ନ ଦୂରେଇଲେ ବ୍ୟାପକ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ।

ସୂଚନାଯୋଗ୍ୟ, ଜମି ଅଧିଗ୍ରହଣ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ପଲ୍ଲୀସଭାରେ ପ୍ରଶାସନ ପକ୍ଷରୁ ପକ୍ଷପାତିତା କରାଯାଉଥିବା ଅଭିଯୋଗରେ ଶନିବାର ସନ୍ଧ୍ୟାରେ ଉପସ୍ଥିତ ଜନସାଧାରଣ ଉତ୍ତ୍ୟକ୍ତ ହୋଇଥିଲେ। ଅଭିଯୋଗ ଅନୁସାରେ ସପକ୍ଷବାଦୀଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିବା ବେଳେ ବିପକ୍ଷବାଦୀଙ୍କ ଦସ୍ତଖତ ଗ୍ରହଣ କରା ନଯାଇ ଗ୍ରାମସଭାସ୍ଥଳରୁ ଜନମତ ସଂଗ୍ରହ ଖାତା ଧରି ରାଇରଙ୍ଗପୁର ବିଡିଓ ଲୁଚି ପଳାଇଥିଲେ। ଫଳରେ କଣ୍ଟାବଣୀ ଗ୍ରାମବାସୀ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜନମତ ଖାତା ଦେଖାଇବାକୁ ଅଡ଼ି ବସିଥିଲେ ଏବଂ ଫଳାଫଳ ଜଣାଇବାକୁ ଦାବି କରିଥିଲେ। ଗ୍ରାମସଭା ସକାଳ ୧୦ଟା ସମୟରୁ ଆରମ୍ଭ ହୋଇଥିବା ବେଳେ ରାତି ୮ଟା ପର୍ଯ୍ୟନ୍ତ ଉତ୍ତେଜନା ପୂର୍ଣ୍ଣ ଛକାପଞ୍ଝା ଚାଲିଥିଲା। ପରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଗ୍ରାମବାସୀଙ୍କୁ ବାହାରି ଯିବାକୁ କହିଥିଲେ। ମାତ୍ର ଲୋକେ ଫଳାଫଳ ନଜାଣି ସେଠାରୁ ହଟିବାକୁ ରାଜି ହୋଇ ନଥିଲେ। ଫଳରେ ବ୍ଲକ ପରିସରରୁ ଲାଇଟ୍‌କୁ ବନ୍ଦ କରାଯିବା ସହିତ ସେଠାରେ ଉପସ୍ଥିତ ଥିବା ମହିଳା, ପୁରୁଷମାନଙ୍କୁ ଜବରଦସ୍ତ ଧକ୍କାଦେଇ ବାହାର କରିବାକୁ ଉଦ୍ୟମ କରିଥିଲା ପୁଲିସ୍। ପୁରୁଷ ପୁଲିସମାନେ ମହିଳାମାନଙ୍କୁ ଧକ୍କା ଦେବା ସହ ଦୁର୍ବ୍ୟବହାର ମଧ୍ୟ କରିଥିଲେ।

ଘଟଣାକୁ ସେଠାରେ ଉପସ୍ଥିତ ଥିବା ଟ୍ରାଇବ ଟିଭିର ପ୍ରତିନିଧି ବାରିଆଳ ହେମ୍ବ୍ରମ ଏସବୁ ଦୃଶ୍ୟ ଉତ୍ତୋଳନ କରୁଥିବା ବେଳେ ରାଇରଙ୍ଗପୁର ଏସ୍‌ଡିପିଓଙ୍କ ଆଦେଶ କ୍ରମେ ତାଙ୍କୁ ଟାର୍ଗେଟ କରାଯାଇଥିଲା। ପୁଲିସ କର୍ମଚାରୀଙ୍କ ଦ୍ୱାରା ମୋବାଇଲ ଛଡ଼ାଇ ନେବାକୁ ଉଦ୍ୟମ କରାଯିବା ସହ ତଳେ ପକାଇ ଲାଠିରେ ମାଡ଼ ମରାଯାଇଥିଲା। ଏଥିରେ ତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। କୌଣସି ମତେ ସେ ସେଠାରୁ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାକୁ ରାଇରଙ୍ଗପୁର ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ନିନ୍ଦା କରାଯିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି। ନିରୀହ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରାଯିବା ଉଦ୍ଦେଶ୍ୟରେ ପୁଲିସ ପ୍ରଶାସନର ଆକ୍ରମଣର କାର୍ଯ୍ୟଧାରାକୁ ନିନ୍ଦା କରାଯାଇଥିଲା। ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ପ୍ରତିନିଧି ଯଦି ସୁରକ୍ଷିତ ନୁହନ୍ତି ତେବେ ସାଧାରଣ ଜନତା କେତେ ସୁରକ୍ଷିତ ବୋଲି ସମସ୍ତେ ପ୍ରଶ୍ନ କରିଛନ୍ତି।

ସେହିପରି ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଂଗଠନର ବହଳଦା ବ୍ଲକ୍ ସଭାପତି ପିତାମ୍ବର ମୁର୍ମୁ ଓ ମାସା ଆର୍ମୀ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁକଲାଲ ମାର୍ଣ୍ଡି, ମୟୂରଭଞ୍ଜ ପିଢ ପାରଗାନା ମାହାଲ ସଦସ୍ୟ, ଜିଲ୍ଲା ପରିଷଦ ପରେଶ ଚନ୍ଦ୍ର ମୁଣ୍ଡା, ପଶ୍ଚିମ ମୟୂରଭଞ୍ଜ କଂଗ୍ରେସ ଦଳର ସଭାପତି ଭବନ ବିହାରୀ ସାହୁ, ଓଡ଼ିଶା ଆଦିବାସୀ ମର୍ଚ୍ଚା ସଭାପତି ତଥା କେନ୍ଦୁଝରର ପୂର୍ବତନ ସାଂସଦ ଅନନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, କଂଗ୍ରେସ ନେତା ରୂପକ ମହାନ୍ତି, ଲକ୍ଷ୍ମଣ ହେମ୍ବ୍ରମ, ଭାଗବତ ମାଝୀ, ଆଦିବାସୀ ସୋସିଓ ଏଜୁକେଶନର ମାଝୀ ପାରଗାନା ସହିତ ସଭାପତି ଶ୍ରୀ ହେମ୍ବ୍ରମ, ସମ୍ପାଦକ ଜିତେନ୍ଦ୍ର ହାଁସଦାଃ, ସାଲୁ କିସ୍କୁ ଓ ବିଭିନ୍ନ ଦଳର ଅନ୍ୟାନ୍ୟ ସଦସ୍ୟଙ୍କ ସହ ପହଞ୍ଚି ପୁଲିସ୍ ମାଡ଼ରେ ଆହତ ଗଣମାଧ୍ୟମ ପ୍ରତିନିଧି ବାରିଆଳ ହେମ୍ବ୍ରମଙ୍କ ସହ ଘଟଣା ବିଷୟରେ ଆଲୋଚନା କରିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ।

ପୁଲିସ୍‌ର ଏହି ବର୍ବର ଆକ୍ରମଣ ଘଟଣାକୁ ନିନ୍ଦା କରିଥିଲେ। ଶିଳ୍ପ ପ୍ରତିଷ୍ଠା ନେଇ ପ୍ରଶାସନ ପକ୍ଷରୁ ନିରପେକ୍ଷ ଭାବେ ଜନମତ ସଂଗ୍ରହ କରାଯିବା ଉଚିତ୍। ତେବେ ସର୍ବ ସମ୍ମୁଖରେ ଶିଳ୍ପପତିଙ୍କ ସପକ୍ଷରେ ଚଞ୍ଚକତା କରାଯିବା ସହିତ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରାଯାଇଥିବା ଘଟଣା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯିବ ବୋଲି ପ୍ରକାଶ କରିଥିଲେ। ଘଟଣାରେ ପୁଲିସ ପକ୍ଷରୁ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ କରାଯିବାକୁ ମଧ୍ୟ ସମସ୍ତେ ନାପସନ୍ଦ କରିଛନ୍ତି। ଅତିରିକ୍ତ ଏସପି ଯଦୁନାଥ ଯେନାଙ୍କ ନେତୃତ୍ୱରେ ଶାନ୍ତି ବଜାୟ ପାଇଁ ପୁଲିସ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂକୁ ଜୋର୍‌ଦାର କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ଗେମ୍ ଖେଳିଲେ...

ବସି ମୋବାଇଲ ଗେମ୍ ଖେଳୁଛନ୍ତି। ଏହା ସବୁଠୁ ଘୃଣ୍ୟ କାମ। ସେ ଏହି ପ୍ରସଙ୍ଗରେ ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଏନସିପି (ଏସପି) ବିଧାୟକ ରୋହିତ ପାୱାର କହିଛନ୍ତି ଯେ ରାଜ୍ୟରେ ଚାଷୀ ଆତ୍ମହତ୍ୟା କରୁଥିବାବେଳେ ସରକାର ଶୋଇଛନ୍ତି। ଫସଲ ବୀମା ସମସ୍ୟା ହେଉ କି ରଣଛାଡ଼ କିମ୍ବା ଫସଲର ଉଚିତ ଦାମ ଦେବାକୁ ସରକାର ଧ୍ୟାନ ଦେଉନାହାନ୍ତି। କିନ୍ତୁ ସଦନରେ ଗେମ୍ ଖେଳିବାକୁ ମନ୍ତ୍ରୀଙ୍କ ପାଖରେ ସମୟ ଅଛି। କ୍ଷମତାସୀନ ଲୋକ ବିଜେପି ଅନୁମତି ବିନା କୌଣସି ନିଷ୍ପତ୍ତି ନେଇ ପାରୁନାହାନ୍ତି। ମନ୍ତ୍ରୀମାନେ ଚାଷୀଙ୍କ ଦୁଃଖ କେବେ ଶୁଣିବେ?

### ଓଡ଼ିଶା, ବିହାର...

ଗୋପାଳପୁରରେ ଛାତ୍ରୀଙ୍କୁ ଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ ଏବଂ ବଳଙ୍ଗାରେ ନାବାଳିକାକୁ ଦୁର୍ବୃତ୍ତ ଜିଅନ୍ତା ଜାଳିଦେବା ଘଟଣା ନେଇ ଓଡ଼ିଶା ଅଶାନ୍ତ ହୋଇପଡ଼ିଛି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ନିୟମ ଓ ପରମ୍ପରା ଅନୁଯାୟୀ ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଉତ୍ତର ଦେବାକୁ ବି ପ୍ରସ୍ତୁତ ଅଛନ୍ତି। ଶୃଙ୍ଖଳିତ ଗୃହ ପରିଚାଳନାରେ ସେ ବିରୋଧୀଙ୍କ ସହଯୋଗ ଲୋଡ଼ିବା ସହିତ ସରକାର ଓ ବିରୋଧୀ ଦଳ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଲେ ଯେ କେବଳ ପହଲଗାମ ଓ ଅପରେସନ ସିନ୍ଦୂର ନୁହେଁ, ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଏହା ନିୟମ ଓ ପରଂପରା ଅନୁଯାୟୀ ହିଁ ହେବ। ବିହାର ଓ ଟ୍ରମ୍ପ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀ ନିଜେ ସଂସଦାରେ ଉପସ୍ଥିତ ରହି ଉତ୍ତର ଦିଅନ୍ତୁ ବୋଲି ବିରୋଧୀଙ୍କ ଦାବି ସଂପର୍କରେ ସେ କହିଲେ ଯେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ଉପସ୍ଥିତ ରୁହନ୍ତି।

ମନ୍ତ୍ରୀ ଆହୁରି କହିଲେ ଯେ ଘରୁ ନଗଦ ଟଙ୍କା ଜବତ ମାମଲାରେ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମାଙ୍କୁ ବହିଷ୍କାର କରିବା ଲାଗି ଚଳିତ ଅଧିବେଶନରେ ମହାଭିଯୋଗ ପ୍ରସ୍ତାବ ଅଣାଯିବ। ଏହି ପ୍ରସଙ୍ଗରେ ସବୁ ଦଳ ଏକମତ ଅଛନ୍ତି। ମହାଭିଯୋଗ ପାଇଁ ଶହେରୁ ଅଧିକ ସାଂସଦ ପ୍ରସ୍ତାବରେ ଦସ୍ତଖତ କରିସାରିଲେଣି। ଏହି ଅଧିବେଶନରେ ୧୭ଟି ବିଲ୍ ଆଗତ କରାଯିବ। ଆଜିର ସର୍ବଦଳୀୟ ବୈଠକରେ ୫୧ଟି ରାଜନୈତିକ ଦଳର ୫୪ ସଭ୍ୟ ଉପସ୍ଥିତ ଥିଲେ ବୋଲି ସେ କହିଛନ୍ତି।

### ଡିଏଫ୍‌ଓ ନା...

କୋର୍ଟରୁ ଅନୁମତି ଆଣି ଆଜି ଭିଜିଲାନ୍ସ ଚଢଉ କରିଛି।

ଭିଜିଲାନ୍ସ ଠାବ କରିଥିବା ୧୧୫ଟି ପ୍ଲଟ୍ ମଧ୍ୟରୁ ୫୩ ପ୍ଲଟ୍ ତାଙ୍କ ନାମରେ ଥିବା ବେଳେ ୪୨ଟି ପ୍ଲଟ୍ ତାଙ୍କ ପତ୍ନୀ ନାମରେ ରହିଛି। ୧୬ଟି ପ୍ଲଟ୍ ତାଙ୍କର ଦୁଇ ପୁଅଙ୍କ ନାମରେ ଏବଂ ୪ଟି ପ୍ଲଟ୍ ତାଙ୍କ ଝିଅ ନାମରେ ରହିଛି। ସବୁ ପ୍ଲଟ୍‌କୁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦାରେ କିଣିଛନ୍ତି ଡିଏଫ୍‌ଓ ନିତ୍ୟାନନ୍ଦ। ଅନୁଗୁଳରେ ବାବୁଙ୍କର ଗୋଟିଏ ୪ତାଲା ବହୁତଳ କୋଠା ଠାବ କରାଯାଇଛି। ୧୯୯୨ରେ ରେଞ୍ଜ ଅଫିସର ଭାବେ ସରକାରୀ ଚାକିରି ଆରମ୍ଭ କରିବା ପରଠାରୁ ୨୦୨୪ ମଧ୍ୟରେ ନିତ୍ୟାନନ୍ଦ ଏହି ସବୁ ପ୍ଲଟ୍ କିଣିଛନ୍ତି। ଛେଣ୍ଡିପଦାରେ ୧୯୯୨ରୁ ୨୦୦୬ରେ ରେଞ୍ଜର ଥିବା ବେଳେ ସେ ୨ଟି ପ୍ଲଟ୍ କିଣିଥିଲେ। ୨୦୦୭ରୁ ୨୦୧୫ରେ ନୂଆପଡ଼ା ଡିଭିଜନରେ ରେଞ୍ଜର ଅଫିସର ଥିବା ବେଳେ ୬୪ଟି ପ୍ଲଟ୍ କିଣିଥିଲେ। ୨୦୧୫ରୁ ୨୦୨୨ରେ ରାୟଗଡ଼ା ଫରେଷ୍ଟ ଡିଭିଜନରେ ସହକାରୀ ବନ ସଂରକ୍ଷକ ଥିବା ବେଳେ ୩୯ଟି ପ୍ଲଟ୍ କରିଥିଲେ। ୨୦୨୨ରୁ ୨୦୨୪ରେ ଭୁବନେଶ୍ୱର ପିସିସିଏଫ ଅଫିସରେ ଉପ ବନ ସଂରକ୍ଷକ ଥିବା ବେଳେ ୮ଟି ପ୍ଲଟ୍ କିଣିଛନ୍ତି। ଆହୁରି ମଧ୍ୟ ୨୦୨୪ ଜାନୁୟାରୀ ୨୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେ ୨ଟି ପ୍ଲଟ୍ କିଣିଥିବା ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ପାଇଛି। ଠାବ ହୋଇଥିବା ଜମିର ମୂଲ୍ୟ ୨.୫କୋଟି ହେବ ବୋଲି ଭିଜିଲାନ୍ସ କହିଛି। ଏହି ଜମିର ସଠିକ୍‌ମୂଲ୍ୟ ପାଇଁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଆକଳନ କରୁଛନ୍ତି।

ତାଙ୍କ ଘରୁ ଚଢଉ ସମୟରେ ୧.୫୫ ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ୨୦୦ ଗ୍ରାମ ସୁନା ଅଳଙ୍କାର ଠାବ ହୋଇଛି। ଅନୁଗୋଳର ତୁରଙ୍ଗରେ ଡିଏଫଓଙ୍କ ନାମରେ ଏକ ଚାରି ମହଲା କୋଠା ଅଛି। ପ୍ରାୟ ୯୦୦୦ ବର୍ଗଫୁଟ୍ ଅଞ୍ଚଳରେ ଏହି କୋଠାଟି ତିଆରି ହୋଇଛି। ବଡ଼ କଥା ହେଲା ଚଢଉ ସମୟରେ ଘରେ ଶାଗୁଆନ କାଠରେ ବିଭିନ୍ନ ଠାକୁରଙ୍କ ମୂର୍ତ୍ତି ମିଳିଛି। ଖଟ ଠାରୁ ଆରମ୍ଭ କରି ଘରର କବାଟ, ଚେୟାର, ଘର ଭିତରେ ଏକ ଖମ୍ବ ମଧ୍ୟ ଦାମୀ ଶାଗୁଆନ୍ ଠାକରେ ନିର୍ମିତ ହୋଇଛି। ହାତୀ ମୂର୍ତ୍ତି ପଞ୍ଚମୁଖୀ ହନୁମାନ, ଗଣେଶ, ରାଧା କୃଷ୍ଣ ଭଳି ଏକାଧିକ ଭଗବାନଙ୍କ ସୁନ୍ଦର ମୂର୍ତ୍ତି ଏହି ଶାଗୁଆନ କାଠରେ ନିର୍ମିତ ହୋଇଥିବା ଦେଖିବାକୁ ମିଳିଛି। ଆହୁରି ମଧ୍ୟ ଘରୁ ଭିତରେ ଏକ ଛୋଟ ଅସ୍ତ୍ରାଗାର କରିଥିଲେ। ସେଥିରେ ଏକ ଦେଶୀ ବନ୍ଧୁକ, ଧନୁତୀର, ଫାର୍ସା, କୁରାଢ଼ି, ଟାଙ୍ଗିଆ ଆଦି ରଖିଥିଲେ। ଶିକାରୀଙ୍କ ଠାରୁ ଜବତ ହୋଇଥିବା ଏହି ଅସ୍ତ୍ରକୁ ନିତ୍ୟାନନ୍ଦ ଘରକୁ ଆଣି ସାଇତ ରଖୁଥିଲେ। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସ୍ୟୁରାନ୍ସରେ କେତେ ଟଙ୍କା ରହିଛି ତାହାକୁ ଭିଜିଲାନ୍ସ ଟିମ୍ ଛନ୍‌ଭିନ୍ କରୁଛି। ଦୁଇଟି ଚାରି ଚକିଆ ଏବଂ ୪ଟି ବାଇକ୍ ରହିଛି। ୧୫ଲକ୍ଷ ଟଙ୍କାର ଘରର ବିଭିନ୍ନ ଆସବାବପତ୍ର ରହିଛି। ଠାବ କରାଯାଇଥିବା ସମ୍ପତ୍ତିର ହିସାବ ମାଗିଥିଲେ ମଧ୍ୟ ଡିଏଫ୍‌ଓ ଦେଇ ପାରିନଥିଲେ। ଭିଜିଲାନ୍ସ ଏନେଇ ଏକ ମାମଲା ରୁଜୁ କରି ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଆସୁଛି ବଡ଼...

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଭଲ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗିର, ନୂଆପଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପରୁ ହାଲୁକା ବର୍ଷା ନେଇ ମଧ୍ୟ ଆକଳନ କରାଯାଇଛି।

### ୭୫ହଜାର ପରୀକ୍ଷାର୍ଥୀ...

କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ, ପରୀକ୍ଷା ବାବଦକୁ ଗୋଟିଏ ପେପର୍ ପାଇଁ ୯୦୦ ଓ ଦୁଇଟି ପେପର୍ ପାଇଁ ୧୪୦୦ ଟଙ୍କା ଲେଖାଏଁ ଆବେଦନ ଫି' ନିଆଯାଇଥିଲା। ଏତେ ଟଙ୍କା ଆବେଦନ ଫି' ନେବା ପରେ ମଧ୍ୟ ପରୀକ୍ଷା ପରିଚାଳନା କରିବାରେ ବୋର୍ଡ ବିଫଳ ହୋଇଛି। ପ୍ରଶ୍ନପତ୍ର ଭାଇରାଲ୍ ପଛରେ ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ଭୂମିକା ରହିଥିବା ଅଭିଯୋଗ ହୋଇଛି।

ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ ପ୍ରଶ୍ନପତ୍ର ସିଲ୍ ଖୋଲା ହୋଇନଥିବା ବେଳେ ଭାଇରାଲ୍ ପ୍ରଶ୍ନପତ୍ର ତା' ସହ ସମାନ ବୋଲି କର୍ତ୍ତୃପକ୍ଷ ଜାଣିଲେ କିପରି? ତେଣୁ ସେମାନଙ୍କ ଜାଣତରେ ପ୍ରଶ୍ନପତ୍ର ବିକ୍ରି ହେଉଛି। ରାଜ୍ୟରେ ପ୍ରଶ୍ନପତ୍ର ବିକ୍ରି ଏକ ଶିଳ୍ପ ହୋଇଥିବା ବେଳେ ସେହି ଶିଳ୍ପପତିଙ୍କୁ ସରକାର ସୁରକ୍ଷା ଦେଉଛନ୍ତି। ଏଣୁ ବାରମ୍ବାର ପ୍ରଶ୍ନପତ୍ର ବିଭ୍ରାଟ ହେଉଛି। ସେହିପରି ସିଲଡ୍ ପ୍ରଶ୍ନପତ୍ର ଆସନ୍ତାକାଲି ଅର୍ଥାତ୍ ୨୧ ତାରଖ ସୁଦ୍ଧା ବୋର୍ଡ ମୁଖ୍ୟାଳୟରେ ଦାଖଲ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠ ଅଧିକାରୀମାନେ ମୁହଁ ଖୋଲୁ ନଥିବାବେଳେ ନିଜ ନାମ ଗୋପନ ରଖି ଜଣେ ଅଧିକାରୀ କହିଛନ୍ତି ଯେ ସମସ୍ତ ପ୍ୟାକେଟ୍‌ର ସିଲ୍ ଯାଞ୍ଚ ହେବ। କେଉଁଠାରୁ ଭାଇରାଲ୍ ହୋଇଛି ତାର ତଦନ୍ତ କରାଯିବ।

### ୫ କିଲୋ ମାଗଣା...

ମହିଳା ଓ ରୋଗୀଙ୍କୁ ନେବା ଆଣିବା କଷ୍ଟକର ହୋଇପଡ଼ିଥିବା ବେଳେ ବହୁ ସମୟ ଖଟିଆରେ ବୋହି ୫/୧୦ କିମି ଦୂର ନେବାକୁ ପଡିଥାଏ। ତେଣୁ ଏହି ଗ୍ରାମବାସୀ ଗୁଣ୍ଡୁରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୩୦/୩୫ କିମି ଦୂର ଅଟୋ, ଟ୍ରାକ୍ଟର, ପିକ୍‌ଅପ ଭ୍ୟାନ୍ ଭଡାକରି ପିଡ଼ିଏସ୍ ଚାଉଳ ଆଣିବା ପାଇଁ ନର୍ଲା ବ୍ଲକ ଛତିକୁଡ଼ା, ସଦର ବ୍ଲକ୍ ଦେପୁର, ଇଚ୍ଛାପୁର ଦେଇ ଗୁଣ୍ଡୁରୀ ପଞ୍ଚାୟତକୁ ଯିବାକୁ ପଡିଥାଏ। ମାଗଣା ଚାଉଳ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଥିବା ଏହି ଦୁର୍ଗମ ଅଞ୍ଚଳର ଗାଁ ଲୋକେ କହିଛନ୍ତି। ପଞ୍ଚାୟତ ପକ୍ଷରୁ ହାତୀମୁଣ୍ଡା ଗାଁଠାରେ କ୍ୟାମ୍ପ କରି ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ବିଧବାଙ୍କୁ ଗୁଣ୍ଡରି ପିଇଓ ଭତ୍ତା ଦେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏମାନଙ୍କ ପାଇଁ ବିଦ୍ୟୁତ୍ ସ୍ୱପ୍ନ ପାଲଟିଛି। ଏହି ପଞ୍ଚାୟତର ସୁସପଦର, ବରିଙ୍ଗପଦର, ଦାରବଙ୍ଗ, କାଟାଙ୍ଗଭଟା, ଗମପେନୁ, ବିଜେପୁର, କନ୍ଧ ସୁସପଦର ଗାଁକୁ ବିଜୁଳି ନାହିଁ। ବାରମ୍ବାର ଅଭିଯୋଗ ପରେ ବି ବିଦ୍ୟୁତ୍ ବିଭାଗ କିମ୍ବା ପ୍ରଶାସନ ଶୁଣୁନି ବୋଲି ଲୋକେ ପ୍ରକାଶ କରିଛନ୍ତି। ଏହି ୧୧ଟି ଗ୍ରାମବାସୀ ରାସ୍ତା ନ ଥିବା ଯୋଗୁଁ ବର୍ଷ ବର୍ଷ ଧରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରଲାଞ୍ଜି ଗାଁଠାରୁ କାବାଗେଞ୍ଜୁ, ଶୋଷପଦର, ବରଙ୍ଗପଦର ଦେଇ ମନସ୍ଥରା ଗାଁ ପର୍ଯ୍ୟନ୍ତ ରାସ୍ତା ପାଇଁ ପଞ୍ଚାୟତବାସୀ ପ୍ରସ୍ତାବ ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ଏହି ୧୧ଟି ଗାଁକୁ ପଞ୍ଚାୟତ ମାତ୍ର ୫ରୁ ୧୫ କିମି ହେବ ବୋଲି ଗ୍ରାମବାସୀ କହିଛନ୍ତି।

## ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ ଘଟଣା

# ତ୍ରୁଟିଶୂନ୍ୟ ପରୀକ୍ଷା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୨୦।୭(ସମିସ): ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ସ୍ଥଗିତ ରହିଛି। ଏହି ପରୀକ୍ଷା ସ୍ଥଗିତ ହେବା ପରେ ରାଜ୍ୟ ସରକାରଙ୍କ ଉପରେ ବିଜେଡି ବର୍ଷିଛି। ରାଜ୍ୟ ସରକାରଙ୍କ ଅପାରଗତା ଓ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ସରକାରଙ୍କ ପାରିବାପଣିଆ ଉପରେ ଦଳ ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ବିଜେପି ସରକାର ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଗୋଟିଏ ସାଧାରଣ ପରୀକ୍ଷା ସୁରୁଖୁରୁରେ କରାଇବାରେ ସକ୍ଷମ ହୋଇପାରୁ ନାହାନ୍ତି। ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଗଲା ବୋଲି କୁହାଯାଉଥିଲେ ମଧ୍ୟ ପ୍ରକୃତରେ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି।

■ ୧୨ ମାସରେ ୧୨ ଥର ପ୍ରଶ୍ନପତ୍ର ପ୍ରଘଟ ପାଇଁ ପରୀକ୍ଷା ବାତିଲ୍
■ ବିଜେପି ସରକାରରେ ଭୁଲ୍ ପ୍ରଶ୍ନପତ୍ର ବଣ୍ଟନ ନିୟମିତ ବ୍ୟାପାର

ପ୍ରଶ୍ନ ଉଠାଇଛି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ଏକ୍ସ ଯୋଗେ ପୋଷ୍ଟ କରି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଶ୍ରୀ ମିଶ୍ର ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଓଟିଇଟି ପରୀକ୍ଷା ସ୍ଥଗିତ ରଖିବା ରାଜ୍ୟ ସରକାରଙ୍କ ଆଉ ଏକ ପ୍ରଶାସନିକ ବିଫଳତା। ସ୍ଲୋଗାନ, ଯୋଜନା, ଫଳକ, ସଭା ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ନୁହେଁ; ପ୍ରଦର୍ଶନ ହେଉଛି ଶାସନର ଏକମାତ୍ର ପ୍ରମାଣ ବୋଲି ସେ କହିଛନ୍ତି।

ସେହିପରି ଏହି ପ୍ରସଙ୍ଗରେ ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଏହି ପ୍ରଶ୍ନପତ୍ର ପ୍ରଘଟ ବା ପ୍ରଶ୍ନପତ୍ର ବିକ୍ରି ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି। ଗତ ଏକ ବର୍ଷର ବିଜେପି ଶାସନରେ ଏଭଳି ଅନେକ ପରୀକ୍ଷା ବାତିଲ ହୋଇଛି ଓ ସୁଶାସନ ଦାବି କରି କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ପରୀକ୍ଷାଟିଏ ସୁରୁଖୁରୁରେ ଆୟୋଜିତ କରିବାରେ ସକ୍ଷମ ହୋଇନାହାନ୍ତି। ଗତ ଏକ ବର୍ଷ ଭିତରେ, ରାଜ୍ୟରେ ପ୍ରାୟ ୧୨ଟି ପରୀକ୍ଷାକୁ ବିଭିନ୍ନ କାରଣରୁ ଘୁଞ୍ଚାଯାଇଛି। କେଉଁଠି ପ୍ରଶ୍ନପତ୍ର ପ୍ରଘଟ, କେଉଁଠି ଭୁଲ୍ ପ୍ରଶ୍ନପତ୍ର ବଣ୍ଟନ ଯୋଗୁଁ ପରୀକ୍ଷା ଘୁଞ୍ଚାଯାଉଛି। ତ୍ରୁଟିଶୂନ୍ୟ ଭାବେ ପରୀକ୍ଷାଟିଏ କରାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଡଃ ମହାନ୍ତି କହିଛନ୍ତି।

ଏହାଛଡ଼ା, ଏଭଳି ପ୍ରଶ୍ନପତ୍ର ପ୍ରଘଟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ଓଡ଼ିଶା ପବ୍ଲିକ ସର୍ଭିସ ପରୀକ୍ଷା ବିଲ୍ ୨୦୨୪ରେ କରାଯାଇଛି। ଏହି ବିଲ୍ ଅନୁଯାୟୀ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ୍ ଦଣ୍ଡ ସହ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି। ବିଜେପି ସରକାରରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଏକ ନିୟମିତ ବ୍ୟାପାର ହୋଇଥିଲେ ମଧ୍ୟ ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦଣ୍ଡିତ ହୋଇନାହାନ୍ତି। ଏହି ଆଇନକୁ କାର୍ଯ୍ୟକାରୀ ନ କରିବା ସରକାର ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବା ସଦୃଶ୍ୟ ହୋଇଛି ବୋଲି ଡଃ ମହାନ୍ତି କହିଛନ୍ତି।

**AFFIDAVIT**

By virtue of an affidavit before the Notary Public, Jeypore, Koraput. I NABANEETA PANDA, W/o Subrat Kumar Panda, resident of K B S D Road, Near Jagannath Temple, Po/PS - Jeypore, Dt-Koraput, Odisha -764001 declare by this Affidavit No.564, Dated - 20/07/2025,that now onwards I shall be known as **NABANITA PANDA** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Koraput. I, PAILU JAGADISHWAR, S/o PAILU NEELAKANTHA, resident of Pailu Sarbeswar Marg, Po/ PS -Borigumma, Dt-Koraput -764 056, Odisha declare by this Affidavit No.3184, Dated - 16/07/2025,that now onwards I shall be known as **P.JAGADISWAR** for all future purpose.

**AFFIDAVIT**

I declare that my name is **Mumtaz Khatoon,** D/o-Mohiuddin Khan, resident of Vill- Manapur, Po- Bisanpur, Ps- Jkrushnanandapur, Dist-Jagatsinghpur, Odisha my actually DOB is **07.11.2002,** but wrongly in my Aadhaar Card No- 9317 1877 1508, my name is written as **Mamataj Beggum,** D/o- Mohiuddin and my DOB is **2003.** Henceforth, I shall be known as **Mumtaz Khatoon,** D/o- Mohiuddin Khan and **DOB- 07.11.2002** in all and everywhere in this name from now.

■ ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣା

# କଲେଜରେ କ୍ରାଇମବ୍ରାଞ୍ଚ ଡିଜିଙ୍କ ତଦନ୍ତ

ବାଲେଶ୍ୱର, ୨୦।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ୩ଟି ତଦନ୍ତକାରୀ ଟିମ୍ କଲେଜରେ ଖୋଳତାଡ଼ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ, ୟୁଜିସି ଏବଂ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବିଭିନ୍ନ ଦିଗରୁ ତଦନ୍ତ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ରବିବାର କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଫକୀରମୋହନ କଲେଜରେ ପହଞ୍ଚି ପାଖାପାଖି ୩ଘଣ୍ଟା ଧରି ତଦନ୍ତ କରିଥିଲେ।

ପରେ ଆଇଜିଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଘଟଣାର ତଦନ୍ତ ସମୟରେ ଅନେକ ସାମଗ୍ରୀ ହସ୍ତଗତ ହୋଇଛି। ସେସବୁକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରକୁ ପଠାଯାଇଛି। କ୍ରାଇମବ୍ରାଞ୍ଚ ଆଇଜି ଏସ୍. ସାଇନିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ଆସିଥିବା ବୟାନ ଏବଂ ଏସଏଫଏସଏଲ୍ ରିପୋର୍ଟକୁ ତର୍ଜମା କରାଯାଉଛି। ଏହି ମାମଲାରେ ସାକ୍ଷୀଙ୍କ ସଂଖ୍ୟା ଅଧିକ ରହିଛି। ଗତ ୩୦ ତାରିଖରେ ଯେତେବେଳେ ପୀଡ଼ିତାଜଣକ ଅଭିଯୋଗ କରିଥିଲେ, ସେତେବେଳେ କଲେଜ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ସୌମ୍ୟାଶ୍ରୀଙ୍କ ସପକ୍ଷରେ ଆଇସିସି ତଦନ୍ତ ରିପୋର୍ଟ ନଆସିବାରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ଘଟଣାରେ ଜଡ଼ିତ ପ୍ରତ୍ୟେକ ଲୋକଙ୍କ ବୟାନ ରେକର୍ଡ କ୍ରାଇମବ୍ରାଞ୍ଚ କରୁଛି। ପୀଡ଼ିତାଙ୍କ ପରିବାର, ହଷ୍ଟେଲ ଅନ୍ତେବାସୀ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟ ବୟାନ ରେକର୍ଡ କରାଯାଉଛି। କଲେଜର ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି।

# ୫ମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ; ଦୋକାନୀ ଗିରଫ

ସାକ୍ଷୀଗୋପାଳ, ୨୦।୭ (ସମିସ): ଗତ ଶନିବାର ସତ୍ୟବାଦୀ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀକୁ ଉକ୍ତ ଗ୍ରାମର ୫୩ ବର୍ଷୀୟ ବ୍ୟକ୍ତି ଦୁଷ୍କର୍ମ କରିଥିବା ସଙ୍ଗିନ ଅଭିଯୋଗ ହୋଇଛି। ଏନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ଶନିବାର ଦିନ ପ୍ରାୟ ୧୨ଟାରେ ଜଣେ ୫ମ ଶ୍ରେଣୀ ଛାତ୍ରୀ(୧୦) ରୋଷେଇ ନିମନ୍ତେ ମସଲା ଆଣିବାକୁ ନିକଟସ୍ଥ ଦୋକାନକୁ ଯାଇଥିଲା। ୫୩ବର୍ଷ ବୟସ୍କ ଦୋକାନୀଜଣଙ୍କ ନାବାଳିକାକୁ କୌଶଳ କ୍ରମେ ୨ ପ୍ୟାକେଟ୍ କୁରକୁରେ ଦେଇ ଦୋକାନ ଭିତରକୁ ଡାକି ନେଇ ଦୁଷ୍କର୍ମ କରିଥିଲେ। ନାବାଳିକାଜଣଙ୍କ ଘରକୁ ଯାଇ ଏ ସମ୍ପର୍କରେ ତାଙ୍କ ମାଆଙ୍କୁ ଜଣାଇଥିଲା। ପୀଡ଼ିତା ନାବାଳିକାର ମାଆ ରବିବାର ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ସତ୍ୟବାଦୀ ପୁଲିସ୍ ସଦଳବଳେ ଚଢ଼ଉ କରି ସମ୍ପୃକ୍ତ ଦୋକାନୀଙ୍କୁ ଗିରଫ କରିଛନ୍ତି। ଗିରଫ ପରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଥିଲା। ସତ୍ୟବାଦୀ ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରିଛି।

"ମା ଙ୍କ ନାମରେ ଗଛଟିଏ"

୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା

ମା଼ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି, ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧିନରେ ନିମ୍ନଲିଖିତ ୧୮ (ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜ୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି । ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନ ଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ । ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ । ଅନୁଷ୍ଠାନମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ । ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟ ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ । ଏତଦ୍ ବ୍ୟତିତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣି ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡିବ । ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକ ମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ ।

ବି.ଦ୍ରଃ- (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି ।
(୨) ସରକାରୀ ଅନୁଷ୍ଠାନ ଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ ।

| କ୍ରଂ. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣିଧରପାଲି | ୨୨୬୪୮ | ଶ୍ରୀ ତାପସ କୁମାର ଶତପଥି, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ. ବଲାଙ୍ଗ | ୪୭୯୧୦ | ଶ୍ରୀ ସଦାସିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଳିପୋଷ | ଉଦ୍ରୁଆଁ | ୧୨୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ | ୬୩୭୦୨୬୩୬୧୯ |
| ୬ | କୁଳିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ଟାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ଟାମଡା | ଧାଦ୍ କିପୋଷ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ଟାମଡା | ଟାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୨୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଡେଇଡିହା | ୩୫୦୦୦ | ଶ୍ରୀ ଇଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୨୧୬୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଳ | ୧୫୦୦୦ | ଶ୍ରୀ ପ୍ରତାପ ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲ ଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଆଁ | ଡେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୮୭୬୩୫୩୯୦୯୦ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | କାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଡ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ :- | ୭୨୯୧୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼

# ଥାନା ସମ୍ମୁଖରୁ ୧୦ ଲକ୍ଷ ଟଙ୍କାର ପାଟ ଚୋରି




ବରପାଲି,୨୦।୭ (ସମିସ): ବରପାଲି ଥାନା ଛକ ଥାନା ସମ୍ମୁଖରେ ଥିବା ସମ୍ବଲପୁରୀ ବସ୍ତ୍ରାଳୟରୁ ଶନିବାର ରାତିରେ ବଡ଼ ଧରଣର ଚୋରି ହୋଇଛି । ବସ୍ତ୍ରାଳୟର ଆଜବେଷ୍ଟସ ଭାଙ୍ଗି ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ପାଟଶାଢ଼ୀ, ସମ୍ବଲପୁରୀ ଶାଢ଼ୀ ଇତ୍ୟାଦି ଚୋରି ହୋଇଥିବା ଅଭିଯୋଗ ହୋଇଛି । ରାତିରେ ଚୋର ମାନେ ଆଜବେଷ୍ଟସ୍ ଭାଙ୍ଗି ଭିତରେ ପଶି ଚୋରି କରିଥିଲେ । ଥାନା ସାମ୍ନାରୁ ଏତେ ବଡ ଚୋରି ହେଲା ଅଥଚ ପୁଲିସ ଟିକେ ବି ସୁରାକ ନ ପାଇବା ଚର୍ଚ୍ଚାର ବିଷୟ ହୋଇଛି । ରାତିରେ ପୁଲିସ ପେଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଢିଲା ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି । ଚୋରି ନେଇ ବସ୍ତ୍ରାଳୟର ମ୍ୟାନେଜର ଉମେଶ ସାହୁ ବରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଉପରେ ବରପାଲି ପୁଲିସ ସାଇଣ୍ଟିଫିକ ସ୍କ୍ୱାଡ ଓ ଅନୁସନ୍ଧାନୀ କୁକୁରର ସହାୟତାରେ ତଦନ୍ତ କରିଥିଲା । ହେଲେ ଚୋର କିମ୍ବା ଚୋରି ସାମଗ୍ରୀର କୌଣସି ସନ୍ଧାନ ମିଳି ପାରି ନାହିଁ । ଥାନା ସାମ୍ନାରେ ମାତ୍ର କେଇ ମିଟର ଦୂରରେ ଥିବା ବସ୍ତ୍ରାଳୟରୁ ଏପରି ବଡ଼ ଧରଣର ଚୋରି ହେବା ପୁଲିସର ତତ୍ପରତା ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ବି ପୁଲିସ କୌଣସି ସୁରାକ ପାଇ ପାରିନାହିଁ । ରାତ୍ରି କାଳୀନ ପୁଲିସ ପେଟ୍ରୋଲିଂ କଡା କଡି କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବରପାଲି,୨୦।୭ (ସମିସ): ବରପାଲି ୨୬ ନମ୍ବର ବରଗଡ଼ ବଲାଙ୍ଗୀର ଜାତୀୟ ରାଜପଥରେ କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ବରପାଲି ବ୍ଲକ୍ ରେମତା ପଞ୍ଚାୟତର କୃଷକ ପଲ୍ଲୀ ଗାଁର ସଞ୍ଜୟ ଭୋଇ(୩୧) ଓ ମହିନ ଭୋଇ(୩୦) ବାଇକ୍‌ରେ ଯାଉଥିବା ବେଳେ ଏକ ୱାଗନର୍ କାର କଦଳୀପାଲି ପେଟ୍ରୋଲ ପମ୍ପ ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଉଭୟ ବାଇକ୍ ଆରୋହୀ ଗୁରୁତର ଭାବେ ଆହତ ହୋଇଥିଲେ । ଆହତଙ୍କୁ ବରପାଲି ସରକାରୀ ଡାକ୍ତରଖାନାକୁ ଅଣାଯିବା ପରେ ସଞ୍ଜୟ ଭୋଇଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଗୁରୁତର ଆହତ ମହିନ୍‌ଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । କିନ୍ତୁ ପରିବାର ପକ୍ଷରୁ ତାଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ରଖାଯାଇଛି । ଏନେଇ ମୃତକଙ୍କ ଭାଇ ଥାନାରେ ଲିଖିତ ଭାବେ ଅଭିଯୋଗ ଦେବାପରେ ବରପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମାମଲା ରୁଜୁ କରିଛି । ପୁଲିସ ପକ୍ଷରୁ ମୃତଦେହ ଜବତ କରି ବରଗଡ଼କୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି । ଧକ୍କା କରିଥିବା ୱାଗନର ଗାଡି ବଲାଙ୍ଗୀରର ଉମେଶ ପଣ୍ଡାଙ୍କର ବୋଲି ଜଣାପଡିଛି ।

## ଶ୍ରାବଣ ମାସ ଦ୍ୱିତୀୟ ସୋମବାର

# ଝାଡ଼େଶ୍ୱର ବାବାଙ୍କ ଆର୍ଶୀବାଦ ନେବେ ଭକ୍ତ





ବରଗଡ଼,୨୦।୭ (ସମିସ):

ବରଗଡ଼ ସଦର ମହକୁମା ଠାରୁ ବୋରିଗୁମା ଯାଇଥିବା ଜାତୀୟ ରାଜପଥ ପଥ ଅତିକ୍ରମ କଲା ପରେ ଏକାମ୍ର ଛକ ରହିଛି । ଛକ ଠାରୁ ବିଜେପୁର ରାସ୍ତାରେ ପ୍ରାୟ ୩ କିମି ରାସ୍ତା ଅତିକ୍ରମ କଲା ପରେ ଶ୍ରୀ ଶ୍ରୀ ଝାଡେଶ୍ୱର ମନ୍ଦିରର ସୁନ୍ଦର ମୁଖଶାଳା ଦୃଷ୍ଟିଗୋଚର ହୁଏ । ଅଞ୍ଚଳଟି ସରସରା ପଞ୍ଚାୟତର ଅନ୍ତର୍ଭୁକ୍ତ ଅଟେ । ଏହାର ଅନତି ଦୂରରେ ରେଙ୍ଗାଲପାଲି, ବାଞ୍ଜିଟିକ୍ରା ଓ ବାଗଡିଆ ଗାଁ ଅବସ୍ଥିତ । ଏହି ଅଞ୍ଚଳରେ ରେଙ୍ଗାଲ ବୃକ୍ଷର ଆଧିକ୍ୟ ହେତୁ ରେଙ୍ଗାଲପାଲି, ବାଞ୍ଜିବୁଟାର ବାହୁଲ୍ୟ ହେତୁ ବାଞ୍ଜିଟିକ୍ରା ଏବଂ ସେତେବେଳେ ଅଞ୍ଚଳରେ ବାଘ ଡେଉଁଥିବାରୁ ସମୟକ୍ରମେ ଅପଭ୍ରଂଶ ହୋଇ ବାଗଡିଆ ନାମରେ ନାମିତ ହୋଇଥିବାର ଜଣାଯାଏ ।

ଶ୍ରୀ ଝାଡେଶ୍ୱରଙ୍କ ମନ୍ଦିର ଠାରୁ ଅଳ୍ପ ଦୂରରେ ପ୍ରାକୃତିକ ସୌନ୍ଦର୍ଯ୍ୟ ବିମଣ୍ଡିତ ବିଶାଳ ଚଣ୍ଡିକଟା ଏବଂ ପୁରାତନ ଚଣ୍ଡି ମନ୍ଦିର ରହିଛି । ପ୍ରାୟ ଦୁଇ ଶହ ବର୍ଷ ପୂର୍ବେ ଅଞ୍ଚଳଟି ରେଙ୍ଗାଲ ଗଛ ଓ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ମନ୍ଦିରକୁ ଆସିବା ପାଇଁ ରାସ୍ତାଟିଏ ନ ଥିଲା । ଶାସ୍ତ୍ରୀୟ ବର୍ଣ୍ଣନା ଅନୁସାରେ ଜଗତର ସର୍ବମୟ କର୍ତ୍ତା ପରମପିତା ପରମେଶ୍ୱର ହେଉଛନ୍ତି ଅନନ୍ତ ଶକ୍ତିର ଆଧାର, ସତ୍ୟ, ଶିବ ଓ ସୁନ୍ଦର । ନାନା ସ୍ଥାନରେ ନାନାରୂପରେ ଆବିର୍ଭାବ ହୋଇ ବିଭିନ୍ନ ନାମରେ ନାମିତ ହୋଇ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇ ଅଭିଷ୍ଟ ପୂର୍ଣ୍ଣ କରି ଆଥାନ୍ତି । ଏକଦା ଅଗନା ଅଗନୀ ବନ ଥିବା ବରଗଡ଼ର ହୃଦୟ ପଦକ ସଦୃଶ ଏହି କ୍ଷୁଦ୍ର ଭୂଖଣ୍ଡର ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେବାକୁଝାଡେଶ୍ୱର ବାବାଙ୍କ ଆର୍ବିଭାବରେ ସରସରା ମାଟି ପବିତ୍ର ହୋଇଛି ।

ପ୍ରତ୍ୟେକ ମନ୍ଦିର ପ୍ରତିଷ୍ଠା ଏବଂ ଠାକୁରଙ୍କ ଆବିର୍ଭାବ ପଛରେ କିଛି ଇତିହାସ, କିଛି ନା କିଛି କିମ୍ବଦନ୍ତୀ ବା ଲୋକକଥା ଲୁଚି ରହିଥାଏ । ଏହି ଲୋକକଥା ଗୁଡିକ ଭକ୍ତମାନଙ୍କ ହୃଦୟରେ ବିଶ୍ୱାସ ଓ ଭକ୍ତିଭାବ ବହୁଗୁଣିତ କରିଥାଏ । ଏହି ବିଶ୍ୱାସ ଓ ଭକ୍ତି ମାଧ୍ୟମରେ ହିଁ ଈଶ୍ୱର ପ୍ରାପ୍ତି ସମ୍ଭବ ହୋଇଥାଏ ଓ ଭବସାଗରରୁ ମୁକ୍ତି ମିଳିଥାଏ । ପୂର୍ବେ ଗୌନ୍ତିଆ ମାନେ ଗାଈ ଚରାଇବା ପାଇ ବିଞ୍ଝାଲ ସମ୍ପ୍ରଦାୟର ଯୁବକଙ୍କୁ ନିଯୁକ୍ତି ଦେଇଥାନ୍ତି । ସେତେବେଳେ ରେଙ୍ଗଲ ପାଲି ଗାଁର ନମ୍ବରଦାର୍ ଗୌନ୍ତିଆ ସିଦ୍ଧେଶ୍ୱର ଭୋଇ ଥିଲେ । ଦିନେ ଦେଖିଲେ ଯେ ଗୋଟେ କଳା ଗାଈ ଘରକୁ ଗୋଠ ସହ ନ ଫେରି ଡେରିରେ ଏକୁଟିଆ ଆପେ ଆପେ ଫେରୁଛି । ଏମିତି ନିତିଦିନ ଘଟଣା ଘଟିବା ପରେ ଗୌନ୍ତିଆଙ୍କ ମନରେ ସନ୍ଦେହ ଆସିଲା । ପରଦିନ କାରଣ ଜାଣିବା ପାଇଁ ଗାଈର ପଛେ ପଛେ ଅନୁସରଣ କଲେ ଆଉ ଯାହା ଦେଖିଲେ ନିଜ ଆଖିକୁ ଗୌନ୍ତିଆ ବିଶ୍ୱାସ କରି ପାରିଲେନି । ଗାଈଟି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡା ହେଉଛି ଆଉ କ୍ଷୀର ଆପେ ଆପେ

## ଅଷ୍ଟଶମ୍ଭୁ ମଧ୍ୟରେ ଅନ୍ୟତମ ପବିତ୍ର ପୀଠ

ଝରି ପଡୁଛି । ତା ପରେ ଗାଈ ଘରକୁ ଫେରି ଆସୁଛି । ପୁଣି ବର୍ଷା ଦିନରେ ଭରା ଜିରା ନଦୀ ପାର ହୋଇ ଆସି ସେମିତି ଗାଈଟି କ୍ଷୀର ଦେଉଚି । ଦିନେ ରାତିରେ ଝାଡେଶ୍ୱର୍ ବାବା ଗୌନ୍ତିଆ ସିଦ୍ଧେଶ୍ୱରଙ୍କୁ ଗାଈଟି କ୍ଷୀର ଦେବା ସ୍ଥାନରେ ସ୍ୱୟଂ ଉଭା ହୋଇଥିବା କଥା ସ୍ୱପ୍ନରେ କହିଥିଲେ । ପରଦିନ ଗୌନ୍ତିଆଙ୍କ ସହ ସମସ୍ତ ଗ୍ରାମବାସୀ ଯାଇ ସେ ସ୍ଥାନରେ ବାବାଙ୍କୁ ସ୍ମରଣ କରିବା ପରେ ଲିଙ୍ଗଟିର ଦର୍ଶନ ହୋଇଥିଲା । ସେହି ସମୟରୁ ଆଜି ପର୍ଯ୍ୟନ୍ତ ଝାଡେଶ୍ୱର୍ ବାବାଙ୍କ ପୂଜାର୍ଚ୍ଚନା ହୋଇ ଆସୁଛି । ପୂର୍ବ ସରକାରଙ୍କ ସମୟରେ ଏହି ପବିତ୍ର ପୀଠର ବହୁ ଉନ୍ନତି ହୋଇଥିଲା । ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପର୍ଯ୍ୟନ୍ତ ସୁନ୍ଦର୍ ରାସ୍ତା ନିର୍ମାଣ, ଭୋଗ ମଣ୍ଡପ, ପୋଖରୀର ଉନ୍ନତୀକରଣ, ଚାରିଆଡେ ଲାଇଟ୍‌ର ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ମନ୍ଦିର ଚାରି ପାଶ୍ୱର୍ରେ ସିସି କ୍ୟାମେରାର ବ୍ୟବସ୍ଥା ଆଦି ବହୁ ଉନ୍ନୟନ କାର୍ଯ୍ୟ ସବୁ ହୋଇଛି । ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ, ପୂର୍ବତନ ଏପିକଲ୍ ଚେୟାରମ୍ୟାନ ପ୍ରଭାତ ଦିତ୍ୟ ମିଶ୍ର, ବର୍ତ୍ତମାନ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ଉଦ୍ୟମରେ ସୋଲାର ଲାଇଟ୍ ବ୍ୟବସ୍ଥା, ଗଣେଶ ରାମ ଅଗ୍ରୱାଲ, ସତ୍ୟନାରାୟଣ ଅଗ୍ରୱାଲ, ତୋଷବନ୍ତ ଦାଶ, ନରେଶ ଗଡତିଆ, ଟଙ୍କଧର ସାବତ, ଦୀପକ ବାଲୋଡିଆ, ବଳରାମ ବିଶି, ମନବୋଧ ଭୋଇଙ୍କ ସମେତ ବହୁ ମହାନ୍ ବ୍ୟକ୍ତି ମନ୍ଦିର ପାଇଁ ନିଜସ୍ୱ ତଥା ସରକାରୀ ସହାୟତା ପ୍ରଦାନ କରିଛନ୍ତି । ଆଜି ଏହି ପୀଠରେ ହଜାର ହଜାର ଭକ୍ତ ବାବାଙ୍କୁ ଦର୍ଶନ କରିବା ନେଇ ପ୍ରସ୍ତୁତି ପର୍ବ ହୋଇଛି ।

# ମୃତ୍ୟୁ ପରେ ବି ଅମର ହୋଇଗଲେ ଦୟାନିଧି ସାହୁ



## ଦୁଇ ଚକ୍ଷୁ ଦାନ ଦେଲା ପରିବାର



ବରଗଡ଼,୨୦।୭ (ସମିସ): ବରଗଡ଼ ନିବାସୀ ଦୟାନିଧି ସାହୁ (ସୁରୁ)ଙ୍କ ରବିବାର ଦେହାନ୍ତ ହୋଇଛି । କିଛି ଦିନ ହେବ ବରଗଡ଼ର ଏକ ଘରୋଇ ହସ୍ପିଟାଲରେରେ ସେ ଚିକିତ୍ସାଧୀନ ରହିଥିଲେ । ମୃତ୍ୟୁ ପରେ ପରିବାରର ସଦସ୍ୟ ସହମତିରେ ତାଙ୍କ ଚକ୍ଷୁ ଦାନ କରିଛନ୍ତି । ବରଗଡ଼ ସୋସିଆଲ କ୍ଲବ୍ ତରଫରୁ ରବିବାର କ୍ଲବ୍‌ର ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ତଥା ସଭାପତି ନିଧୁବନ୍ ବିହାରୀ ପଣ୍ଡାଙ୍କ ସଭାପତିତ୍ୱରେ ସ୍ୱର୍ଗତ ଦୟାନିଧି ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀ ସାହୁ ସତ୍ୟସାଇ ସେବା ସଂଗଠନ ତଥା ସୋସିଆଲ କ୍ଲବ୍‌ର ଜଣେ ସକ୍ରିୟ ସଭ୍ୟ ଥିବା ସହ ସଂଗଠନ ମାଧ୍ୟମରେ ବହୁ ଗୁଡିଏ ସାମାଜିକ କାର୍ଯ୍ୟରେ ନିଜକୁ ଜଡିତ ରଖିଥିଲେ । ରେଢ଼ାଖୋଲରେ ଜଣେ ଗରିବ ଛାତ୍ରର ସମସ୍ତ ପଢ଼ା ଖର୍ଚ୍ଚ ବହନ କରି ଆସୁଥିଲେ, ବିଭିନ୍ନ ସମୟରେ କୁଷ୍ଠାଶ୍ରମ ଯାଇ ଖାଦ୍ୟ ଯୋଗାଇବା ସହ ବହୁ ଜିନିଷପତ୍ର ଦାନ କରୁଥିଲେ । ଆଇନଜୀବୀ ସୁରେନ୍ଦ୍ର ପଣ୍ଡା, ଅଶୋକ ଯୋଶୀ, ହରଦିପ ସିଂ, ଶୈଳେଶ ନାୟକ, ପ୍ରହଲ୍ଲାଦ ଦୋରା, ଦୀଲିପ ବାଗ, ବୀରେନ ହାତୀ ପ୍ରମୁଖ ସୋସିଆଲ କ୍ଲବ୍‌ର ବହୁ ସଦସ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ପ୍ରାକୃତିକ ଚାଷ ତାଲିମ ଶିବିର ଉଦ୍‌ଯାପିତ



ବରଗଡ଼,୨୦।୭ (ସମିସ): ସରକାରଙ୍କ ଜାତୀୟ ପାରମ୍ପରିକ କୃଷି ମିଶନ ଯୋଜନାରେ ପ୍ରାକୃତିକ ଶୈଳୀ ତଥା ପ୍ରାକୃତିକ ସାର, କୀଟନାଶକ ପ୍ରୟୋଗରେ ଫସଲ ଉତ୍ପାଦନ କରି ଲାଭବାନ ହେବା ପାଇଁ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଝାରବନ୍ଧ ବ୍ଲକ୍‌ର ଚଣ୍ଡୀଭଟା ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସତର୍କ' ଦ୍ୱାରା ୪୦ ଜଣ ସିଆରପିଙ୍କୁ ୫ ଦିନିଆ ତାଲିମ ପ୍ରଦାନ କରାଯାଇଛି । ତାଲିମ ଶିବିରରେ ପ୍ରାକୃତିକ ଚାଷ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ପ୍ରାକୃତିକ ସାର, ସବୁଜ ସାର, କୀଟନାଶକ ପ୍ରସ୍ତୁତ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ୫ ଦିନ ଧରି ଚାଲିଥିବା ଶିବିରରେ ଆଜି ସିଆରପି ମାନଙ୍କୁ ନେଇ ପରୀକ୍ଷା ହୋଇଥିଲା । ଶେଷ ଦିନରେ ପୁଷ୍ପକ ନାଏକ, ସହକାରୀ କୃଷି ଅଧିକାରୀ ଝାରବନ୍ଧ, ପଦ୍ମପୁର ସହକାରୀ କୃଷି ଅଧିକାରୀ ଜିତେନ୍ଦ୍ର ମୁର୍ମୁ ଯୋଗଦେଇ ପ୍ରାକୃତିକ ଚାଷ ପ୍ରଣାଳୀକୁ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ମାଷ୍ଟର ଟ୍ରେନର ଶାନ୍ତନୁ ପ୍ରଧାନ, ବସନ୍ତ ନାୟକ ପରୀକ୍ଷା କରାଇଥିଲେ । ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶିବିରରେ ରାଜେଶ ପ୍ରଧାନ, ଲବଣି ସାହୁ, ଦେବରାଜ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅନୁଷ୍ଠାନର ସମ୍ପାଦକ ବିକାଶ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

ବରଗଡ଼,୨୦।୭ (ସମିସ): ଝାରବନ୍ଧ ସାମ୍ବାଦିକ ସଂଘ ଭବନ ପ୍ରତିଷ୍ଠାର ବାର୍ଷିକୋତ୍ସବ ସାମ୍ବାଦିକ ଭବନରେ ସାମ୍ବାଦିକ ରମେଶ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜାବର ସଭାପତି ରବି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ ଶତପଥୀ ଯୋଗ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା ଯୋଗ ଦେଇଥିଲେ । ଏହି ଅବସରରେ ମେଧାବୀ ଛାତ୍ରଛାତ୍ରୀ ଉତ୍ତମ ସାହୁ, ବିଶ୍ୱରଣା, ଦୀପକ ବାଗ, ପ୍ରିୟାଂଶୁ ମେହେର, ଟିକେଶ୍ୱରୀ ବାରିକ ଓ ଶିକ୍ଷକ ସଞ୍ଜୟ ସଗରଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଡୋଳଚନ୍ଦ୍ର ସାହୁ, ସାମ୍ବାଦିକ ଦୁର୍ଗାପ୍ରସାଦ ତ୍ରିବେଦୀ, ଡିଗ୍ରିଧର ସାହୁ, ପ୍ରଭୁ ମହାନ୍ତି, ଦେବେନ୍ଦ୍ର ସାହୁ, ନକୁଳ ସାହୁ, ପ୍ରଦୀପ ପ୍ରଧାନ, ଶିବପ୍ରସାଦ ପଟେଲ, ଆକାଶ ବାରିକ, ରଞ୍ଜିତ ଦାଶ, ସୁନିଲ ମିଶ୍ର, ସତ୍ୟ ପ୍ରଧାନ, ଅଶ୍ୱନି ପାତ୍ର, ହେମନ୍ତ ପ୍ରଧାନ, ସୁଦାମ ପ୍ରଧାନ, ଗିରିଶ ଚନ୍ଦ୍ର ମାଝୀ, କୁଞ୍ଜ ବିହାରି ସାହୁଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ସାମ୍ବାଦିକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜୋହନ କୁମ୍ଭାର ପରିଚାଳନା କରିଥିଲେ । ବାର୍ଷିକ ଉତ୍ସବ ଅବସରରେ ଝାରବନ୍ଧ ଚାକଦର୍ହା ଡ୍ୟାମ୍ ପରିଦର୍ଶନ ସହ ଭୁବନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଚାରାରୋପଣ କରାଯାଇଥିଲା ।



## ଚାରା ରୋପଣ କାର୍ଯ୍ୟକ୍ରମ

# ଜାନ୍ ଯାଉ, ଜୀବନ୍ ଯାଉ, ଆମର୍ ଗଛଟା ବଞ୍ଚିଥାଉ




ବରଗଡ଼



ବରପାଲି




ପଦ୍ମପୁର

ବରଗଡ଼,୨୦।୭ (ସମିସ):

ବରଗଡ଼ର ଡ.ଆମ୍ବେଦକର ୱେଲଫେୟାର ଟ୍ରଷ୍ଟ ଓ ଆମ୍ବେଦକର ଷ୍ଟଡି ସେଣ୍ଟରର ମିଳିତ ଉଦ୍ୟମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବରଗଡ଼ ବ୍ଲକ୍ ଅଧୀନ ତୋରା ପଞ୍ଚାୟତର ନାଗେନପାଲି ରୋଡର ଉଭୟ ପାଶ୍ୱର୍ରେ ଚାରାରୋପଣ କରାଯାଇଥିଲା । ଆମ୍ବେଦକର ୱେଲଫେୟାର ଟ୍ରଷ୍ଟ ଓ ଷ୍ଟଡି ସେଣ୍ଟରର ସଭାପତି ବିମଳ କିଶୋର ନାଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ପୁରନ୍ଦର ଭୋସାଗର ଓ ସମାଜସେବୀ ଡ.ଅନିଲ ମହାନନ୍ଦ ଯୋଗ ଦେଇଥିଲେ । 'ଆସ ସଭେ ଗୁଟେ ଗୁଟେ ଗଛ ଜଗାମା...ପରିବେଶ କେ ବଞ୍ଚେଇ ନେମା', 'ପ୍ରକୃତି ସୁରକ୍ଷା...ଜୀବନରକ୍ଷା', 'ଗଛ ଲଗାମା...ଜୀବନ ବଞ୍ଚାମା', 'ଜାନ ଯାଉ ଜୀବନ ଯାଉ....ପରିବେଶ ବଞ୍ଚିଥାଉ'ର ନାରା ଦେଇ ବୃକ୍ଷରୋପଣ କରିବା ସହ ବୃକ୍ଷର ଉପକାରିତା ବିଷୟରେ କହିଥିଲେ । କାର୍ଯ୍ୟକ୍ରମରେ ଆମ୍ବେଦକର ୱେଲଫେୟାର ଟ୍ରଷ୍ଟ ଓ ଆମ୍ବେଦକର ଷ୍ଟଡି ସେଣ୍ଟରର ଜ୍ୟୋତି ପ୍ରକାଶ ସୁନା, ରିମା ସାହୁ, ରୋଶନୀ ସୁରଜାଲ, ଅନନ୍ୟା ଦୀପ୍, ଲୀନା ନାୟକ, ରବିନା ସାହୁ, ରାଜୁ ଦୀପ୍, ଅନିଶା କୁମ୍ଭାର, ସୌରାଜ ନାଗ୍, ରାହୁଲ କୁଅଁର, କଳ୍ପନା ସର, ଭାରତୀ ଦୀପ୍, ସୁଭମ୍ ନାୟକ, ସୋନୁ ଗୁଆଲ, ଓମ୍ ସାଗର, ଆଦିତି ସର୍, ପମି ସର୍, ମନୀଷା ରୟଙ୍କ ସମେତ ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

**ବରପାଲି:** ବରଗଡ଼ ଜିଲ୍ଲା ବରପାଲି ବ୍ଲକ୍ ତିଳେଇମାଲ ପଞ୍ଚାୟତ ଜୁହ୍ନାବ୍ରାହ୍ମନୀ ଗାଁରେ ଇଓର ଟ୍ୟୁଟୋରିଆଲ ଅନୁଷ୍ଠାନ ତରଫରୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ମନୋରଞ୍ଜନ ପାଣ୍ଡେ ଏବଂ ଉପସଭାପତି ଭୀଷ୍ମଦେବ ପାଣ୍ଡେଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ କୋଡିଏରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରକାର ବୃକ୍ଷରୋପଣ ହୋଇଥିଲା । 'ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା' ଏବଂ 'ଜାନ ଯାଉ, ଜୀବନ ଯାଉ, ଆମର ଗଛଟା ବଞ୍ଚିଥାଉ' ନାରା ଦେଇ ମା'ଙ୍କ ନାମରେ ବୃକ୍ଷଗୁଡିକୁ ରୋପଣ କରାଗଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିମ୍, ସାହିଲ, ଶ୍ରିୟା, ତୃପ୍ତି, ସଂଜୀବ, କିଷାନ, ମନୀଷା, ସଙ୍ଗମ, ସତ୍ୟମ୍, ଡୋଲି, ପ୍ରିୟଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

**ପଦ୍ମପୁର:** ସମ୍ବାଦ ସାହିତ୍ୟ ଘର ପଦ୍ମପୁର ଶାଖା ଆନୁକୂଲରେ ବୃକ୍ଷରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ ସଂଫିଆ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଯାଇଛି । ଏଥିରେ ସାହିତ୍ୟ ଘର ସଭାପତି ପ୍ରୀତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ସୁଦାମ ଜଗଦଳା, ପଦ୍ମପୁର ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂ ବାବୁ, କଂସର ପଞ୍ଚାୟତର ସରପଞ୍ଚ ଆନନ୍ଦ ବେହେରା, ମୀନକେତନ ସାହୁ, ସାହିତ୍ୟ ଘର ସଂଗଠନ ସମ୍ପାଦକ ନିରୋଜ ଦୋରା, ବନପାଳ ଝରଣା ସାହୁ, କେଦାର ନାଥ ସାହୁ, କହ୍ନେଇ ଦୋରା, ତୁଳସୁନଦର ମେହେର ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ ତଥା ତାହାର ଯତ୍ନ ଏବଂ ଉପକାରୀତା ସମ୍ବନ୍ଧରେ କହିଥିଲେ । ସାହିତ୍ୟ ଘରର ସମ୍ପାଦକ ଶେଷଦେବ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସ୍କୁଲର ପ୍ରଧାନଶିକ୍ଷକ କରୁଣାକର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

● ସମ୍ବଲପୁରୀ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର

# ଫି ମାସେଁ ଗୁଟେ ଦିନ୍ ସାହିତ୍ୟ ଭିତରେଁ ହେମା ଲିନ୍ କାର୍ଯ୍ୟକ୍ରମ



ବରଗଡ଼, ୨୦।୭ (ସମିସ): ସାହିତ୍ୟିକ ମାନଙ୍କ ସାରସ୍ୱତ କୃତୀକୁ ପାଠ କରିବା ହିଁ ସାହିତ୍ୟକୁ ଉପଯୁକ୍ତ ସମ୍ମାନ ବୋଲି ସମ୍ବଲପୁରୀ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର 'ଫି ମାସେଁ ଗୁଟେ ଦିନ୍ ସାହିତ୍ୟ ଭିତରେଁ ହେମା ଲିନ୍' ଉତ୍ସବରେ ବକ୍ତାଗଣ ମତବ୍ୟକ୍ତ କରିଛନ୍ତି। ପରିଷଦର ସଭାପତି କଥାକାର ଧନପତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଡ.ଗୋବର୍ଦ୍ଧନ ସାହୁ ମୁଖ୍ୟ ଅତିଥି ଓ ପ୍ରଫେସର କେଶରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଉତ୍ପନ୍ନ ଭୋଇଙ୍କ ସଂଯୋଜନାରେ ପ୍ରଥମେ ଦିବଂଗତ କବି ମୋତିଲାଲ ପଣ୍ଡା ଓ କଥାକାର ମନୋହର ସାହୁଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇ ଥିଲା। ଏହାପରେ ଚଳିତ ଜୁଲାଇ ମାସରେ ଜନ୍ମିତ କବି ସର୍ବଶ୍ରୀ ମନୋରଞ୍ଜନ ଲୁହା, ଜୟ ପ୍ରଧାନ, ତରଣୀସେନ ମେହେର, ସୁଧାଂଶୁ ଭୂଷଣ ଷଣ୍ଢ, ନାରୀକବି ଅହଲ୍ୟା ପ୍ରଧାନ, ମଞ୍ଜୁଲତା ଖାଡଙ୍ଗା, ସାବିତ୍ରୀ ମେହେର ପ୍ରମୁଖଙ୍କ ଜନ୍ମ ଜୟନ୍ତୀ ପାଳନ ପୂର୍ବକ ତାଙ୍କ କାବ୍ୟ-କବିତା ଉପରେ ଆଲୋଚନା କରାଯାଇ ଥିଲା। ସମ୍ପାଦକ ତେଜରୁ ବାରିକ ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ କଲାପରେ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କବି ସମ୍ମିଳନୀରେ କବି ଦାମ୍ବୋଦର ସାହୁ, ସୁଦ୍ମା ପଣ୍ଡା, ଗୌର ଚରଣ ପ୍ରଧାନ, ଜଟାଧାରୀ ପ୍ରଧାନ, ଶୋଭାଚାନ୍ଦ ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ। ଡ.ନାରାୟଣ ଭୋଇଙ୍କ ସଂଯୋଜନାରେ ସର୍ବଶ୍ରୀ କିଶୋର ପାତ୍ର, ବିଷ୍ଣୁଚରଣ ପ୍ରଧାନ, ସୁଭାସ ତନ୍ତ୍ର ଭୁଏ, ଲଳିତ ବାରିକ, ସୁଶାନ୍ତ ଭୋସାଗର, ଜୁବରାଜ ସାହୁ, ରଞ୍ଜିତ ପ୍ରଧାନ, କ୍ଷୀରେଶ୍ୱରୀ ସା, ଉମେଶ ପ୍ରଧାନ, ପ୍ରିୟବ୍ରତ ସାହୁ, ଲକ୍ଷ୍ମଣ ମଲ୍ଲିକ, ମାନସ ରଞ୍ଜନ ଦାଶ, ଦିଲ୍ଲିପ ଭୋଇ ପ୍ରମୁଖ କବି କବିତା ପାଠ କରିଥିଲେ। ସମ୍ବଲପୁରୀ ଗୁଚ୍ଛା ତରଫରୁ ସମ୍ବଲପୁରୀ ବହି ପସରା ବିଶେଷ ଆକର୍ଷଣ ଥିଲା। ଶେଷରେ କବି ଗଣେଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚର୍ଚ୍ଚାରେ ସ୍ନେକ୍ ମ୍ୟାନ ଚିମନଲାଲ୍

## ୧୫୦୦ରୁ ଉର୍ଦ୍ଧ୍ୱ ସାପ ଉଦ୍ଧାର କଲେଣି

ପାଇକମାଲ, ୨୦।୭ (ସମିସ)



ସାଧାରଣତଃ ବର୍ଷାଋତୁ ଆସିଲେ ଅନେକ ସ୍ଥାନରେ ସାପ ଗୁଡିକ ବାହାରି ଥାଆନ୍ତି। ବହୁ ସ୍ଥାନରେ ବିଷାକ୍ତ ସାପ ଗୁଡିକ ଘର ଭିତରକୁ ପଶିଯାଇଥାନ୍ତି। ଅସାବଧାନ ରହିଲେ ସାପ କାମୁଡାରେ ଅନେକ ଲୋକଙ୍କ ଅକାଳ ମୃତ୍ୟୁ ହୋଇଥାଏ। ସାପ ଗୁଡିକ ପରିବେଶ ପାଇଁ ବେଶ୍ ଉପଯୋଗୀ। ତେଣୁ ମଣିଷ ପ୍ରତି ବିପଦ ଥିଲେ ହେଁ ସେମାନଙ୍କୁ ନମାରି ଘଉଡାଇ ଦେବା ଉଚିତ କିମ୍ବା ସ୍ନେକ୍ ହେଲ୍ପଲାଇନର ସାହାଯ୍ୟରେ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଆସିବା ଉଚିତ୍। ପାଇକମାଳ ଅଞ୍ଚଳରେ ସ୍ନେକ ମ୍ୟାନ ଭାବେ ଚିମନଲାଲ୍ କଟାପଲିଆ ବେଶ ପରିଚିତ। ବୟସ ପାଖାପାଖି ୨୫ ବର୍ଷ ହେବ। ସେ ମିଠାପାଲି ପଞ୍ଚାୟତ ଡୁଙ୍ଗୁରିପାଲି ଗାଁର ବେଦବର କଟାପଲିଆଙ୍କ ଏକମାତ୍ର ପୁଅ। ଚିମନଲାଲ ବୃତ୍ତିରେ ଜଣେ ଦିନ ମଜୁରିଆ ତଥା ରାଜମିସ୍ତ୍ରୀ ଭାବେ କାମ କରନ୍ତି। ସେ ଭୁବନେଶ୍ୱର ଯାଇ ସ୍ନେକ୍ ହେଲ୍ପଲାଇନ ତାଲିମ ପାଇବାରେ ପରେ ଏବେ ବନ ବିଭାଗ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ସାପ ଉଦ୍ଧାରକାରୀ ଭାବେ କାମ କରି ଆସୁଛନ୍ତି। ପାଇକମାଳ ଅଞ୍ଚଳରେ କାହାରି ଘରକୁ ବିଷାକ୍ତ ସାପ ପଶିଲେ ପ୍ରଥମ ଚିମନଲାଲଙ୍କୁ ଖୋଜାପଡେ। ଚିମନଲାଲ୍ ଫୋନ୍ କଲ୍ ପାଇବା ମାତ୍ରେ ସେହି ଘରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଗନ୍ଧମାର୍ଦ୍ଦନ ପର୍ବତରେ ଛାଡି ଦେଇଥାନ୍ତି। ଏପର୍ଯ୍ୟନ୍ତ ପାଖାପାଖି ୧୫୦୦ରୁ ଉର୍ଦ୍ଧ୍ୱ ସାପ ଉଦ୍ଧାର କରି ସାରିଲେଣି ବୋଲି କହିଛନ୍ତି। ସାପ ଉଦ୍ଧାର କରିବା ସମୟରେ ସାପ ନମାରିବା ତଥା ସାପ କାମୁଡିଲେ ଝଡାଫୁଙ୍କା ଉପରେ ବିଶ୍ୱାସ ନକରି ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ଯିବାକୁ ସେ ଲୋକଙ୍କୁ ସଚେତନତ କରିଥାନ୍ତି। ବରଗଡ଼ ଡିଏଫଓ ତରଫରୁ ତାଙ୍କୁ ସେଫ୍ଟି କିଟ୍ ଯୋଗାଇଦେବା କଥା କିନ୍ତୁ ଏପର୍ଯ୍ୟନ୍ତ ପାଇନଥିବାରୁ ଶୀଘ୍ର ସେଫ୍ଟି କିଟ୍ ଯୋଗାଇଦେବାକୁ ଚିମନଲାଲ୍ ଅନୁରୋଧ କରିଛନ୍ତି।

# ବୌଦ୍ଧ-ନୟାଗଡ଼ ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା

ବୌଦ୍ଧ, ୨୦।୭ (ସମିସ): ବିକାଶରେ ବଣ ପାହାଡ଼ ବାଧକ ସାଜୁଥିବା ବେଳେ ଏବେ ରାସ୍ତା ବାଧକ ସାଜିଛି। ଉପାନ୍ତ ଭାବପୁର ଛକଠାରୁ ଗେରିଡି ସାହି ପ୍ରାୟ ୧୦ କିଲୋମିଟର ରାସ୍ତା ଏବେ ମରଣ ଯନ୍ତା ପାଲଟିଛି। ଖାଲଖମା ସହ କାଦୁଅ ପଚ ପଚ ରାସ୍ତା। ଏହି ରାସ୍ତାରେ ଚାଲି ଚାଲି ଯିବା ମଧ୍ୟ ଅସମ୍ଭବ। ଏହି ରାସ୍ତା ଉପରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ୧୪ଖଣ୍ଡ ଗ୍ରାମର ଜଙ୍ଗଲ ଅଧିବାସୀ ନିର୍ଭର କରଛନ୍ତି। ପ୍ରତ୍ୟକ ଦିନ କୁସଙ୍ଗ ବଜାରକୁ ଏହି ରାସ୍ତା ଦେଇ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ଚାଉଳ, ଡାଲି, ଲୁଣ, ତେଲ ପାଇଁ ଯାଇଥାନ୍ତି। ଏହାସହ ବ୍ୟାଙ୍କ, ସୋସାଇଟି, ସ୍କୁଲ,



କଲେଜ ସହିତ ମହାଲିକ ପଡ଼ା ପଞ୍ଚାୟତ, ଚାରିଛକ ବ୍ଲକ, ଥାନାକୁ ଯିବାକୁ ଏହି ରାସ୍ତା ମାଧ୍ୟମ। ନୂତନ ସରକାର ଆସିଲା ପରେ ଏହିରାସ୍ତା କୁଜି ନେତା ମାନଙ୍କ ଭାତ ହାଣ୍ଡି ସାଜିଛି। ତେବେ ଏହି ରାସ୍ତା ବୌଦ୍ଧ ଜିଲ୍ଲାରୁ ନୟାଗଡ଼ ଜିଲ୍ଲାକୁ ସଂଯୋଗ କରୁଛି। ଏଣୁ ଏହାର ଢେର ଗୁରୁତ୍ୱ ରହିଛି। ପ୍ରତି ଦିନ ସହ ସହ ଗାଡି ଯିବା ଆସିବା କରୁଛି। ଆଜି ପର୍ଯ୍ୟନ୍ତ କିନ୍ତୁ ରାସ୍ତା ଅବସ୍ଥା ସୁଧୁରିଲାନି। ଅନ୍ୟପଟେ ଏହିରାସ୍ତା ଦେଇ ବ୍ଲକର ଭାବପୁର, ମୁତୁରି ବଣିଆଁ, ହାତୀଗଡ଼, ଘୁଙ୍ଗୁରୁପଡ଼ା, ନୂଆପଡ଼ା, ସେମିଗୁଡା, ପଦ୍ମତୋଳା, ଧୂବାସାହି, ଶ୍ରୀପାଜୁ, ତଇଲା ସାହି, ଗେରିଡିସାହି, ବାଙ୍କଝରି, ଦୁଇସିଙ୍ଗ ଭଳି ଗ୍ରାମବାସୀ ଚଳ ପ୍ରଚଳ କରୁଛନ୍ତି। ସ୍ୱାଧୀନତାର ୭୬ ବର୍ଷ ପରେ ବି ରାସ୍ତା ସମସ୍ୟା ସୁଧୁରୁ ନାହିଁ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ତୁରନ୍ତ ରାସ୍ତା ସମସ୍ୟା ସମାଧାନ ନ କଲେ ରାସ୍ତା ରୋକ କରିବା ପାଇଁ ଗୋରେଖ ବେହେରା, ପ୍ରଦୀପ ଗୁରୁ, ବସନ୍ତ କହ୍ନର, ସୁଧୀର ସାମଲ, ଜୟନ୍ତ ଦେହୁରୀ, ନାରଣ ଦେହୁରୀ, ଜନକ ବେହେରା, ରାଜୀବ ଧଳ ପ୍ରଦୀପ ସାହୁ, ସୁମନ୍ତ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ତେବେ ଏହି ରାସ୍ତା ଭଳି ହରଭଙ୍ଗା ବ୍ଲକର ଅଧିକାଂଶ ଗ୍ରାମରେ ରାସ୍ତା ସମସ୍ୟା ଲାଗି ରହିଛି। ବର୍ଷାଦିନ ଆସିଲେ ଲୋକଙ୍କ ସମସ୍ୟା ବଢ଼ିଯାଉଛି। କାଦୁଅ ପଚ ପଚ ଯୋଗୁଁ ଯିବା ଆସିବା ପାଇଁ ଲୋକେ ବହୁତ ସମସ୍ୟାରେ ପଡୁଛନ୍ତି। ଧର୍ମନଗର, ବିଶିପାଲି, ବାଲିପଟା ସାହି, ସୁରୁଣ୍ଡୀ ସାହି ରାସ୍ତା ସମତେ ୫୦ରୁ ଅଧିକ ଗାଁର ରାସ୍ତା ଅତି ଦୟନୀୟ ଅବସ୍ଥାରେ ଅଛି। ତେବେ ଏ ବାବଦରେ ହରଭଙ୍ଗା ବିଡିଓ ଶରଚ୍ଚନ୍ଦ୍ର ସେଠିଙ୍କୁ ପଚାରିବାରୁ ଏ ବାବଦରେ ପ୍ରଶାସନ ଅବଗତ ଅଛି। ଖୁବ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ସୂଚନାଫଳକରେ ସୀମିତ ରହିଯାଇଛି ଖଇରଟିକିରା ରାସ୍ତା

ତରଭା, ୨୦।୭ (ସମିସ): ସୋନପୁର ଜିଲ୍ଲା ତରଭା ବ୍ଲକ ମରାଡୁଗୁଛା ପଞ୍ଚାୟତର ଖଇରଟିକିରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଛି। ଏହି ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଗାଁକୁ ଆମ୍ବୁଲାନ୍ସ ଆସିପାରୁନି। ରୋଗୀ, ବୟସ୍କଙ୍କୁ ବୋହି ବୋହି ନେବାକୁ ପଡୁଛି। ଅସରାଏ ବର୍ଷାରେ ରାସ୍ତା ବେହାଲ ହୋଇପଡୁଛି। ଆଣ୍ଠୁଏ କାଦୁଅରେ ପଚ ପଚ ହେଉଛି। ଖାଲଖମାରେ ବର୍ଷା ପାଣି ଭର୍ତ୍ତି ହୋଇରହିଛି। ଏହି ଗାଁକୁ ଅନ୍ୟ କୌଣସି ବିକଳ୍ପ ରାସ୍ତା ନାହିଁ। କହାର ସ୍ୱାସ୍ଥ୍ୟ ଖରାପ ହେଲେ ଆମ୍ବୁଲାନ୍ସ ଆସି ଫେରି ଯାଉଛି। ବୃଦ୍ଧବୃଦ୍ଧା ଓ ଗର୍ଭବତୀଙ୍କ ପାଇଁ ରାସ୍ତା କାଳ ସାଜିଛି। ରାସ୍ତା ପାଇଁ ବାରମ୍ବାର ଦାବି କରି ଆସୁଥିବା ବେଳେ କେହି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବର୍ଷାଦିନେ ଏହି ଗ୍ରାମବାସୀ ଦୁର୍ବିସହ





ଜୀବନ ଯାପନ କରୁଛନ୍ତି। ଗାଁକୁ ପକ୍କା ରାସ୍ତା ସାତ ସପନ ପାଲଟିଛି। ଏହି ରାସ୍ତାରେ ବାଇକ, ସାଇକଲ ଏପରିକି ପାଦରେ ଚାଲି ଚାଲି ଯିବା ସମ୍ଭବ ହୋଇପାରୁନି। କାଦୁଅ ହେତୁ ଚାରିଚକିଆ ଗାଡ଼ି ମଧ୍ୟ ନେବାକୁ ଲୋକେ ଭୟ କରୁଛନ୍ତି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବାରମ୍ବାର ଜନସାଧାରଣଙ୍କ ଦାବି ପରେ ଗତ ବର୍ଷ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରି ଫଳକ ମଧ୍ୟ ଲଗାଯାଇଛି। ଏହି ସୂଚନାଫଳକରେ ହିଁ ଖଇରଟିକିରା ଗାଁ ରାସ୍ତା କାମ ସୀମିତ ରହି ଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ଲାଗି ପଦକ୍ଷେପ ନ ନେଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ୱାର୍ଡସଭ୍ୟ ଶିବ ଘିବେଲା, ନବୀନ ଘିବେଲା, ଚନ୍ଦ୍ର ମଲ୍ଲିକଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଭଜନ ଆଲବମ୍ 'ମୋ ଶବ ଯିବ ସ୍ୱର୍ଗଦ୍ୱାର' ଲୋକାର୍ପିତ

ବରଗଡ଼, ୨୦।୭ (ସମିସ): ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଶ୍ୟାମାକାଳୀଙ୍କ ମନ୍ଦିର ପରିସର ମଧ୍ୟରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସମ୍ମୁଖରେ ଭଜନ ଆଲବମ 'ମୋ ଶବ ଯିବ ସ୍ୱର୍ଗଦ୍ୱାର' ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାପ୍ତାହିକ ସମ୍ବାଦପତ୍ର 'ଗଣ ଇସ୍ତାହାର'ର ସମ୍ପାଦକ ପ୍ରସନ୍ନ ମିଶ୍ର, ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଡ.ତପସ୍ୱିନୀ ଗୁରୁ, ସାହିତ୍ୟିକ ମନୋରଞ୍ଜନ ମେହେର, ସ୍ତମ୍ଭକାର ଜୟପ୍ରକାଶ ଶତପଥୀ, ଅବସରପ୍ରାପ୍ତ ପ୍ରଧାପକ ସୁରେଶ ପଣ୍ଡା, ସୂର୍ଯ୍ୟସ୍ନାତା'ର ସମ୍ପାଦିକା ସୁପ୍ରଭା ସାମଲ, କଣ୍ଠଶିଳ୍ପୀ ଅଞ୍ଜଳି ମହନ୍ତମ ଓ ଅବସରପ୍ରାପ୍ତ ପ୍ରାଧାପକ ସୁରେଶ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତର ଗୀତିକାର ଡ.ରବିନାରାୟଣ ସାହୁ ଓ ଗୀତଟିରେ କଣ୍ଠଦାନ



କରିଥିବା ତଥା ସଙ୍ଗୀତରେ ସଜେଇ ଥିବା କଣ୍ଠଶିଳ୍ପୀ ନବ ମହନ୍ତମ ମଧ୍ୟ ଉପସ୍ଥିତ ଥିଲେ। ବରଗଡ଼ର 'ଓମ୍ ପ୍ରଡକ୍ସନ' ଦ୍ୱାରା ପ୍ରସ୍ତୁତ ଉକ୍ତ ଭଜନଟିକୁ ଭଜନ ସମ୍ରାଟ ଭିକାରୀ ବଳଙ୍କୁ ଉତ୍ସର୍ଗ କରାଯାଇଛି। ଭଜନଟି ଶ୍ରୋତା ମହଲରେ ଆଦୃତି ଲାଭ କରିବ ବୋଲି ଉପସ୍ଥିତ ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ।

# ବର୍ଷାରେ ଘର ଭାଙ୍ଗିଲା, ମୁଣ୍ଡ ଗୁଞ୍ଜିବା ପାଇଁ ରାହା ନାହିଁ

ଦହିତା, ୨୦।୭ (ସମିସ): ପଦ୍ମପୁର ଅଞ୍ଚଳରେ ହଠାତ ବହୁତ ଜୋରରେ ବର୍ଷା ହେବା ଦ୍ୱାରା ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଛି। କେତେକ ଗାଁରେ ଘର ଭିତରକୁ ବର୍ଷା ପାଣି ପଶି ଯିବାରୁ ଲୋକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବର୍ଷାରେ ମାଟି କାନ୍ଥ ଭୁଶୁଡି ଯାଇଛି। ଖଲିଆପାଲି ଗାଁର ଉଷା ବରିହାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ୭୨ ବର୍ଷର ବିଧବା



ମହିଳାଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଏବେ ଜାଗା ନାହିଁ। ପ୍ରଶାସନ ଅଗ୍ରାଧିକାର ଭିତ୍ତିରେ ଆକଳନ କରି ତାଙ୍କୁ ଘର ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ସଂସ୍କୃତ ଓ ସଂସ୍କୃତି ଆଲୋଚନାଚକ୍ର

ବରଗଡ଼, ୨୦।୭ (ସମିସ): ସଂସ୍କୃତ ସଂସ୍କୃତି ସୁରକ୍ଷା ପରିଷଦ ଓ ଟୁଗେଦର୍ ଫର୍ ପ୍ଲେଜର ଗ୍ରୁପର ମିଳିତ ଆନୁକୂଲ୍ୟରେ ଭଟଲି ଛକ ସ୍ଥିତ ମାହେଶ୍ୱରୀ ନର୍ସିଂ କଲେଜ ପରିସରରେ ସଂସ୍କୃତ ଓ ସଂସ୍କୃତି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ସୁରକ୍ଷା ମଞ୍ଚର ଆବାହକ ପୂର୍ବତନ ସଂସ୍କୃତ ଶିକ୍ଷକ କପିଳ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଗୋବର୍ଦ୍ଧନ ସାହୁ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ମୂଳ ଆଧାର। ତେଣୁ ସଂସ୍କୃତ ଭାଷା ବିନା ସଂସ୍କୃତି ଉର୍ଦ୍ଧ୍ୱେଇ ପାରିବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ।

ଏପରିକି ଆଗାମୀ ଜନଗଣନା ସମୟରେ ପ୍ରତି ଭାରତୀୟ ସଂସ୍କୃତ ଭାଷାକୁ ଜାଣିଥିବା ଭାଷା ଭାବେ ଗଣନାକାରୀଙ୍କୁ ତଥ୍ୟ ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ଗୋପବନ୍ଧୁ



ପୁରୋହିତ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦେବାର୍ଚ୍ଚନ ସା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସାନନ୍ଦ ଭୋଇ, ମୋହିନୀ ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବୈଦିକ ଗ୍ରୁପ୍ ପକ୍ଷରୁ ଉଡ଼ାନ କାର୍ଯ୍ୟକ୍ରମ





ବରଗଡ଼, ୨୦।୭ (ସମିସ)

ଉଡ଼ାନ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ଏକ ସୁନ୍ଦର ପ୍ଲାଟଫର୍ମ ବୋଲି ବରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା ପ୍ରକାଶ କରିଛନ୍ତି। ବରଗଡ଼ର ବୈଦିକ ଗ୍ରୁପ, ସିବିଏସସି ଓ ସିଏଚଏସସି ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ସ୍ୱାଗତ ସମ୍ବର୍ଦ୍ଧନା ଉପଲକ୍ଷେ ଆୟୋଜିତ ଉଡାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ଏସପି ମୀନା ଏକଥା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଭୂତପୂର୍ବ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ଡ.ଏପିଜେ କଲାମଙ୍କ ଜୀବନୀ ସମ୍ବନ୍ଧୀୟ ତଥ୍ୟ ଉପରେ ଆଲୋକପାତ କରି ଉତ୍ସାହିତ କରିଥିଲେ। ବୈଦିକ ଗ୍ରୁପର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଫଳକ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼ ଶାଖାର ଅଧ୍ୟକ୍ଷା ଗାର୍ଗୀ ଚଟର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନିଜ ନିଜର ପ୍ରତିଭାର ପରିପ୍ରକାଶ କରିଥିଲେ। ଉଭୟ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଡ୍ୟାନ୍ସ, ଯୋଗ କଳା, ହିପ ହପ, ର୍ୟାମ୍ପ ୱାକ, ବଲିଉଡ ଡ୍ୟାନ୍ସ, ଲେଜି ଡ୍ୟାନ୍ସ, ସଙ୍ଗୀତ ଓ ଭଜନ ପରିବେଷଣ କରିବା ସହ ଡ୍ରାମା ଜରିଆରେ ନାରୀ ଜାଗରଣର ସନ୍ଦେଶ ପ୍ରଦାନ କରିଥିଲେ। ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ସମ୍ବଲପୁରର ସିବିଏସଇ ଅଧ୍ୟକ୍ଷା ଗୀତା ଧର୍ମରାଜନ, ସିଏଚଏସସି ଅଧ୍ୟକ୍ଷ ସୁକାନ୍ତ ମହାପାତ୍ର, ଏକାଡେମୀକ ଡାଇରେକ୍ଟର ରିଚାର୍ଡ ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ଅଭିଭାବକ ମାନେ ବିଦ୍ୟାଳୟକୁ ସଫଳତାର ଶିଖରରେ ପହଞ୍ଚିବା ପାଇଁ କାମନା କରିଥିଲେ। ଶେଷରେ ବରଗଡ଼ କେମ୍ପସର ଏକାଡେମୀକ ଡାଇରେକ୍ଟର ଡିକେ ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ନବମ କୁଶ ପ୍ରଧାନ ସ୍ମାରକୀ ମେଧାବୃତ୍ତି ପ୍ରଦାନ

ବରଗଡ଼, ୨୦।୭ (ସମିସ): ସଦର ବ୍ଲକ ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ଗଣିତ ଶିକ୍ଷକ ସ୍ୱର୍ଗତ କୁଶ ପ୍ରଧାନଙ୍କ ସ୍ମୃତିରେ ନବମ କୁଶ ପ୍ରଧାନ ମେଧା ବୃତ୍ତି ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂସ୍କୃତ ଶିକ୍ଷକ ନିଗମାନନ୍ଦ ମିଶ୍ର ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ହରିହର ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଚୁଙ୍ଗୀ ଲାଲ ସେଟ୍ ଯୋଗ ଦେଇଥିଲେ। ଗତ ମାଟ୍ରିକ ପରୀକ୍ଷାରେ ଗଣିତରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ମିତା ଦାସ ଓ ସିମ୍ରନ୍ ଛତରଙ୍କୁ 'କୁଶ ପ୍ରଧାନ ସ୍ମାରକୀ ମେଧାବୃତ୍ତି' ପ୍ରଦାନ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ପ୍ରଧାନଙ୍କ ଧର୍ମପତ୍ନୀ ସୁକାନ୍ତି ସାହୁ ଉପସ୍ଥିତ ରହି ମେଧାବୀ ଛାତ୍ରଛାତ୍ରୀ ଦ୍ୱୟଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପଂକ୍ତି ଭୋଜନର ଆୟୋଜନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ଜାଲ ଦିଲ୍ଲୀପ ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଛାତ୍ରୀ ପ୍ରିୟଙ୍କା ସୁନା, ଆରୁଶି ରାଉଳ, ଚେତନା ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ନିଗମାନନ୍ଦ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



## ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଘଟଣା

# ବଲଙ୍ଗା ଥାନା ଘେରିଲା ବିଜେଡି




ବଲଙ୍ଗା, ୨୦।୭ (ସମିସ): ବଲଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଦେହରେ ୩ ଦୁର୍ବୃତ୍ତ ନିଆଁ ଲଗାଇଦେବା ଘଟଣାରେ ଆଜି ବିଜେଡି ବଲଙ୍ଗା ଥାନା ଘେରାଉ କରିଛି। ବିଜେଡିର ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ବିଜେଡି ନେତା ପ୍ରଦୀପ ମାଝୀ, ନିମାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ସୁବ୍ରତ ଛାଟୋଇ, ରୁଦ୍ରପ୍ରସାଦ ମହାରଥୀ, ଟୁକୁନୀ ସାହୁ, ଲେଖାଶ୍ରୀ ସାମନ୍ତରାୟ, ରାଜଶ୍ରୀ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀ ବଲଙ୍ଗା ଥାନାକୁ ଘେରାଉ କରିଥିଲେ। କିଛି ବିଜେଡି ନେତା ଓ କର୍ମୀ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୁଲିସ୍ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ପୁଲିସ୍ ଥାନା ଗେଟ୍‌କୁ ତାଲା ପକାଇ ଦେବାରୁ ନେତା ଓ କର୍ମୀମାନେ ଥାନା ବାହାରେ ଧାରଣା ଦେଇଥିଲେ। ପରେ ବିଜେଡି କର୍ମୀମାନେ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ

- ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଓ କୁଶପୁତ୍ତଳିକା ଦାହ
- ବିଜେଡି କର୍ମୀ ଓ ପୁଲିସ ମୁହାଁମୁହିଁ

ଇସ୍ତଫା ଦାବି କରି ଥାନା ଆଗରେ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ସୂଚନାନୁଯାୟୀ, କର୍ମୀମାନେ ବଲଙ୍ଗା ବଜାରରୁ ଏକ ରାଲିରେ ଥାନା ନିକଟକୁ ଯାଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଘଟଣାକୁ ୨୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ହେଁ ପୁଲିସ୍ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରିବା ତ ଦୂରର କଥା, ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିପାରିନାହିଁ। ପୁଲିସ୍ ଖାଲି ଅନ୍ଧାରରେ ବାଡ଼ି ବୁଲାଉଛି। ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ବିଜେପି ସରକାରର ଅପାରଗତା ଯୋଗୁଁ ଗତ ୧ ବର୍ଷ ମଧ୍ୟରେ ୩ ହଜାରରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହୋଇ ପ୍ରାଣ ହରାଇଲେଣି। ପ୍ରତିଦିନ ନାରୀ ଅତ୍ୟାଚାରର ଶିକାର ହେଉଛି। ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାକୁ ଦିନ କେଇଟା ବିତିନଥିବା ବେଳେ ବଲଙ୍ଗାରେ ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ନ ଧରିଲେ, ଭୁବନେଶ୍ୱରରେ ରାଜରାସ୍ତାକୁ ଅଚଳ କରାଯିବ ବୋଲି ଦଳ ଚେତାବନୀ ଦେଇଛି।

ଅପରପକ୍ଷେ, ଏହି ଘଟଣାରେ ବଲଙ୍ଗା ପୁଲିସ ସନ୍ଦେହରେ ୩ ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି।

### ବଲଙ୍ଗା ଥାନାରେ ପିସିସି ପ୍ରତିନିଧି ଦଳ

ବଲଙ୍ଗା, ୨୦।୭ (ସମିସ): ବଲଙ୍ଗା ନାବାଳିକାକୁ ଜାଳିଦେବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅପରାଧୀଙ୍କ କୌଣସି ସୁରାକ୍ ମିଳି ନଥିବାରୁ କଂଗ୍ରେସ ଉଦ୍‌ବେଗ ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ଆଜି ପ୍ରଦେଶ କଂଗ୍ରେସ କମିଟି (ପିସିସି) ର ଏକ ପ୍ରତିନିଧି ଦଳ ବଲଙ୍ଗା ଥାନା ପରିଦର୍ଶନ କରି ତଦନ୍ତର ଅଗ୍ରଗତି ସଂପର୍କରେ ପଚାରି ବୁଝିଛନ୍ତି। ଏହାସହ ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ସଂଖ୍ୟାଲଘୁ ରାଜ୍ୟ ସାଧାରଣ ସମ୍ପାଦକ ସେକ୍ ମେହେବୁବା, ପିପିଲି ବ୍ଲକ୍ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ସାମିଲ ଥିଲେ। ଅପରପକ୍ଷେ, ଖୁବ୍‌ଶୀଘ୍ର ପିସିସି ସଭାପତି ବଲଙ୍ଗା ଆସିବେ ବୋଲି ଶ୍ରୀ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

- ବିଜେଡି ପ୍ରତିନିଧିଙ୍କୁ ଫେରାଦ ହେଲେ ମହିଳା

### 'ମୋ ଝିଅ ୪୫ ଦିନ ହେଲା ନିଖୋଜ ଅଛି'

ପୁରୀ, ୨୦।୭ (ସମିସ): ବଲଙ୍ଗାରେ ପୁଣି ଜଣେ ମହିଳା ନ୍ୟାୟ ପାଇଁ ଗୁହାରି ହୋଇଛନ୍ତି। ରବିବାର ବିଜେଡି ପ୍ରତିନିଧି ଦଳ ପୀଡ଼ିତା ନାବାଳିକାଙ୍କୁ ଜାଳିଦେବାକୁ ଉଦ୍ୟମ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବଲଙ୍ଗା ଥାନା ଆଗରେ ବିକ୍ଷୋଭ କରିଥିଲେ। ଏହି ସମୟରେ ସମ୍ପୃକ୍ତ ମହିଳା ବିଜେଡି ମହିଳା ପ୍ରତିନିଧିଙ୍କୁ ତାଙ୍କ ଝିଅକୁ ଫେରାଇ ଆଣିବା ଲାଗି ବ୍ୟବସ୍ଥା କରିବା ପାଇଁ ଗୁହାରି କରିଥିଲେ। ୪୫ଦିନ ହେଲାଣି ତାଙ୍କର ୧୭ବର୍ଷୀୟା ଝିଅ କେଉଁଆଡ଼େ ନିଖୋଜ ହୋଇଯାଇଛି। ଏନେଇ ବଲଙ୍ଗା ଥାନାରେ ସେମାନେ ଲିଖିତ ଭାବେ ଜଣାଇଥିଲେ। ପୁଲିସ ଆଶ୍ୱାସନା ଦେଉଥିଲେ ହେଁ ଏ ପର୍ଯ୍ୟନ୍ତ ତାଙ୍କ ଝିଅ ଫେରିନାହିଁ। ପୁଲିସ ତାଙ୍କ କଥା ଶୁଣୁନଥିବା ମହିଳା ଅଭିଯୋଗ କରିଛନ୍ତି।

## ସ୍ଥିତି ସମୀକ୍ଷା କଲେ ପୁଲିସ୍ ଡିଜି

### ପୀଡ଼ିତାଙ୍କ ଘର ଓ ଘଟଣାସ୍ଥଳ ପରିଦର୍ଶନ କଲେ



- ଦୁଃଖୀଶ୍ୟାମଙ୍କ ସମେତ ଅନ୍ୟମାନଙ୍କୁ ପଚାରି ବୁଝିଲେ
- ବଲଙ୍ଗା ଥାନାରେ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ରୁଦ୍ଧଦ୍ୱାର ବୈଠକ

ବଲଙ୍ଗା/ପୁରୀ, ୨୦।୭(ସମିସ): ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଆଜି ବଲଙ୍ଗା ଗସ୍ତ କରି ପୀଡ଼ିତାଙ୍କ ଘର ଓ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେଦିନ ପୀଡ଼ିତା କେଉଁ ରାସ୍ତା ଦେଇ ଯାଇଥିଲା, କେଉଁଠାରେ ଏହି ଅଘଟଣ ଘଟିଥିଲା ଏବଂ ନିଆଁ ଲାଗିବା ପରେ ସେ କେଉଁ ରାସ୍ତା ଦେଇ ଯାଇଥିଲା, ତାହାର ଛାନ୍‌ଭିନ୍ କରିଛନ୍ତି।

ନାବାଳିକାକୁ ପ୍ରଥମେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରିଥିବା ଦୁଃଖୀଶ୍ୟାମ ସେନାପତିଙ୍କ ଘରକୁ ମଧ୍ୟ ଡିଜି ଯାଇ ତାଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ପରେ ଡିଜି ପୀଡ଼ିତାଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ପଡ଼ୋଶୀଙ୍କୁ ମଧ୍ୟ ପଚରାଉଚରା କରିଥିଲେ। କେବଳ ସେତିକି ନୁହେଁ, ବରଂ ତଦନ୍ତ ପ୍ରକ୍ରିୟା କେତେ ବାଟ ଯାଇଛି ଓ ଆଉ କ'ଣ କରାଯିବ ଏବଂ ଅଭିଯୁକ୍ତଙ୍କୁ କିପରି ଧରାଯିବ; ସେ ନେଇ ବଲଙ୍ଗା ଥାନାରେ ପ୍ରାୟ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ରୁଦ୍ଧଦ୍ୱାର ବୈଠକ କରିଥିଲେ।

ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ପୁଲିସ ଡିଜି ଶ୍ରୀ ଖୁରାନିଆ କହିଥିଲେ, ରବିବାର ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଟିମ୍ ଏବଂ ଏମ୍ସର ଫରେନ୍‌ସିକ୍ ମେଡିସିନ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେମାନେ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିଛନ୍ତି। ପୁଲିସ ପାଖରେ କିଛି ତଥ୍ୟ ପହଞ୍ଚିଛି। ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ତଦନ୍ତ ଏକ ସମ୍ବେଦନଶୀଳସ୍ତରରେ ପହଞ୍ଚିଛି। ତେଣୁ ଅଧିକ କିଛି କହିବା ଏବେ ଠିକ୍ ନୁହେଁ। ଯଦି କିଛି ସର୍ବସାଧାରଣରେ କହିବାର ଥିବ, ନିଶ୍ଚିତ ପୁଲିସ ଜଣାଇବ ବୋଲି କହିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ଡିଜିପିଙ୍କ ସହ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ପୁରୀ ଏସ୍‌ପି ପିନାକ ମିଶ୍ର, ଅତିକ୍ତ ଏସ୍‌ପି, ପିପିଲି ଡିଏସ୍‌ପି ଓ ପୁରୀ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ରହିଥିଲେ।

## ଆଜିଠୁ ସଂସଦର ମୌସୁମୀ ଅଧିବେଶନ

# ଏକାଧିକ ରାଜ୍ୟସ୍ୱାର୍ଥ ପ୍ରସଙ୍ଗ ଉତ୍ଥାପନ କରିବ ବିଜେଡି

ଭୁବନେଶ୍ୱର,୨୦।୭ (ସମିସ): ଆସନ୍ତାକାଲିଠାରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଅଧିବେଶନରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ଭାବେ ଉତ୍ଥାପନ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ବିଶେଷକରି ରାଜ୍ୟରେ ବର୍ତ୍ତମାନ ନାରୀ ଏବଂ ଶିଶୁ ଉତ୍ପୀଡ଼ନ, ନିର୍ଯାତନା ପ୍ରମୁଖ ପ୍ରସଙ୍ଗ ପାଲଟିଥିବା ବେଳେ ଏହାକୁ ବିଜେଡି ମୁଖ୍ୟ ପ୍ରସଙ୍ଗ କରିବ। ଡବଲ ଇଞ୍ଜିନ ସରକାରରେ ରାଜ୍ୟରେ ଦୁଷ୍କର୍ମ ମାମାଲରେ ବୃଦ୍ଧି ରାଜ୍ୟ ପାଇଁ ଲଜ୍ଜା ଆଣୁଥିବା ବେଳେ ଏନେଇ ଦଳ ନିଜ ସ୍ୱରକୁ ଶାଣିତ କରିବ। ଏହାବ୍ୟତୀତ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ମହାନଦୀ ଓ ପୋଲାଭରମ୍ ବିବାଦ, ଉପକୂଳ ରାଜପଥ, କୋଇଲା ରାଜଭାଗ ବୃଦ୍ଧି ଦାବି, ରେଳ, ମୋବାଇଲ ଏବଂ ବ୍ୟାଙ୍କିଙ୍ଗ ସୁବିଧା ବୃଦ୍ଧି ସହ ଚାଷୀଙ୍କୁ ମିଳୁଥିବା ଏମ୍‌ଏସ୍‌ପିକୁ ଦୁଇଗୁଣା କରିବାକୁ ଦଳ ଦାବି କରିବ ବୋଲି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ସୂଚନା ଦେଇଛନ୍ତି।

ଡ. ପାତ୍ର କହିଛନ୍ତି ଯେ ଆସନ୍ତା ମୌସୁମୀ ଅଧିବେଶନରେ ରାଜ୍ୟରେ ବିଗୁଡ଼ୁଥିବା

- ରାଜ୍ୟରେ ମହିଳା ଓ ଶିଶୁଙ୍କ ଉତ୍ପୀଡ଼ନକୁ ପ୍ରମୁଖ ପ୍ରସଙ୍ଗ କରିବ ଦଳ
- କୋଇଲା ରାଜଭାଗ ବୃଦ୍ଧି, ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ଦାବି ଦୋହରାଇବ
- ଉପକୂଳ ରାଜପଥ ସମ୍ପର୍କରେ ସ୍ୱର ଶାଣିତ କରିବେ ଦଳୀୟ ସାଂସଦ

ଆଇନଶୃଙ୍ଖଳା ସ୍ଥିତି ପ୍ରମୁଖ ପ୍ରସଙ୍ଗ ପାଲଟିବ। ବିଜେପି ସରକାରରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ି ପଡ଼ିଥିବା ବେଳେ ମହିଳା ଓ ଶିଶୁଙ୍କ ବିରୋଧରେ ଜଘନ୍ୟ ଅପରାଧର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ନିକଟରେ ବାଲେଶ୍ୱରରେ ଜଣେ ଛାତ୍ରୀ ପ୍ରଶାସନ, ସରକାରଙ୍କ ପାଖରୁ ନ୍ୟାୟ ନ ପାଇ ନିଜକୁ ଜାଳିଦେବା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରୀଜଣକ ଏବିଭିପିର ସକ୍ରିୟ ସଦସ୍ୟ ହୋଇଥିଲେ ହେଁ ତାଙ୍କୁ କୌଣସି ନ୍ୟାୟ ମିଳିଲା ନାହିଁ। କେବଳ ଏତିକି ନୁହେଁ; ଶୁକ୍ରବାର ପୁରୀ ଜିଲ୍ଲା ବଲଙ୍ଗା ଅଞ୍ଚଳରେ ଜଣେ ୧୫ ବର୍ଷୀୟ ନାବାଳିକାକୁ ମଧ୍ୟ କେତେକ ଦୁର୍ବୃତ୍ତ କିରୋସିନ ଢାଳି ଜାଳି ଦେବାକୁ ଉଦ୍ୟମ କରିଛନ୍ତି। ୨୦ ଦିନ ପୂର୍ବେ ଗୋପାଳପୁର ବେଳାଭୂମିରେ ମଧ୍ୟ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏସବୁ ଘଟଣା ରାଜ୍ୟର ଗୁରୁତର ଆଇନଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି। ଏସବୁ ପ୍ରସଙ୍ଗକୁ ଦଳ ସଂସଦରେ ଦୃଢ଼ ସ୍ୱରରେ ଉତ୍ଥାପନ କରିବ ବୋଲି ଡ. ପାତ୍ର କହିଛନ୍ତି।

ଏହାବ୍ୟତୀତ ଓଡ଼ିଶା ଦୀର୍ଘ ବର୍ଷ ଧରି କୋଇଲା ରାଜଭାଗ ବୃଦ୍ଧି ଦାବି କରି ଆସୁଛି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ନ୍ୟାଯ୍ୟ ଦାବି ପ୍ରତି ଆଖି ବୁଜି ଦେଇଛନ୍ତି। ସେହିପରି ମହାନଦୀ, ପୋଲାଭରମ୍ ଘଟଣାରେ ଓଡ଼ିଶାର ସ୍ୱାର୍ଥ ଗୁରୁତର ଭାବେ ପ୍ରଭାବିତ ହେବାକୁ ଥିବାବେଳେ ଏନେଇ ବିଜେଡି ଲଗାତାର ଭାବେ ନିଜ ସ୍ୱର ଉତ୍ତୋଳନ କରି ଆସିଛି। ମୌସୁମୀ ଅଧିବେଶନରେ ଦଳର ସାଂସଦ ଏସବୁ ପ୍ରସଙ୍ଗକୁ ନେଇ ଗୃହରେ ନିଜର ପକ୍ଷ ଦୃଢ଼ ଭାବରେ ଉପସ୍ଥାପନ କରିବେ। ସେହିପରି ରାଜ୍ୟରେ ରେଳସେବାଠାରୁ ଆରମ୍ଭ କରି ମୋବାଇଲ ନେଟ୍‌ୱାର୍କ, ବ୍ୟାଙ୍କିଙ୍ଗ ସେବା ପରିସର ବୃଦ୍ଧି ଦାବି ନେଇ ଦଳ ସ୍ୱର ଶାଣିତ କରିବ ବୋଲି ଡ. ପାତ୍ର ସୂଚନା ଦେଇଛନ୍ତି।

## ଯୁବୋଦୟ ଆଚିଭର୍ସ ମିଟ୍‌ରେ ପ୍ରତିଭା ସମ୍ମାନ

### ସମର୍ପଣ ଭାବ ନେଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହୁଅନ୍ତୁ ଯୁବ ପ୍ରତିଭା



ବଲାଙ୍ଗିର,୨୦।୭(ସମିସ): ଆଜି ସମୟ ଆସିଛି ନିଜର ମେଧା, ପ୍ରତିଭା ଓ ଉଦ୍‌ଯୋଗକୁ ଦେଶଗଠନ ଓ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରି ଏକ ଜାତୀୟ କର୍ତ୍ତବ୍ୟର ସମ୍ପାଦନ କରିବା। ପ୍ରତିଭାଦୀପ୍ତ ତରୁଣ ଓ ଯୁବବର୍ଗଙ୍କ ସମର୍ପଣ ଭାରତକୁ ବିଶ୍ୱର ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ ବୋଲି ଯୁବୋଦୟ ପକ୍ଷରୁ ଅୟୋଜିତ ଆଚିଭର୍ସ ମିଟ୍ ସମାବେଶରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ରାଜ୍ୟର ପ୍ରତିଭା ସୃଷ୍ଟିକାରୀ ବିଶ୍ୱସନୀୟ ଶିକ୍ଷାନୁଷ୍ଠାନ ଯୁବୋଦୟ ଆନୁକୂଲ୍ୟରେ ନିଟ୍ ଓ ଜେଇଇ - ୨୦୨୫ର ସଫଳ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଯୁବୋଦୟରେ ପ୍ରଶିକ୍ଷଣ ନେଇ ଆଶାତୀତ ସଫଳତା ହାସଲ କରିଥିବା କୃତୀ ଶିକ୍ଷାର୍ଥୀମାନଙ୍କୁ ଚଳିତବର୍ଷ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ନିଟ୍ ଓ ଜେଇଇ -୨୦୨୫ ରେ କୃତୀତ୍ୱ ପାଇଁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଯୁବୋଦୟର ଅଧ୍ୟକ୍ଷ ତଥା ସମାଜସେବୀ ଓ ସାରସ୍ୱତ ସାଧକ ଅଭିରାମ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ମାନବାଧିକାର ଆୟୋଗର ସଭ୍ୟ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଆର୍ନ୍ତଜାତୀୟ ସ୍ନାୟୁ ଶୈଲ୍ୟ ବିଶେଷଜ୍ଞ ପ୍ରଫେସର ଡ. ଅଶୋକ ମହାପାତ୍ର, ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡ. ଶିଶୁଶଙ୍କର ମିଶ୍ର, ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୁବୋଦୟ ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିକ୍ଷା ଉଦ୍ୟୋଗୀ ଅମ୍ବରିଶ ଦାଶ ସ୍ୱାଗତଭାଷଣ ଦେଇ ଯୁବୋଦୟର କାର୍ଯ୍ୟଧାରା ଓ ନିଷ୍ଠାପର ଶିକ୍ଷା ସେବା ସମ୍ବନ୍ଧରେ ସୂଚନା ଦେଇଥିଲେ। ଚଳିତବର୍ଷ ନିଟ୍ ଓ ଜେଇଇ ପ୍ରବେଶିକା ପରୀକ୍ଷାରେ ଆଶାତୀତ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକଙ୍କ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ବିଗତ ବର୍ଷରେ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତୀତ୍ୱ ଅର୍ଜନ କରି ସଂପ୍ରତି ଦେଶର ବିଭିନ୍ନ ମେଡିକାଲ କଲେଜରେ ଅଧ୍ୟୟନ କରୁଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡାକ୍ତରୀ ଶିକ୍ଷା, ଇଞ୍ଜିନିୟରିଂ ଅଧ୍ୟୟନ ଓ ବୈଷୟିକ ଶିକ୍ଷା ପାଇଁ ଯୁବୋଦୟ ଏକ ପ୍ରୟୋଗଶାଳା ବୋଲି ଅଭିହିତ କରି ଅତିଥିମାନେ ନିର୍ଦ୍ଦେଶକ ଶ୍ରୀ ଦାସଙ୍କୁ ପ୍ରଶଂସା କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଅତିଥି ଓ ବିଭିନ୍ନ ବର୍ଗର ବ୍ୟକ୍ତିମାନେ ଯୋଗଦେଇ ଯୁବୋଦୟର ପୁରାତନ ଛାତ୍ରଛାତ୍ରୀ ଆଚିଭର୍ସ ମାନଙ୍କ ସହ ଭାବ ବିନିମୟ କରିଥିଲେ।

# ଟାଟା ପାୱାର ପାଇଁ ବଢ଼ିଲା ଅଡୁଆ

### ସେବାର ମାନ ନେଇ ସାଧାରଣ ଲୋକଙ୍କଠାରୁ ମତାମତ ଲୋଡ଼ିଲେ କମିଶନ

ଭୁବନେଶ୍ୱର,୨୦।୭ (ସମିସ): ରାଜ୍ୟରେ ବିଜୁଳି ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାରର ୪ଟି ବିତରକ କମ୍ପାନୀର ଅଡୁଆ ଆଗାମୀ ଦିନରେ ବଢ଼ିପାରେ। ଗତ ୧୫ ତାରିଖରେ ଓଇଆରସି(ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ)ରେ ବିତରକ କମ୍ପାନୀର ସେବାର ମାନକୁ ନେଇ ହୋଇଥିବା ଏକ ଶୁଣାଣିରେ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ରାୟ ଶୁଣାଇଛନ୍ତି କମିଶନ। ରାଜ୍ୟବ୍ୟାପୀ ଟାଟା ପାୱାରର ୪ ବିତରକ କମ୍ପାନୀ କିପରି ସେବା ପ୍ରଦାନ କରୁଛନ୍ତି ଏବଂ ଏହାର ମାନ କିପରି ରହିଛି ସେନେଇ କମିଶନ ସାଧାରଣ ଲୋକ, ସଂସ୍ଥା ଏବଂ ଅଂଶୀଦାରଙ୍କ ନିକଟରୁ ମତାମତ ଆହ୍ୱାନ କରିଛନ୍ତି। ଏନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ନୋଟିସ୍ ମଧ୍ୟ ଜାରି କରାଯାଇଛି। ଆସନ୍ତା ଅଗଷ୍ଟ ୧୬ ତାରିଖ ମଧ୍ୟରେ ଇଚ୍ଛୁକ ଲୋକ ନିଜର ମତାମତ ଦାଖଲ କରିପାରିବେ ବୋଲି କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ରାଜ୍ୟବ୍ୟାପୀ ଟାଟା ପାୱାରର ବିଦ୍ୟୁତ୍ ବିତରଣ ସେବାକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ କମିଶନଙ୍କ ଉପରୋକ୍ତ ରାୟ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋ-ଭୋଲଟେଜ ସମସ୍ୟା, ବିଦ୍ୟୁତ୍ କାଟ୍, ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପରି ଅଭିଯୋଗ ନିୟମିତ ଭାବେ କମିଶନଙ୍କ ହସ୍ତଗତ ହୋଇଥିଲା। ଏହାକୁ ଗୁରୁତର ଭାବେ ନେଇ ଓଇଆରସି ନିଜ ଆଡୁ ଏକ ମାମଲା ରୁଜୁ କରିଥିଲା। ଇଲେକ୍ଟ୍ରିସିଟି ଆକ୍ଟ, ୨୦୦୩ ସହ ଅନ୍ୟ କେତେକ ଆଇନର ଉଲ୍ଲଙ୍ଘନ ଆଧାରରେ ଏହି ମାମଲା ରୁଜୁ ହୋଇଥିବା ବେଳେ ଗତ ୧୫ ତାରିଖରେ ଏହାର ଶୁଣାଣି ମଧ୍ୟ ହୋଇଥିଲା। ଶୁଣାଣିରେ ମୋଟ ୮ଟି ଅଭିଯୋଗ ହୋଇଥିବା ବେଳେ ଟାଟା ପାୱାରର ୪ଟି ବିତରକ କମ୍ପାନୀ ଯଥା ଟିପିସିଓଡିଏଲ, ଟିପିଏନଓଡିଏଲ, ଟିପିଏସଓଡିଏଲ ଏବଂ ଟିପିଡବ୍ଲ୍ୟୁଡିଏଲ ନିଜ ନିଜର ଉତ୍ତର ରଖିଥିଲେ। ଶୁଣାଣି ପରେ ନିଜ ମଧ୍ୟବର୍ତ୍ତୀକାଳୀନ ରାୟରେ ସାଧାରଣ ଲୋକଙ୍କଠାରୁ ମତାମତ ଲୋଡ଼ିଛନ୍ତି ଆୟୋଗ। ଅଭିଯୋଗକାରୀ ନିଜ ଅଭିଯୋଗ ସହ ନିଜର ହ୍ୱାଟ୍ସଆପ୍ ନମ୍ବର, ଇମେଲ ଠିକଣା ପ୍ରଦାନ କରିବାକୁ ଏଥିରେ କୁହାଯାଇଛି। ଆସନ୍ତା ଅଗଷ୍ଟ ୨୯ ତାରିଖରେ ଓଇଆରସି କାର୍ଯ୍ୟାଳୟରେ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ସମସ୍ତ ଅଭିଯୋଗକାରୀଙ୍କୁ ଭିସି ଯୋଗେଁ ଯୋଡ଼ିହେବା ପାଇଁ ଲିଙ୍କ୍ ପଠାଯିବ।

ସୂଚନାଯୋଗ୍ୟ ଯେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ୪ଟି ବିତରକ କମ୍ପାନୀର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଶେଷକରି ଲୋ-ଭୋଲ୍‌ଟେଜ୍, ଅଘୋଷିତ ବିଦ୍ୟୁତ୍ କାଟ୍, ସ୍ମାର୍ଟ ମିଟର ଏବଂ ଅତିରିକ୍ତ ଶୁଳ୍କ ଆଦାୟକୁ ନେଇ ଗ୍ରାହକମାନେ ଅଭିଯୋଗ କରି ଆସୁଛନ୍ତି। ବିଶେଷକରି କମ୍ପାନୀ ଇଲେକ୍ଟ୍ରିସିଟି ଆକ୍ଟ- ୨୦୦୩ର ଧାରା ୪୩ର ଉଲ୍ଲଂଘନ କରୁଥିବା ଓଇଆର୍‌ସି ନଜରକୁ ଆସିଛି। ଏନେଇ ମାଳମାଳ ଅଭିଯୋଗ ହସ୍ତଗତ ହେବା ପରେ କମିଶନ ଏହାକୁ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। କେବଳ କାର୍ଯ୍ୟଦକ୍ଷତା ନୁହେଁ; ନିକଟରେ ବିଦ୍ୟୁତ୍ ବିତରକ ଟ୍ରାନ୍ସଫର୍ମର ଏବଂ ଫିଡର୍ ଲାଇନ୍‌ଗୁଡ଼ିକର ମିଟରିଂକୁ ପ୍ରାଥମିକତା ଦେବାକୁ ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଏକ୍ଷେତ୍ରରେ ଟାଟା ପାୱାରର ପ୍ରଦର୍ଶନକୁ ନେଇ କମିଶନ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି।

## ଦୁଷ୍କର୍ମ ଉଦ୍ୟମ: ଅତିରିକ୍ତ ଅଗ୍ନିଶମ ଅଧିକାରୀ ଗିରଫ

ରାୟଗଡ଼ା,୨୦।୭ (ସମିସ): ଏକ ଦୁଷ୍କର୍ମ ମାମଲାରେ ରାୟଗଡ଼ା ଦମକଳ କେନ୍ଦ୍ରର ଅତିରିକ୍ତ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କୁ ରାୟଗଡ଼ା ପୁଲିସ୍ ଗିରଫ କରିଛି। ଜଣେ ମହିଳାଙ୍କ ଅଭିଯୋଗକୁ ଆଧାର କରି



ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୋଗ ଅନୁଯାୟୀ, ଦୁଇ ବର୍ଷ ହେଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ଶ୍ରୀ ବେହେରା ଜଣେ ବିବାହିତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ପରେ ତାଙ୍କୁ ନିର୍ଯାତନା ଦେଇଥିଲେ। ମହିଳାଜଣଙ୍କ ଦୁଇଟି ସନ୍ତାନର ମାଆ। ତେବେ ପୂର୍ବରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଏନେଇ ମହିଳା ଜଣକ ରବିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଡାକ୍ତରୀମାଇନା କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି।

# ପ୍ରଦୂଷଣର ପେଣ୍ଠ: ସାହାଜବାହାଲ ଜେଏସ୍‌ଡବ୍ଲ୍ୟୁ କାରଖାନା

ଇବ୍‌ଥର୍ମାଲ,୨୦।୭ (ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ସାହାଜବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଘରୋଇ ପାୱାରପ୍ଲାଣ୍ଟ ଏବେ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। ଏଠାରେ ଇଣ୍ଡ ବରାଥ୍ ଉତ୍କଳ ଏନର୍ଜି ସହିତ ଏଏମ୍‌ୟୁ ସ୍ୱାକ୍ଷରିତ ହୋଇ ଇଣ୍ଡ ବରାଥ୍‌କୁ ଶାଗମାଛ ଦରରେ ଜମି ପ୍ରଦାନ କରାଗଲା। କମ୍ପାନୀ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଣି ଫୋଟକା ହେଇଥିଲା। ପରେ ଇଣ୍ଡ ବରାଥ୍ ଉତ୍କଳ ଏନର୍ଜି ଦେବାଳିଆ ଘୋଷିତ ହେବାପରେ ଜେଏସ୍‌ଡବ୍ଲ୍ୟୁ ଅଧିଗ୍ରହଣ କରିଥିଲା। କିନ୍ତୁ ଏହାପରେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବା ପରିବର୍ତ୍ତେ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଲା। ଏବେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ଓ ବିକାଶ ଘର ଶୂନ ହୋଇଛି। ପ୍ଲାଣ୍ଟ ଚାଲିବା ଦିନଠାରୁ ଜେଏସ୍‌ଡବ୍ଲ୍ୟୁ ଅଞ୍ଚଳବାସୀଙ୍କୁ କେବଳ ପ୍ରଦୂଷଣ ଛଡ଼ା ଆଉ କିଛି ଦେଇନାହିଁ।

ପ୍ଲାଣ୍ଟ ଚିମିନିରୁ ପାଉଁଶ ବର୍ଷା ହେବା, ବେଆଇନ ଭାବେ ପାଉଁଶ ପରିବହନ କରିବା, ସମସ୍ୟା ନେଇ ଅଭିଯୋଗ କଲେ ପୁଲିସ ସହାୟତାରେ ଲୋକଙ୍କୁ ନାଲିଆଖି ଦେଖାଇବା, ରାସ୍ତାଘାଟରେ


### ପାଉଁଶର ବିଷ ବଳୟ ଲୋକଙ୍କ ପାଇଁ କାଳ

### ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ଚେତାବନୀ

ପାଉଁଶ ଗଦେଇବା ଆଦି ଜେଏସ୍‌ଡବ୍ଲ୍ୟୁର ନିତିଦିନିଆଁ କାମ ହୋଇଛି। ଯୁଏସ୍‌ପି ନ ଥାଇ ପ୍ଲାଣ୍ଟ ବେଆଇନ ଭାବେ ଚିମିନି ଚଳାଉଛି। ସେହିପରି ପ୍ରଦୂଷଣ ନିୟନ୍ତ୍ରଣର ବୋର୍ଡ ନିୟମ ଅନୁସାରେ ପାଉଁଶର ସୁପରିଚାଳନା ସକାଶେ ନିଜସ୍ୱ ଆସ୍‌ପଣ୍ଡ ବା ପାଉଁଶ ପୋଖରୀ ମଧ୍ୟ କରିନାହିଁ ବରଂ ଭାରିଯାନ ଯୋଗେ ଅହରହ ବେଆଇନ ଆସ୍ ପରିବହନ କରୁଛି। ଏହାଦ୍ୱାରା ରାସ୍ତାରେ ପାଉଁଶ ପଡି ପ୍ରଦୂଷଣ ବଢ଼ିବଢ଼ି ଚାଲିଛି। ଏହି ପାଉଁଶ ପ୍ରଦୂଷଣ ଯୋଗୁ ତିଲିଆ, ରମ୍ଭେଲା, କୁମ୍ଭାରବନ୍ଧ ଓ ପିପିଲିକାନି ପଞ୍ଚାୟତ ଲୋକେ ବିଶେଷ ଭାବେ ପ୍ରଭାବିତ ହେବାସହ ଚର୍ମରୋଗ, କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ଲାଣ୍ଟର ପ୍ରଦୂଷିତ ଜଳକୁ ରିସାଇକ୍ଲିଂ ନ କରି ସିଧାସଳଖ ଛାଡିଦେବା ଫଳରେ ତାହା ଯାଇ ହୀରାକୁଦ ନଦୀବନ୍ଧରେ ମିଶୁଛି। ପୁଣି ରାସ୍ତାଘାଟରେ ଗଦା ହୋଇଥିବା ପାଉଁଶ ବର୍ଷାଜଳରେ ଭାସି ଚାଷ ଜମି ନଷ୍ଟ କରିବା ସହ ଇବ ନଦୀରେ ସିଧାସଳଖ ମିଶୁଛି। ଏହିପରି ପ୍ଲାଣ୍ଟ ଦ୍ୱାରା ବାୟୁ, ଜଳ, ଜମି ଜଙ୍ଗଲ ବିଷ ବଳୟରେ ପରିଣତ



ହୋଇଛି। ମଣିଷ ସହିତ ଜଳଚର ଓ ସ୍ଥଳଚର ଅନ୍ୟ ଜୀବ ମଧ୍ୟ ଏହାର କୁପରିଣାମ ଭୋଗୁଛନ୍ତି। ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ତଥା ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କଠାରୁ ଝାରସୁଗୁଡା ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଜେଏସ୍‌ଡବ୍ଲ୍ୟୁ ସାହାଜବାହାଲର ମେରିରାୟ ପଲିସି ଯୋଗୁ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ଘରକୁ ଅତିଥି ଆସିବେ । ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ । ଆର୍ଥିକ ସମସ୍ୟା ଦେଖା ଦେବ ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ । ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ଗୁରୁଜନଙ୍କ ଆଶୀର୍ବାଦ ନେବେ । ଆର୍ଥିକ କାରବାରରେ ଲାଭ ମିଳିବ । ଦୀର୍ଘଦିନର ସମସ୍ୟା ସମାଧାନ ହେବ ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ । ପରିଶ୍ରମ ଅନୁସାରେ ଫଳ ମିଳିବ । ବାଦବିବାଦରୁ ଦୂରେଇ ରହିବେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ । ଜୀବନସାଥୀଙ୍କୁ ସମୟ ଦେବେ ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ । ଇଷ୍ଟ ଦେବଙ୍କୁ ସ୍ମରଣ କରିବେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ରୋଗମୁକ୍ତ ହେବେ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ବ୍ୟବସାୟରେ ଲାଭ ହେବ । ପାରିବାରିକ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଯାତ୍ରା ଲାଭଦାୟକ ହେବ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।

## ଆଜିର ଇତିହାସ

- ୧୮୮୪- ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଇଂଲଣ୍ଡର ଲର୍ଡସ୍ ମୈଦାନରେ ଖେଳାଗଲା ।
- ୧୯୩୦- ବଲିଉଡ୍‌ର ଜଣାଶୁଣା ଗୀତିକାର ଆନନ୍ଦ ବକ୍ସିଙ୍କ ଜନ୍ମ ।
- ୧୯୪୭- ଇଣ୍ଡୋନେସିଆରେ ପ୍ରଥମ ନିର୍ବାଚନ ଆରମ୍ଭ ହେଲା ।
- ୧୯୬୩- କାଶୀ ବିଦ୍ୟାପୀଠକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଗଲା ।
- ୧୯୮୮- ଭାରତୀୟ ଉପଗ୍ରହ ଇନ୍‌ସ୍ୟାଟ୍-୧ସିକୁ ପ୍ରକ୍ଷେପଣ କରାଗଲା ।
- ୨୦୦୭- ପ୍ରତିଭା ପାଟିଲ୍ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ ।

## ଡିଗ୍ରୀ ପିଏଚ୍‌ଡି କାମ ଫୁଡ୍ ଡେଲିଭରି

ଚୀନ୍‌ର ୩୯ ବର୍ଷୀୟ ଡିଙ୍ଗ ୟୁଆନଝାଓ ସାମାଜିକ ଗଣମାଧ୍ୟମରେ ଏବେ ଚର୍ଚ୍ଚା ସାଉଁଟୁଛନ୍ତି । ତାଙ୍କୁ ଏବେ ସବୁଠୁ ଶିକ୍ଷିତ ଡେଲିଭରି ବଏ ବୋଲି କୁହାଯାଉଛି । ସେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ପାଠପଢ଼ିବା ସତ୍ତ୍ୱେ ତାଙ୍କୁ ଭଲ ଚାକିରିଟିଏ ମିଳିଲା ନାହିଁ । ଫଳରେ ସେ ଏବେ ଫୁଡ୍ ଡେଲିଭରି ବଏର କାମ କରୁଛନ୍ତି । ସିଙ୍ଘୁଆ ବିଶ୍ୱବିଦ୍ୟାଳୟରୁ ସେ ରସାୟନ ବିଜ୍ଞାନରେ ସ୍ନାତକ କରିଛନ୍ତି । ପେକିଙ୍ଗ ବିଶ୍ୱବିଦ୍ୟାଳୟରୁ ଏନର୍ଜି ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି । କେବଳ ସେତିକି ନୁହେଁ, ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲଜିକାଲ ୟୁନିଭର୍ସିଟିରୁ ଜୀବବିଜ୍ଞାନରେ ପିଏଚ୍‌ଡି କରିଥିବା ବେଳେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ସେ



ଜୈବ ବିବିଧତାରେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି । ଡିଙ୍ଗଙ୍କର ଏତେଗୁଡ଼ିଏ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ତାଙ୍କୁ ମନପସନ୍ଦର ଚାକିରିଟିଏ ମିଳିପାରିଲା ନାହିଁ । ସେ ଅନେକ କମ୍ପାନିକୁ ବାୟୋଡାଟା ପଠାଇ ଥିବା ବେଳେ ୧୦ରୁ ଅଧିକ ସାକ୍ଷାତକାର ମଧ୍ୟ ଦେଇଥିଲେ । ଏହାପରେ ବି ଚାକିରିରେ ତାଙ୍କୁ ସଫଳତା ମିଳିପାରିନି । ତେବେ ଡିଙ୍ଗ ସିଙ୍ଗାପୁରର ନ୍ୟାସନାଲ ୟୁନିଭର୍ସିଟିରେ କିଛି ଦିନ ପୋଷ୍ଟ ଡକ୍ଟରାଲ ଗବେଷକ ଭାବେ ମଧ୍ୟ କାମ କରିଥିଲେ । ଚୁକ୍ତିଭିତ୍ତିକ ଭାବେ ଏଥିରେ କାମ କରିବା ପରେ ଏହାର ସମୟ ଶେଷ ହୋଇଥିଲା । ସେଇଠୁ ଡିଙ୍ଗଙ୍କୁ ଶେଷରେ ଫୁଡ୍ ଡେଲିଭରିରେ କାମ କରିବାକୁ ହେଲା । ଡିଙ୍ଗ ବିଶ୍ୱାସ କରନ୍ତି ଯେ, ଚାକିରି କାହାର କେବେ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ହୋଇ ନଥାଏ । ସେହିପରି ସେ ଫୁଡ୍ ଡେଲିଭରିକୁ ଏକ ସ୍ଥିର ଚାକିରି ବୋଲି କହିଛନ୍ତି । ଏଥିରେ ସେ ତାଙ୍କ ପରିବାର ଚଳାଇ ପାରୁଥିବା କହିଛନ୍ତି । ତାଙ୍କ ମତରେ ଏଥିରେ ପରିଶ୍ରମ କଲେ ଭଲ ରୋଜଗାର କରିବା ସମ୍ଭବ । ତା'ସହ ଏହାଦ୍ୱାରା ତାଙ୍କର ଏକପ୍ରକାର ବ୍ୟାୟାମ ବି ହୋଇଯାଉଛି । ସେ ମେଳାପି ସ୍ୱଭାବର ହୋଇ ନ ଥିବାରୁ ଟ୍ୟୁସନ୍ ମଧ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି । ଅନ୍ୟପଟେ ଡିଙ୍ଗଙ୍କ ଏହି କାର୍ଯ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କେହି କେହି ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିବାବେଳେ ଆଉ କେତେଜଣ ଯଦି ଚାକିରି ନ ମିଳୁଛି ଏତେ ପାଠ ପଢ଼ି ଲାଭ କ'ଣ ବୋଲି ପ୍ରଶ୍ନ କରିଛନ୍ତି ।



## 'ଲଭ୍ ଆଣ୍ଡ ୱାର୍'
## ରଣବୀର ଓ ଭିକିଙ୍କ ମଧ୍ୟରେ ମହା ମୁକାବିଲା

ସଞ୍ଜୟ ଲୀଳା ଭଁସାଲିଙ୍କ ଡ୍ରିମ୍ ପ୍ରୋଜେକ୍ଟ 'ଲଭ୍ ଆଣ୍ଡ ୱାର୍'ରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ଲିଡ୍ ରୋଲରେ ଦେଖାଯିବେ । ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହା ଆଧାରିତ ହେବ । ଏହି ଫିଲ୍ମରେ ଏକ ଜବରଦସ୍ତ ଆକ୍ସନ୍ ସିନ୍ ରହିଛି । ଏଥିରେ ଭିକି ଓ ରଣବୀର ପରସ୍ପର ସହ ଲଢୁଥିବାର ଦେଖାଯିବେ । ରଣବୀର ଓ ଭିକିଙ୍କ ମଧ୍ୟରେ ଏହି ମୁକାବିଲା ହିଁ ଫିଲ୍ମର ଆକର୍ଷଣ ସାଜିବ ବୋଲି କୁହାଯାଉଛି । ତେବେ ଏହି ସିନ୍‌କୁ ଏକ ଅଜ୍ଞାତ ସ୍ଥାନରେ ସୁଟ୍ କରାଯିବ । ଏହି ସିନ୍ ସୁଟ୍ ପାଇଁ ସେଟ୍‌କୁ ଏକ ବଡ଼ ସିନେମା ଇଭେଣ୍ଟ ଭଳି ଡିଜାଇନ୍ କରାଯିବ । ଏହାର ସୁଟିଂ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି । ଜାନୁଆରୀ, ୨୦୨୪ରେ ସଞ୍ଜୟ 'ଲଭ୍ ଆଣ୍ଡ ୱାର୍' ଫିଲ୍ମ କଥା ଘୋଷଣା କରିଥିଲେ । ଏହା ମାର୍ଚ୍ଚ ୨୦୨୬ରେ ପରଦାକୁ ଆସିବ । ତେବେ ସଞ୍ଜୟ ତାଙ୍କ ଆଗ ଫିଲ୍ମଗୁଡ଼ିକ ଭଳି ଏହି ଫିଲ୍ମକୁ ବ୍ଲକ୍‌ବଷ୍ଟର୍ କରିପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା ।

## ପେଟ ଭିତରେ ଜିଅନ୍ତା ମାଛ

ଚୀନ୍‌ରୁ ଏକ ଅଜବ ତଥା ସମ୍ପୂର୍ଣ୍ଣ ଦୁର୍ଲଭ ଘଟଣା ସାମ୍ନାକୁ ଆସିଛି । ହୁନାନ ଅଞ୍ଚଳର ଜଣେ ୩୩ ବର୍ଷୀୟ ବ୍ୟକ୍ତିଙ୍କର ଅସହ୍ୟ ପେଟ ଯନ୍ତ୍ରଣା ହେବାରୁ ସେ ହସ୍‌ପିଟାଲ ଗଲେ । ସେଠାରେ ଡାକ୍ତର ତାଙ୍କର ପରୀକ୍ଷା କରିବାରୁ ଫୁଟେ ଲମ୍ବାର ଏକ ଜିଅନ୍ତା ମାଛ ତାଙ୍କ ପେଟ ଭିତରେ ଥିବାର ଜଣାପଡ଼ିଲା । ଏହି ଘଟଣାରେ କେବଳ ସାଧାରଣ ଲୋକ ନୁହଁନ୍ତି, ବରଂ ଡାକ୍ତରମାନେ ବି ବିସ୍ମିତ ହୋଇଛନ୍ତି । ତାଙ୍କ ପେଟର ସିଟି ସ୍କାନ କରାଯିବାରୁ ଏକ ବଡ଼ ଲମ୍ବା ବସ୍ତୁ ପେଟ ଭିତରେ ଭାସୁଥିବାର ଦେଖାଗଲା । ତେଣୁ ଡାକ୍ତରମାନେ ତାଙ୍କର ଅସ୍ତ୍ରୋପଚାର କରିବା ନିଷ୍ପତ୍ତି ନେଲେ । ଏହି ସମୟରେ ଡାକ୍ତରମାନେ ତାଙ୍କ ପେଟ ଭିତରେ ଜିଅନ୍ତା ଇଲ୍ ମାଛ ଭାସୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଅସ୍ତ୍ରୋପଚାର ସମୟରେ ଜଣାପଡ଼ିଲା ଇଲ୍‌ଟି ତାଙ୍କ ଅନ୍ତନଳୀକୁ ସମ୍ପୂର୍ଣ୍ଣ ଛେଦ କରି ପେଟ ଭିତରେ ପହଁଚୁଛି । ଏହାପରେ ଡାକ୍ତରମାନେ ଅସ୍ତ୍ରୋପଚାର ମାଧ୍ୟମରେ ମାଛଟିକୁ ବାହାର କରି ଦେଇଥିଲେ । ସର୍ଜରୀ ପରେ ଏହି ବ୍ୟକ୍ତି ଜଣକ ଏବେ ସୁସ୍ଥ ଅଛନ୍ତି । ତେବେ ଏହି ବ୍ୟକ୍ତି ଜଣକ ପେଟକୁ କିପରି ଜିଅଁନ୍ତା ମାଛ ଆସିଲା ତାହା ଜଣାପଡ଼ିନାହିଁ ।





## ଷୋଳ ସୋମବାର ବ୍ରତର ଲାଭ

ହିନ୍ଦୁ ଶାସ୍ତ୍ରରେ ସୋମବାର ଅତ୍ୟନ୍ତ ସ୍ୱତନ୍ତ୍ର ବିବେଚନା କରାଯାଏ । ଏହା ପଛର କାରଣ ହେଉଛି ଏହି ଦିନ ଭଗବାନ ଶିବଙ୍କୁ ସମର୍ପିତ । ଦେବ ଦେବ ମହାଦେବଙ୍କୁ ପ୍ରସନ୍ନ କରିବା ଏବଂ ତାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଶ୍ରଦ୍ଧାଳୁମାନେ ଷୋଳ ସୋମବାର ବ୍ରତ ପାଳନ କରିଥାନ୍ତି । କୁହାଯାଏ, ଏହି ବ୍ରତକୁ ପୂରା ଶ୍ରଦ୍ଧା ଓ ବିଧିବିଧାନ ସହିତ ପାଳନ କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୁଏ । ଏହି ବ୍ରତ ଅବିବାହିତ ଝିଅଙ୍କ ପାଇଁ ଫଳଦାୟୀ । ମାତା ପାର୍ବତୀ ଭଗବାନ ଶିବଙ୍କୁ ନିଜ ସ୍ୱାମୀ ଭାବେ ପାଇବା ପାଇଁ ଏହି ବ୍ରତ ରଖିଥିଲେ ବୋଲି କୁହାଯାଏ । ବିବାହିତ ମହିଳା ବୈବାହିକ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଏହି ବ୍ରତ ରଖନ୍ତି । ଏହା ଦ୍ୱାରା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଓ ବୁଝାମଣା ବଢ଼ିଥାଏ ଏବଂ ଘର ପରିବାରରେ ଖୁସି ଆସେ । ସନ୍ତାନ ସୁଖ କାମନା ଲାଗି ଷୋଳ ସୋମବାର ବ୍ରତ କରିବା ଶୁଭଙ୍କର । ଏହି ବ୍ରତ କରିବା ଦ୍ୱାରା ଅଜାଣତରେ କରାଯାଇଥିବା ପାପ ନାଶ ହୁଏ ଏବଂ ଜୀବନର ବାଧା ବିଘ୍ନ ଦୂର ହୁଏ । ଜାତକରେ ଅଶୁଭ ଗ୍ରହ ଥିଲେ ଏହି ବ୍ରତ ଦ୍ୱାରା ନକାରାତ୍ମକ ପ୍ରଭାବ କମ୍ ହୁଏ । ଜୀବନରେ ସୁଖ ଶାନ୍ତି ଆସେ । ଏହି ବ୍ରତ ରଖିବା ଦ୍ୱାରା ଘରେ ଧନ ବୃଦ୍ଧି ହୁଏ । ଆର୍ଥିକ ସ୍ଥିତି ମଜଭୁତ ହୁଏ ।

## ସ୍ୱସ୍ତି

## ବୋଲବମ୍ ଯାତ୍ରାର ମହତ୍ତ୍ୱ

**ଶ୍ରାବଣ ମାସରେ ବୋଲବମ୍ ଯାତ୍ରାର ବିଶେଷ ମହତ୍ତ୍ୱ ଅଛି । ଦେବଦେବ ମହାଦେବଙ୍କୁ ସମର୍ପିତ ଏହି ପବିତ୍ର ମାସରେ ଭକ୍ତମାନେ ଭଗବାନ ଶିବଙ୍କୁ ଜଳାଭିଷେକ କରିଥାନ୍ତି । ସେଥିପାଇଁ ସେମାନେ ବୋଲବମ୍ ଯାତ୍ରା କରିଥାନ୍ତି । ଶିବଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ ସହ ବାହୁଙ୍ଗିରେ ପବିତ୍ର କଳସ ଜଳକୁ ବହନ କରି ଖାଲି ପାଦରେ ଚାଲିଥାନ୍ତି ।**

**ପର୍ଶୁରାମଙ୍କଠୁ ଆରମ୍ଭ:** ହିନ୍ଦୁ ଧର୍ମ ଅନୁସାରେ, ଭଗବାନ ଶିବ ଭକ୍ତ ପର୍ଶୁରାମ ସର୍ବପ୍ରଥମେ ଶ୍ରାବଣ ମାସରେ ବୋଲବମ୍ ଯାତ୍ରାରେ ବାହାରି ଥିଲେ । ସେ ଗଙ୍ଗାଜଳ ଶିବଲିଙ୍ଗ ଉପରେ ଲାଗି କରିଥିଲେ । ସେବେଠୁ ଶିବଭକ୍ତମାନେ ଏହି ପରମ୍ପରା ପାଳନ କରି ଆସୁଛନ୍ତି । ଶ୍ରାବଣ ମାସରେ ଶିବଭକ୍ତ ପବିତ୍ର ନଦୀରୁ ଜଳ ଆଣିବା ଯାତ୍ରାକୁ ବୋଲବମ୍ ବା କାଉଡ଼ି ଯାତ୍ରା କୁହାଯାଏ । ଭକ୍ତମାନେ ନଦୀରୁ ଜଳ ଆଣି ମହାଦେବଙ୍କଠାରେ ଜଳାଭିଷେକ କରନ୍ତି ।

**ଖାଲିପାଦରେ ଚାଲନ୍ତି ଶିବଭକ୍ତ:** ଶିବଙ୍କୁ ଆରାଧନା ଓ ଉପାସନା ପାଇଁ ସମର୍ପିତ ଏହି ମାସ । ମାନ୍ୟତା ଅଛି, ଶ୍ରାବଣ ମାସ ଯାକ ମହାଦେବ ହରିଦ୍ୱାରରେ ନିବାସ କରିଥାନ୍ତି । ସେହିପରି ଏହି ମାସରେ ବିଷ୍ଣୁ ଶୟନ ମୁଦ୍ରାରେ ରହୁଥିବାରୁ ତିନି ଲୋକର କଥା ବୁଝନ୍ତି ସ୍ୱୟଂ ମହାଦେବ । ଏହି କାରଣ ଯୋଗୁଁ ବୋଲବମ୍ ଯାତ୍ରୀ ଗଙ୍ଗାଜଳ ପାଇଁ ହରିଦ୍ୱାର ଆସନ୍ତି । ଏହି ଯାତ୍ରା ସମୟରେ ଭକ୍ତମାନେ ଖାଲିପାଦରେ ଚାଲନ୍ତି । ଅନ୍ୟପଟେ ଏବେ ବୋଲବମ୍ ଯାତ୍ରାରେ କେବଳ ପୁରୁଷ ନୁହଁନ୍ତି, ମହିଳା ଓ ଛୋଟପିଲାମାନେ ମଧ୍ୟ ସାମିଲ ହେଉଥିବା ଦେଖିବାକୁ ମିଳୁଛି ।



## କାଉଡ଼ିଆ କଥା

**ସମ୍ପ୍ରତି ବୋଲବମ୍ ଯାତ୍ରାରେ ଆସ୍ଥାର ଅଲଗା ଦୃଶ୍ୟ ନଜର ଆସୁଛି । ଏହି କ୍ରମରେ ଉତ୍ତର ପ୍ରଦେଶ ମୁଜାଫରନଗରରୁ ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି । ଏଠାରେ ୧୦ ବର୍ଷ ବୟସର ଜଣେ ବାଳକ ଦଣ୍ଡବତ କାଉଡ଼ି ଯାତ୍ରାରେ ବାହାରିଛନ୍ତି ।**




ଶାମଲି ଜନପଦରେ ରହୁଥିବା ୧୭ ବର୍ଷୀୟା ଶିବମ୍ କର୍କଟ ରୋଗରେ ପୀଡ଼ିତ ଥିଲେ । ପରିବାର ଲୋକେ ଯେତେବେଳେ ଶିବମ୍‌ଙ୍କ ଚିକିତ୍ସାରେ ବ୍ୟସ୍ତ ଥିଲେ, ସେତିକି ବେଳେ ତାଙ୍କ ୧୦ ବର୍ଷ ବୟସର ସାନ ଭାଇ ଭଗବାନ ଶିବଙ୍କ ପାଖରେ ମନସ୍କାମନା କଲେ । ସେ କହିଥିଲେ, ତାଙ୍କ ଭାଇ ସୁସ୍ଥ ହୋଇଗଲେ, ସେ ଦଣ୍ଡବତ କାଉଡ଼ି ଯାତ୍ରା କରିବେ । ଶିବମ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସୁସ୍ଥ ଅଛନ୍ତି । ତେଣୁ କୃଷ୍ଣା ତାଙ୍କ କଥା ରଖି ହରିଦ୍ୱାରରୁ ଦଣ୍ଡବତ କାଉଡ଼ି ଯାତ୍ରାରେ ବାହାରିଛନ୍ତି । ହରିଦ୍ୱାରରୁ ଗଙ୍ଗା ଜଳ ଉଠାଇଛନ୍ତି ଏବଂ ସେ ନିତିଦିନ ୧୦ କିମି ଦଣ୍ଡବତ ଯାତ୍ରା କରୁଛନ୍ତି । ଅର୍ଥାତ୍ ସେ ତଳେ ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କରି ଯାତ୍ରା କରୁଥିବା ଦେଖା ଯାଇଛି । ସେହିପରି ତାଙ୍କ ସହିତ ତାଙ୍କ ବଡ଼ ଭାଇ ଶିବମ୍ ଏବଂ ପରିବାର ଲୋକ ବି ପଦଯାତ୍ରା କରୁଛନ୍ତି । ଶେଷରେ ସେମାନେ ଶାମଲିରେ ଜଳାଭିଷେକ କରିବେ । କୃଷ୍ଣା କହନ୍ତି, ଥକ୍କା ଲାଗିଲେ, ରାସ୍ତାରେ ବିଶ୍ରାମ ନିଅନ୍ତି । ରାସ୍ତାରେ କୃଷ୍ଣାଙ୍କ ଭକ୍ତିଭାବକୁ ଦେଖି ଲୋକେ ଭାବବିହ୍ୱଳ ହେଉଛନ୍ତି । ଏହାସହ ତାଙ୍କୁ କେହି ପାଣି ପିଇବାକୁ ଦେଉଥିବା ବେଳେ ଆଉ କିଏ ଖାଦ୍ୟ ପ୍ରଦାନ କରୁଛନ୍ତି । ଅନ୍ୟପଟେ କୃଷ୍ଣାଙ୍କର ଏହି ଯାତ୍ରା ଭାଇଚାରା, ଆସ୍ଥା ଏବଂ ଦୃଢ଼ ସଂକଳ୍ପର ଏକ ପ୍ରେରଣାଦାୟୀ ମିଶାଲ ସୃଷ୍ଟି କରିଛି ।

## ଆଂଶିକ ଉପବାସ

**ବିଭିନ୍ନ ପର୍ବ ତଥା ଓଷାବ୍ରତରେ ଲୋକେ ଉପବାସ ରଖନ୍ତି । କିଏ ନିର୍ଜଳା ଉପବାସ ରଖନ୍ତି ତ ଆଉ କିଏ କେବଳ ଫଳ ଖାଇ ଉପବାସ ପାଳନ କରିଥାନ୍ତି । ସେହିପରି କେହି କେହି ଆଂଶିକ ଉପବାସ ବି କରନ୍ତି । ତେବେ ଏ ଆଂଶିକ ଉପବାସ କ'ଣ, ସେ ସମ୍ପର୍କରେ ଜାଣିବା ।**

- ଏହି ଉପବାସରେ କେବଳ ଥରୁଟିଏ ଭୋଜନ କରିବାକୁ ହୋଇଥାଏ ।
- ଭୋଜନରେ ପିଆଜ, ରସୁଣ ଏବଂ ଆମିଷ ଖାଇବା ମନା ।
- ଏଥିରେ ଫଳ, ଶାଗୁ, କ୍ଷୀର ଆଦି ଥରେ ଖିଆଯାଏ ।
- ଜଣେ ନିଜ ସମୟ ଓ ସୁବିଧାରେ ଏହି ଉପବାସ ପାଳନ କରିପାରିବେ ।
- ଆଂଶିକ ଉପବାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶରୀରକୁ ଆଦୌ ଭୋକିଲା ନ ରଖି ମନ ଓ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିବା ।
- ତେବେ ଏହି ଉପବାସ ଏକାଦଶୀ ଏବଂ ନବରାତ୍ରୀରେ ଅଧିକ ପ୍ରଚଳିତ ।



## ଇସିବିକୁ ୨୦୩୧ ପର୍ଯ୍ୟନ୍ତ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ ଅଧିକାର


ସିଙ୍ଗାପୁର, ୨୦।୭ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ରବିବାର ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ଆଗାମୀ ୩ଟି ସଂସ୍କରଣର ଫାଇନାଲ ମ୍ୟାଚ୍ ଆୟୋଜନ ଅଧିକାର ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ମିଳିଛି। ପୂର୍ବରୁ ଇଂଲଣ୍ଡରେ ଡବ୍ଲ୍ୟୁଟିସିର ପ୍ରଥମ ୩ଟି ସଂସ୍କରଣ ୨୦୨୧, ୨୦୨୩ ଓ ୨୦୨୫ର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଯଥାକ୍ରମେ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଚାମ୍ପିଅନ ହୋଇଥିଲେ। ଆଇସିସିର ସଦ୍ୟ ନିଷ୍ପତ୍ତି ମୁତାବକ ୨୦୨୭, ୨୦୨୯ ଓ ୨୦୩୧ ସଂସ୍କରଣର ଡବ୍ଲ୍ୟୁଟିସି ଫାଇନାଲ ମଧ୍ୟ ଇଂଲଣ୍ଡରେ ଆୟୋଜନ ହେବ। ପ୍ରଥମ ୩ଟି ସଂସ୍କରଣର ଫାଇନାଲକୁ ସଫଳତାର ସହ ଆୟୋଜନ କରିଥିବାରୁ ଇଂଲଣ୍ଡକୁ ଆଗାମୀ ୩ଟି ଫାଇନାଲ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି ବୋଲି ସିଙ୍ଗାପୁରରେ ଅନୁଷ୍ଠିତ ଆଇସିସିର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍)ରେ କୁହାଯାଇଛି। ଆଇସିସିର ଏହି ନିଷ୍ପତ୍ତି ଫଳରେ ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ବୋର୍ଡ ବିସିସିଆଇକୁ ଝଟ୍କା ଲାଗିଛି। ନିକଟରେ ବିସିସିଆଇ ଡବ୍ଲ୍ୟୁଟିସିର ଆଗାମୀ ଫାଇନାଲ ଆୟୋଜନ ନେଇ ଆଗ୍ରହ ପ୍ରକାଶ କରିଥିଲା।

## ୧୧୦ରେ ପହଞ୍ଚିଲା ଆଇସିସି ସଦସ୍ୟ ସଂଖ୍ୟା

ସିଙ୍ଗାପୁର, ୨୦।୭ (ଏଜେନ୍ସି): ଆଫ୍ରିକୀୟ ରାଷ୍ଟ୍ର ଜାମ୍ବିଆ ଓ ଏସୀୟ ରାଷ୍ଟ୍ର ତିମୋର-ଲେଷ୍ଟେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ନୂଆ ସଦସ୍ୟତା ଲାଭ କରିଛନ୍ତି। ଫଳରେ କ୍ରିକେଟ୍ର ସର୍ବୋଚ୍ଚ ସଂସ୍ଥା ଆଇସିସିର ସଦସ୍ୟ ସଂଖ୍ୟା ୧୧୦ରେ ପହଞ୍ଚିଛି। 'ଆଇସିସି ପରିବାରରେ ୨ଟି ନୂଆ ସଦସ୍ୟ ଯୋଡ଼ି ହୋଇଛନ୍ତି। ଜାମ୍ବିଆ କ୍ରିକେଟ୍ ୟୁନିୟନ ଓ ତିମୋର-ଲେଷ୍ଟେ କ୍ରିକେଟ ମହାସଂଘ ଆନୁଷ୍ଠାନିକ ଭାବେ ଆଇସିସି ସହଯୋଗୀ ସଦସ୍ୟତା ଲାଭ କରିଛନ୍ତି। ଆଇସିସି ସଦସ୍ୟ ରାଷ୍ଟ୍ର ସଂଖ୍ୟା ଏଥିସହ ୧୧୦ରେ ପହଞ୍ଚିଛି' ବୋଲି ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆଫ୍ରିକା ମହାଦେଶର ୨୨ତମ ଦେଶ ଭାବେ ଜାମ୍ବିଆ ଆଇସିସିରେ ସାମିଲ ହୋଇଛି। ସେହିଭଳି ତିମୋର-ଲେଷ୍ଟେ ପୂର୍ବ ଏସିଆର ୧୦ମ ରାଷ୍ଟ୍ର ଭାବେ ବିଶ୍ୱ କ୍ରିକେଟ୍ ବୋର୍ଡର ସଦସ୍ୟତା ହାସଲ କରିଛି।

## ଜିମ୍ବାୱେର ହ୍ୟାଟ୍ରିକ୍ ପରାଜୟ

ହରାରେ, ୨୦।୭ (ଏଜେନ୍ସି): ଆୟୋଜକ ଜିମ୍ବାୱେ ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ହ୍ୟାଟ୍ରିକ ପରାଜୟବରଣ କରିଛି। ରବିବାର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ୱିକେଟ୍ରେ ଘରୋଇ ଜିମ୍ବାୱେକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୬ ୱିକେଟ୍ରେ ୧୪୪ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୨ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା।



## ୧୭ ବର୍ଷର ଜାତୀୟ ରେକର୍ଡ ଭାଙ୍ଗିଲେ ନଟରାଜ

ବର୍ଲିନ, ୨୦।୭ (ଏଜେନ୍ସି): ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର ଅଲିମ୍ପିଆନ ସନ୍ତରଣକାରୀ ଶ୍ରୀହରି ନଟରାଜ ଆଉ ୨ଟି ଇଭେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ୍ ଓ ୫୦ ମିଟର୍ ବ୍ୟାକ୍ଷ୍ଟୋକରେ ଶ୍ରୀହରି ସେମିକୁ ଉଠିଛନ୍ତି। ୧୦୦ ମିଟର୍ ଫ୍ରିଷ୍ଟାଇଲ୍ ରେସକୁ ସେ ୪୯.୪୬ ସେକେଣ୍ଡରେ ଫିନିଶ୍ କରି ୧୭ ବର୍ଷ ତଳର ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ୨୦୦୮ରେ ବିର୍ଦ୍ଧାୱାଲ୍ ଖାଡେ ୪୯.୪୭ ସେକେଣ୍ଡରେ ରେସ୍ ଶେଷ କରି ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ପୂର୍ବରୁ ଶ୍ରୀହରି ଏହି ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୨୦୦ ମିଟର୍ ଫ୍ରିଷ୍ଟାଇଲ୍ରେ ଜାତୀୟ ରେକର୍ଡ ଭଙ୍ଗକରି ମଧ୍ୟ ସେମିରେ ପ୍ରବେଶ କରିଥିଲେ।

## ପ୍ରଥମ ଟି-୨୦: ବାଂଲାଦେଶଠୁ ୭ ୱିକେଟ୍ରେ ହାରିଲା ପାକିସ୍ତାନ

ଢାକା, ୨୦।୭ (ଏଜେନ୍ସି): ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଘରୋଇ ବାଂଲାଦେଶ ୭ ୱିକେଟ୍ରେ ପାକିସ୍ତାନକୁ ପରାସ୍ତ କରିଛି। ଫକର୍ ଜମାନଙ୍କ ୪୪ ରନ ବଳରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୯.୩ ଓଭରରେ ୧୧୦ ରନରେ ଅଲ୍ଆଉଟ୍ ହୋଇଥିଲା। ଜବାବରେ ବାଂଲାଦେଶ ପରଭେଜ ହୋସେନ ଏମନଙ୍କ ଅପରାଜିତ ୫୬ ରନ ସହାୟତାରେ ୧୫.୩ ଓଭରରେ ୩ ୱିକେଟ୍ ବିନିମୟରେ ବିଜୟୀ ହୋଇଥିଲା। ଟି-୨୦ କ୍ରିକେଟ୍ରେ ପାକିସ୍ତାନ ବିପକ୍ଷରେ ବାଂଲାଦେଶର ଏହା ୪ର୍ଥ ବିଜୟ। ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

### ଚତୁର୍ଥ ଟେଷ୍ଟ ପୂର୍ବରୁ ଭାରତର ଅଡୁଆ ବଢ଼ିଲା

# ଦୀପ୍, ଅର୍ଶଦୀପ୍ ଆହତ; କାମ୍ବୋଜ ସାମିଲ

ଲଣ୍ଡନ,୨୦।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ଟି ଜୁଲାଇ ୨୩ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଭାରତର ଦୁଇ ଫାଷ୍ଟ ବୋଲର ଆକାଶ ଦୀପ୍ ଓ ଏହି ଟେଷ୍ଟରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ଥିବା ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଆହତ ହୋଇଛନ୍ତି। ଉଭୟ ବୋଲର ଓଲ୍ଡ ଟ୍ରାଫୋର୍ଡ୍ରେ ଖେଳିବାର ସମ୍ଭାବନା କମ୍। ଦଳରେ ଯଶପ୍ରୀତ୍ ବୁମ୍ରା ଓ ମହମ୍ମଦ୍ ସିରାଜ ଏବେ ଫିଟ୍ ବୋଲର ଭାବେ ଖେଳୁଛନ୍ତି। ଆଉ ଦୁଇ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ଥିଲେ ମଧ୍ୟ ଚୟନକର୍ତ୍ତାମାନେ ହରିୟାଣାର ଫାଷ୍ଟ ବୋଲର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରିଛନ୍ତି। ନିକଟରେ ଭାରତ-ଏ' ଦଳ ପକ୍ଷରୁ କାମ୍ବୋଜ୍ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଯାକ ଅନ୍ ଅଫିସିଆଲ ଟେଷ୍ଟ ଖେଳି ୫ଟି ୱିକେଟ ଅକ୍ତିଆର କରିଥିଲେ। ତାଙ୍କ ବୋଲିଂ କଞ୍ଜୁସ ହୋଇଥିଲା। ଦ୍ୱିତୀୟ ଟେଷ୍ଟରେ ତନୁଷ କୋଟିଆନ୍ଙ୍କ ସହ ୧୦ମ ୱିକେଟ ଯୋଡିରେ ସେ ୧୪୯ ରନ୍ର ଭାଗିଦାରୀ କରିଥିଲେ। ୫୧ ରନ୍ କରିଥିବା କାମ୍ବୋଜ୍ଙ୍କୁ ଜଣେ ବୋଲିଂ ଅଲରାଉଣ୍ଡର ଭାବେ ବିବେଚନା କରାଯାଉଛି। ଉପରୋକ୍ତ ଦୁଇ ଖେଳାଳି ଅନ୍ଫିଟ୍ ହେଲେ ଓ ବୁମ୍ରାଙ୍କୁ ବିଶ୍ରାମ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଲେ କାମ୍ବୋଜ



ଓଲ୍ଡ ଟ୍ରାଫୋର୍ଡରେ ଟେଷ୍ଟ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ୱିକେଟ ରକ୍ଷକ ଋଷଭ ପନ୍ତ୍ ଆହତ ସମସ୍ୟାରୁ ମୁକୁଳିନାହାନ୍ତି। ଆଜି ନୀତୀଶ ରେଡ୍ଡୀ ଟ୍ରେନିଂ ବେଳେ ଆହତ ହେବା ପରେ ଭାରତ ଏବେ ଚତୁର୍ଥ ଟେଷ୍ଟ ଖେଳିବା ପୂର୍ବରୁ ଅଡୁଆରେ ପଡ଼ିଯାଇଛି।

ମାଞ୍ଚେଷ୍ଟରରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟର ଫଳାଫଳ ଭାରତ ସପକ୍ଷରେ ଗଲେ ସିରିଜ୍ ବରାବର ସ୍ଥିତିକୁ ଆସିବ। କିନ୍ତୁ ଇଂଲଣ୍ଡ ସପକ୍ଷରେ ଗଲେ ଭାରତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ପରାଜିତ ହେବ। ଏଭଳି ସ୍ଥିତିରେ କି ପ୍ରକାର ନିଷ୍ପତ୍ତି ନେବାକୁ ପଡ଼ିବ, କିଏ ଦଳରେ ରହିବେ ଓ କିଏ ଦଳରୁ ବାଦ୍ ପଡ଼ିବେ ତାହାକୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଡୁଆ ସ୍ଥିତିରେ ପଡ଼ିବା ସ୍ୱାଭାବିକ୍। ଏହା ମଧ୍ୟରେ ଟିମ୍ ମ୍ୟାନେଜମେଣ୍ଟ ନିକଟରେ ଦୁଇଟି ନିଷ୍ପତ୍ତି ନେବାକୁ ବାଧ ହୋଇପାରେ ବୋଲି କୁହାଯାଇଛି। ପ୍ରଥମଟି ହେଉଛି ଚତୁର୍ଥ ଟେଷ୍ଟରେ ବୁମ୍ରାଙ୍କୁ ଖେଳାଇବା। ସେହିପରି ଦ୍ୱିତୀୟଟି ହେଉଛି ଋଷଭ ପନ୍ତଙ୍କୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଓ ଧ୍ରୁବ ଜୁରେଲଙ୍କୁ ୱିକେଟ କିପର ଭାବେ ଖେଳାଇବା। ଏହା ଫଳରେ ନଂ-୩ରେ କରୁନ ନାୟାରଙ୍କୁ ନେଇ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ତାହା ମଧ୍ୟ ଦୂର ହୋଇପାରିବ। ପନ୍ତ୍ କିମ୍ବା ଜୁରେଲଙ୍କ ମଧ୍ୟରୁ ଜଣେ ଏହି ପୋଜିସନରେ ଖେଳିପାରିବେ।

ଲର୍ଡ୍ସରେ ତୃତୀୟ ଟେଷ୍ଟ ଖେଳିବାବେଳେ ଆକାଶ ଦୀପ୍ ଆହତ ହୋଇଥିଲେ। ଦ୍ୱିତୀୟ ଟେଷ୍ଟରେ ସେ ୧୦ଟି ୱିକେଟ ନେଇ ଭାରତକୁ ଜିତାଇଥିଲାବେଳେ ତୃତୀୟ ଟେଷ୍ଟରେ ସେପରି କିଛି ପ୍ରଭାବ ପକାଇ ପାରି ନ ଥିଲେ। ଏପରିକି ସେ ତାଙ୍କ ବୋଲିଂ ରିଦିମ୍ରେ ଖେଳିପାରି ନ ଥିଲେ। ହ୍ୟାରୀ ବ୍ରୁକ୍ଙ୍କ ସହ ଧକ୍କା ଖାଇବା ପରେ ତୃତୀୟ ଟେଷ୍ଟରେ ତାଙ୍କର ଭୂମିକା କମିଯାଇଥିଲା। ତୃତୀୟ ଦିନ ନାଇଟ୍ୱାଚ୍ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସି ଆଉଟ ହୋଇଥିଲେ। ଚତୁର୍ଥ ଦିନ ପରଠାରୁ ସେ ପଡ଼ିଆ ଛାଡ଼ିବା ପରେ ଆଉ ଖେଳିବାକୁ ଆସି ନ ଥିଲେ। ଏବେ ସେ ଟିମ୍ ସହ ଅଭ୍ୟାସ ଲାଗି ଆଦୌ ଆସି ନ ଥିଲେ। କିନ୍ତୁ ଫିଜିଓଙ୍କ ସେ ଫିଟ୍ନେସ ଟ୍ରେନିଂ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଅର୍ଶଦୀପ୍ ଜୋରଦାର ଅଭ୍ୟାସ କରୁଥିଲେ। କିନ୍ତୁ ବୋଲିଂ କଲାବେଳେ ଫଲୋ ଥ୍ରୁ'ରେ ଫିଲ୍ଡିଂ କରିବାକୁ ଯାଇ ସେ ତାଙ୍କ ବୋଲିଂ କରୁଥିବା ବାମହାତରେ ଆହତ ପାଇଥିଲେ। ଏହା ପରେ ସେ ହାତ ବ୍ୟାଣ୍ଡେଜ୍ କରି ବସିରହିଥିଲେ। ଏଣୁ ତାଙ୍କର ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆକାଶ ଦୀପ୍ ଫିଟ୍ ହୋଇ ନ ଥିଲେ ଅର୍ଶଦୀପ ତାଙ୍କ ସ୍ଥାନରେ ଚତୁର୍ଥ ଟେଷ୍ଟରେ ନିଶ୍ଚିତ ଖେଳିଥାନ୍ତେ। କିନ୍ତୁ ଏବେ ଉଭୟ ଖେଳାଳିଙ୍କ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇବା ପରେ ଭାରତର ଟିମ୍ ମ୍ୟାନେଜ୍ମେଣ୍ଟ ଅଡୁଆ ପରିସ୍ଥିତିରେ ପଡ଼ିଛି।

## ପାକିସ୍ତାନ ସହ ଖେଳିବାକୁ ମନାକଲେ ଭାରତୀୟ ଖେଳାଳି

ଲଣ୍ଡନ,୨୦।୭ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୱାର୍ଲ୍ଡ ଚାମ୍ପିଅନ୍ସ ଲିଗ୍ରେ ପାକିସ୍ତାନ ସହ ଖେଳିବାକୁ ଭାରତର ୬ଜଣ ଖେଳାଳି ମନା କରିବା ଫଳରେ ଉଭୟ ଦେଶ ମଧ୍ୟରେ ହେବାକୁ ଥିବା ମୁକାବିଲାକୁ ବାତିଲ କରିଦିଆଯାଇଛି। ରବିବାର ଏହି ମ୍ୟାଚ୍ ବର୍ମିହାମ୍ରେ ଖେଳାଯିବାର ଥିଲା। କିନ୍ତୁ ଭାରତୀୟ ଦଳରେ ସାମିଲ ହୋଇଥିବା ଯୁବରାଜ ସିଂହ, ସୁରେଶ ରାଇନା, ହରଭଜନ ସିଂହ, ଇର୍ଫାନ ପଠାନ ଓ ଶିଖର ଧାୱନ ପାକିସ୍ତାନ ସହ ଖେଳିବାକୁ ମନା କରିବାରୁ ଏହି ମ୍ୟାଚ୍କୁ ବାତିଲ କରିବାକୁ ପଡ଼ିଛି।

## କର୍ଣ୍ଣାଟକକୁ ଫେରିଲେ କରୁନ୍

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି): ଭାରତ ପକ୍ଷରୁ ଇଂଲଣ୍ଡରେ ଟେଷ୍ଟ ଖେଳୁଥିବା ବ୍ୟାଟର କରୁନ ନାୟାର ଚଳିତ କ୍ରିକେଟ ଋତୁରେ ନିଜ ରାଜ୍ୟ କର୍ଣ୍ଣାଟକ



ପକ୍ଷରୁ ଖେଳିବେ। ସେ ଗତ ଦୁଇବର୍ଷ ହେଲା ବିଦର୍ଭ ପକ୍ଷରୁ ଖେଳିଆସୁଛନ୍ତି। ଅନ୍ୟପକ୍ଷରେ କର୍ଣ୍ଣାଟକର ୩୨ ବର୍ଷୀୟ ଫାଷ୍ଟ ବୋଲର ବାସୁକି କୌଶିକ୍ ଏବର୍ଷ ଗୋଆ ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ମୁମ୍ବଇର ଯଶସ୍ୱୀ ଜୟସ୍ୱାଲ ଗୋଆରୁ ଖେଳିବାକୁ ରାଜି ହୋଇଥିଲେ ମଧ୍ୟ ପରେ ମନା କରିଦେଇଛନ୍ତି। ଏହା ମଧ୍ୟରେ ମହମ୍ମଦ୍ ସାମି ବେଙ୍ଗଲ ରଣଜୀ ସମ୍ଭାବ୍ୟ ଦଳରେ ସ୍ଥାନ ପାଇଛନ୍ତି।

## ବିସି ରାୟ ଟ୍ରଫିରେ ଓଡ଼ିଶା ପରାସ୍ତ

କଟକ,୨୦।୭ (ସମିସ): ପଞ୍ଜାବର ଅମୃତସରରେ କନିଷ୍ଠ ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଡଃ ବି.ସି ରାୟ ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ପରାଜୟର ସମ୍ମୁଖୀନ ହୋଇଛି। ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ କର୍ଣ୍ଣାଟକ ୩-୧ ଗୋଲରେ ବିଜୟ ହାସଲ କରିଛି। ୬ଷ୍ଠ ମିନିଟରେ ଓଡ଼ିଶା ଫରୱାର୍ଡ ଇଶାନ୍ତ କୁମାର ଦଳ ନିମନ୍ତେ ଗୋଲ ଖାତା ଖୋଲିଥିଲେ। ୭ମ ମିନିଟରେ କର୍ଣ୍ଣାଟକର ହୃଷିକେଶ ଚରଣ ଗୋଲ ଦେଇ ସ୍ଥିତି ବରାବର କରିଥିଲେ। ୧୭ତମ ମିନିଟରେ ପଭିଶ କୁମାର ଏବଂ ଅତିରିକ୍ତ ୪୮ତମ ମିନିଟରେ ହୃଷିକେଶଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଯୋଗୁଁ କର୍ଣ୍ଣାଟକ ୩-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ଖେଳ ଗୋଲ ଶୂନ୍ୟ ରହିବା ସହ କର୍ଣ୍ଣାଟକ ବିଜୟୀ ହୋଇଥିଲା। ବିବି ରଦ୍ଧି ସ୍ପୋର୍ଟସ ଷ୍ଟାଡିୟମରେ ୨୨ ତାରିଖରେ ଓଡ଼ିଶା ମଣିପୁର ବିପକ୍ଷରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।



ପ୍ରସିଦ୍ଧ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳିଙ୍କ ସହ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ

## ବ୍ୟାଡ୍ମିଣ୍ଟନରେ ଭାରତକୁ ଐତିହାସିକ କାଂସ୍ୟ

**ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଭୁବନେଶ୍ୱର, ୨୦।୭ (ସମିସ): ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ବ୍ୟାଡ୍ମିଣ୍ଟନରେ ଭାରତ ଐତିହାସିକ କାଂସ୍ୟ ପଦକ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ମିକ୍ସଡ୍ ଟିମ୍ ସେମିଫାଇନାଲରେ ଭାରତ ୨-୩ରେ ଚାଇନିଜ ତାଇପେଇ ନିକଟରୁ ହାରି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଏହି ସମ୍ମାନଜନକ କ୍ରୀଡ଼ା ଇତିହାସରରେ ବ୍ୟାଡ୍ମିଣ୍ଟନରୁ ଭାରତ ପ୍ରଥମ ପଦକ ବିଜୟୀ ହୋଇଛି। କାଂସ୍ୟ ବିଜୟୀ ଭାରତୀୟ ଦଳର ଅଧିକାଂଶ ବ୍ୟାଡ୍ମିଣ୍ଟନ ଖେଳାଳି କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍ରେ ଅଧ୍ୟୟନ କରୁଥିବା ଅନିମେଶ କୁଜୁରଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଅନିମେଶ ୧୦୦, ୨୦୦ ଓ ୪ଗୁଣା ୧୦୦ ମିଟର ରିଲେ ରେସରେ ଭାଗନେବେ।

## ଆନ୍ଧ୍ରପ୍ରଦେଶରେ ଓଡ଼ିଶା ଦଳର ଫିଟ୍ନେସ୍ ଶିବିର

କଟକ,୨୦।୭ (ସମିସ): ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ଓଡ଼ିଶା କ୍ରିକେଟ ଦଳର ୨୦ ଦିନିଆ ଫିଟ୍ନେସ୍ ଓ କୌଶଳ ବିକାଶ ଶିବିର ଅନୁଷ୍ଠିତ ହେବ। ଏଥି ନିମନ୍ତେ ୨୭ ଜଣିଆ ଦଳ ଆନ୍ଧ୍ରପ୍ରଦେଶ ଯାତ୍ରା କରିଛି। ବିସିସିଆଇର ଆଗାମୀ ଘରୋଇ ସିଜନକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏଭଳି ପଦକ୍ଷେପ ନେଇଛି। ୨୭ ଜଣିଆ ଦଳରେ ବରିଷ୍ଠ ବର୍ଗର ଖେଳାଳିଙ୍କ ସମେତ ୨୩ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ବୟସ ବର୍ଗର ଖେଳାଳି ମଧ୍ୟ ରହିଛନ୍ତି। ରାଜ୍ୟ ବରିଷ୍ଠ ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ୍, ଫିଜିଓଥେରାପିଷ୍ଟ ରୋନି ଚାଟାର୍ଜୀ, ଗୌରବ କୋଶିକସହ ରତ୍ନାକର ବେହେରା ଦଳ ସହ ଯାତ୍ରା କରିଛନ୍ତି।

## ଏସ୍ଆର୍ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଉଦ୍ଯାପିତ

# ଟାଇଟଲ ଜିତିଲେ ଶ୍ରଦ୍ଧାସ୍ମରଣିକା

ଭୁବନେଶ୍ୱର,୨୦।୭ (ସମିସ)]

କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ଏସ୍ଆର୍ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତା ଶେଷରେ ଶ୍ରଦ୍ଧା ଓ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ୍ର ଓମ୍ ସ୍ୱରୂପ ପାଢ଼ୀ ସମାନ ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲ୍ଜ୍ରେ ଶ୍ରଦ୍ଧା ପ୍ରଥମ ଓ ଓମ୍ ରନର୍ସ ଅପ୍ ହୋଇଥିଲେ। ଓଡିଏମ୍ ପବ୍ଲିକ୍ ସ୍କୁଲ୍ର ସାୟାଂଶ ଦାସ ତୃତୀୟ, ଆୟେଷା ମହାନ୍ତି ଚତୁର୍ଥ, ଡିପିଏସ୍ କଳିଙ୍ଗାର ଆଦଭିକ୍ ଅଦ୍ୱୈତ ସ୍ୱାଇଁ ୫ମ, ମଦର୍ସର ସତ୍ୟମ ସ୍ୱରୂପ ସାହୁ ୬ଷ୍ଠ, ଲଳିତ ରଞ୍ଜନ ସାହୁ ୭ମ, ରୋହିତ ମଲ୍ଲିକ ୮ମ, ସନ୍ ପବ୍ଲିକ୍ର ଶିବାଦିତ୍ୟ ଦାସ ୯ମ ଓ ବଲାଙ୍ଗୀର ଓଏଭିର ଦେବାଂଶ ନାଏକ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍ଆର୍ ଚେସ ସେଣ୍ଟର ଓ ଡି ୱେଙ୍ଗରବିଡ୍ୱେର୍ଙ୍କ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଆଜି କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ସମଗ୍ର ରାଜ୍ୟରୁ ୧୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିଅନ୍ ଶ୍ରଦ୍ଧାଙ୍କୁ ଟ୍ରଫି ସହ ୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।



ମୋଟରେ ୨୦,୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା। ବୋଲି ଆୟୋଜକ ଏସ୍ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।

## ଉଦୟକାନ୍ତ ଜିତିଲେ ରାଜ୍ୟ ସ୍କୁଲ ଓପନ ଚେସ୍

ଭୁବନେଶ୍ୱର,୨୦।୭ (ସମିସ): ଉଦୟକାନ୍ତ ନାୟକ ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍କୁଲ ଓପନ ଚେସ୍ରେ ଟାଇଟଲ ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ଶାନ୍ତନୁ ଇଂଲିଶ ମିଡିୟମ୍ ସ୍କୁଲ୍ର ଛାତ୍ର ଶାନ୍ତନୁ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍ର ସାତ୍ତ୍ୱିକ ସ୍ୱାଇଁ ରନର୍ସ ଅପ୍, ଲୋୟଲା ସ୍କୁଲ୍ର ମନୀଷ ମିଶ୍ର ତୃତୀୟ ଓ ସୁମନ ପ୍ରତୀକ ମିଶ୍ର ଚତୁର୍ଥ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍ର ଏଏ ଦାସ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଦେବାଶିଷ ପାଣିଗ୍ରାହୀ, ସୁଦେଷ୍ଣା ନନ୍ଦ ଓ ବିରଞ୍ଚି ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ଓ ରନର୍ସ ଅପ୍ ସାତ୍ତ୍ୱିକଙ୍କ ଟ୍ରଫି ସହ ୭,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।



## ସୌମ୍ୟଙ୍କୁ ୮୪ତମ ଟାଇଟଲ

ଭୁବନେଶ୍ୱର,୨୦।୭ (ସମିସ): ଅନ୍ତର୍ଜାତୀୟ ଚେସ ଦିବସ ଅବସରରେ ନେକ୍ସସ ଏସ୍ପ୍ଲାନେଡ୍ ମଲ ପରିସରରେ ରବିବାର ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିଅନ ହୋଇଛନ୍ତି। ସୌମ୍ୟଙ୍କର ଏହା ୮୪ତମ ଟାଇଟଲ। ଏହି ଟୁର୍ଣ୍ଣାମେଣ୍ଟରେ ତପନ ବଡମୁଣ୍ଡି, ଫକିର ମାଝୀ, କୌସ୍ତୁଭ ଦାଶ, ମନୀନ୍ଦ୍ର କାର୍ଜୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।






ଅନ୍ତର୍ଜାତୀୟ ଚେସ ଦିବସ ଅବସରରେ ଭୁବନେଶ୍ୱର ପ୍ରୋଚେସ୍ଟା ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରୁଛନ୍ତି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ

### ସାହାଣୀ କପ୍-୨୦୨୫

# ଗଜପତିକୁ ହରାଇଲା ଭୁବନେଶ୍ୱର



କଟକ,୨୦।୭ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ରାଜ୍ୟର ୪ଟି ଜୋନ୍ରେ ଖେଳାଯାଉଛି। ରବିବାର ବ୍ରହ୍ମପୁର ଜୋନରେ ଅନୁଷ୍ଠିତ ଏକ ମ୍ୟାଚରେ ଭୁବନେଶ୍ୱର ୩-୨ ଗୋଲରେ ଗଜପତିକୁ ପରାସ୍ତ କରିଥିଲା। ଖେଳର ଦ୍ୱିତୀୟ ଏବଂ ୩ୟ ମିନିଟରେ ଲଗାତର ଦୁଇଟି ଗୋଲ ସ୍କୋର କରି ଭୁବନେଶ୍ୱର ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ରଖିଥିଲା। ଗୁଲସନ ଡିଗଲ ଏବଂ ବିଘ୍ନେଶ ସାମଲ ପ୍ରଥମ ଦୁଇ ଗୋଲ ଦେଇଥିଲେ। ୨୯ତମ ମିନିଟରେ ଅସୀମ ଡୁଙ୍ଗଡୁଙ୍ଗ'ଙ୍କ ଗୋଲ ସହାୟତାରେ ଭୁବନେଶ୍ୱର ମ୍ୟାଚ୍ରେ ସ୍ଥିତିକୁ ସୁଦୃଢ଼ କରିଥିଲା। ତେବେ ଏହାର ଦୁଇ ମିନିଟ ପରେ ଗଜପତି ଗୋଟିଏ ଗୋଲ୍ ସୁଝାଇବାରେ ସକ୍ଷମ ହୋଇଥିଲା। ଖୁଡିଆ ହାଁସଦା ଏହି ଗୋଲ ସ୍କୋର କରିଥିଲେ। ୩-୧ ସ୍ଥିତିରେ ପ୍ରଥମାର୍ଦ୍ଧର ଖେଳ ସମାପ୍ତ ହୋଇଥିଲା। ପଛୁଆ ଥିବା ଗଜପତି ୬୬ତମ ମିନିଟରେ ଦ୍ୱିତୀୟ ଗୋଲ୍ ଦେଇ ମ୍ୟାଚ୍କୁ ପ୍ରତ୍ୟାବର୍ତ୍ତନର ବାଟ ଫିଟାଇଥିଲା। ଖୁଡିଆ ଦଳ ନିମନ୍ତେ ଦ୍ୱିତୀୟ ଗୋଲ୍ ମଧ୍ୟ ଦେଇଥିଲେ। ତେବେ ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବା ଯୋଗୁଁ ଭୁବନେଶ୍ୱର ବିଜୟ ପଏଣ୍ଟ ହାତେଇଥିଲା। ଏହି ଜୋନରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ରେ ନବରଙ୍ଗପୁର ୨-୧ ଗୋଲରେ ଗଞ୍ଜାମକୁ ହରାଇଛି। କେନ୍ଦୁଝର ଜୋନରେ ଅନୁଗୋଳ ୪-୩ ଗୋଲରେ ଯାଜପୁରକୁ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୧-୦ ଗୋଲରେ କେନ୍ଦୁଝରକୁ, କେନ୍ଦ୍ରାପଡ଼ା ଜୋନରେ କେନ୍ଦ୍ରାପଡ଼ା ୧-୦ ଗୋଲରେ ଜଗତସିଂହପୁରକୁ, ଝାରସୁଗୁଡା ୫-୩ ଗୋଲରେ ଭଦ୍ରକକୁ, ବୌଦ୍ଧ ଜୋନରେ ବଲାଙ୍ଗିର ୩-୧ ଗୋଲରେ ନୂଆପଡାକୁ ହରାଇଥିବା ବେଳେ ବୌଦ୍ଧ ଏବଂ କନ୍ଧମାଳ ବିପକ୍ଷ ମ୍ୟାଚ୍ ଗୋଲ୍ଶୂନ୍ୟ ଭାବେ ଶେଷ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS